بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 6 | ସଂଖ୍ୟା 15

ସାପ୍ତାହିକ ବଦର୍ କାଦିଆନ
Weekly BADAR Qadian Odia

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

15 ଏପ୍ରିଲ୍ 2021 | 15 ଶାହାଦତ୍ 1400 ହି.ଶ | 02 ରମଜାନ୍ 1442 ହି.କ

## ଅଲ୍ଲାଃ ତାଲାଙ୍କ ବାଣୀ

فَاَمَّا الَّذِیۡنَ اٰمَنُوۡا بِاللّٰہِ وَاعۡتَصَمُوۡا بِہٖ فَسَیُدۡخِلُہُمۡ فِیۡ رَحۡمَۃٍ مِّنۡہُ وَفَضۡلٍ ۙ وَّیَہۡدِیۡہِمۡ اِلَیۡہِ صِرَاطًا مُّسۡتَقِیۡمًا

(النساء:176)

ଅନୁବାଦ- ସୁତରାଂ ଯେଉଁମାନେ ଅଲ୍ଲାଃଙ୍କ ଉପରେ ବିଶ୍ୱାସ କରିଛନ୍ତି ଓ (ସେମାନେ) ତାହା ମାଧ୍ୟମରେ (ନିଜକୁ) ସୁରକ୍ଷିତ କରିଛନ୍ତି ସେମାନଙ୍କୁ ସେ ନିଶ୍ଚୟ ନିଜର କରୁଣା ଓ କୃପା ମଧ୍ୟକୁ ପ୍ରବେଶ କରାଇବେ ଏବଂ ସେମାନଙ୍କୁ ନିଜ ଆଡ଼କୁ ଯାଉଥିବା ଏକ ସରଳ ପଥ ପ୍ରଦର୍ଶନ କରାଇବେ ।

*(ଅଲ୍-ନିସା: ୧୭୬)*

## ଅହମଦୀୟା ଖାବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଆ.ବ]ଙ୍କ କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱର[ଆ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଆ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥

**ଯଦି ଆମର ଏହି ସିଲ୍‌ସିଲା (ସମ୍ପ୍ରଦାୟ) ସର୍ବଶକ୍ତିମାନ ଅଲ୍ଲାଃଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇନାହିଁ ତେବେ କୌଣସି ଜାତିର ଇତିହାସରୁ ଆମକୁ ଏପରି ଉଦାହରଣ ଦେଖାଇ ଦିଅନ୍ତୁ ଯେ ଏପରି କିଏ ଥିବ ଯିଏ ଈଶ୍ୱରଙ୍କ ବିରୁଦ୍ଧରେ ମିଥ୍ୟା ରଚନା କରିଥିବ ଓ ତାକୁ ଈଶ୍ୱରଙ୍କ ତରଫରୁ ମହଲତ ମିଳିଥିବ କି ?**

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

### ମିଥ୍ୟାବାଦୀ କଦାପି ସମ୍ମାନ ପାଏନାହିଁ

ଆମେ ଏ କଥା ପ୍ରକାଶ କରିସାରିଛୁ ଯେ ଆମ ଉପରେ ଇଲ୍‌ହାମ୍ (ଐଶିବାଣୀ) ହେବାର ଏବଂ ଈଶ୍ୱରଙ୍କ ସହିତ ବାର୍ତାଳାପ କରିବାର ସୌଭାଗ୍ୟ ମିଳିଅଛି, ଆମର ଏହି ଦାବିକୁ ବହୁ ଦିନ ବିତିଗଲାଣି । ଯଦି ବରାହିନେ ଅହେମଦୀୟାର ପ୍ରକାଶନକୁ ଧରାଯାଏ, ତା'ହେଲେ କୋଡ଼ିଏ ବର୍ଷ ଅତିବାହିତ ହୋଇଗଲାଣି । ଆମ ବିରୋଧିମାନେ ମତେ ମିଥ୍ୟାବାଦୀ ବୋଲି କହୁଛନ୍ତି ଓ ଏହି ସବୁ କଥା ମନଗଢ଼ା ବୋଲି ଅଭିହିତ କରିଛନ୍ତି । ସେମାନଙ୍କୁ କିଏ ପଚାରି ବୁଝନ୍ତୁ ତ ଖୁଦାତାଲା ଏପରି ଜଣେ ମିଥ୍ୟାବାଦୀକୁ ଯିଏ ନିଜ ଉପରେ ଐଶିବାଣୀ ଓ ଈଶ୍ୱରଙ୍କ ସହିତ ବାର୍ତାଳାପ କରିବାର ମନଗଢ଼ା ଦାବି କରିଥାଏ, ତାକୁ ମହଲତ/ଅବସର ଦେଇନଥାଏ । ଏପରି କି ରସୁଲୁଲ୍ଲାଃ ସ:ଆ:ସଙ୍କୁ ମଧ ଅଲ୍ଲାଃ ତାଲା କହିଛନ୍ତି ଯେ ଯଦି ତୁମେ କିଛି କଥା ନିଜ ଆଡୁ ମିଥ୍ୟା ରଚନା କରି କହିଥାନ୍ତି, ତେବେ ଆମ୍ଭେ ନିଶ୍ଚୟ ତୁମର ଜୀବନ ନାଟିକାକୁ ଦକ୍ଷିଣ ହସ୍ତରେ ଧରିପକାଇଥାନ୍ତୁ । ତେଣୁ ଏଠି ଅନ୍ୟ କାହା ପାଇଁ କଣ ରିହାତି ମିଳିପାରେ ? ଏଥିରୁ ସ୍ପଷ୍ଟ ରୂପେ ବୁଝାପଡୁଛି ଯେ ଅଲ୍ଲାଃ ତାଲାଙ୍କ ତରଫରୁ ଐଶିବାଣୀ ପ୍ରାପ୍ତ ହେଉଥିବାର ଯଦି ଜଣେ ବ୍ୟକ୍ତି ମିଥ୍ୟା ଭାବରେ ଦର୍ଶାଏ ତେବେ ସେ କଦାପି ସମ୍ମାନ ପାଇପାରେ ନାହିଁ । ଏବେ ଆମେ ପଚାରିବାକୁ ଚାହୁଁଛୁ ଯେ ଯଦି ଆମର ଏହି ସିଲ୍‌ସିଲା (ସମ୍ପ୍ରଦାୟ) ସର୍ବଶକ୍ତିମାନ ଅଲ୍ଲାଃଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇନାହିଁ ତେବେ କୌଣସି ଜାତିର ଇତିହାସରୁ ଆମକୁ ଏପରି ଉଦାହରଣ ଦେଖାଇ ଦିଅନ୍ତୁ ଯେ ଏପରି କିଏ ଥିବ ଯିଏ ଈଶ୍ୱରଙ୍କ ବିରୁଦ୍ଧରେ ମିଥ୍ୟା ରଚନା କରିଥିବ ଓ ତାକୁ ଈଶ୍ୱରଙ୍କ ତରଫରୁ ମହଲତ ମିଳିଥିବ କି ? ଆମ ପାଇଁ ତ ଏହି ମାନଦଣ୍ଡ ସଷ୍ଟଭାବେ ରହିଛି ଯେ ରସୁଲୁଲ୍ଲାଃ ସ:ଆ:ସ ତେଇଶି ବର୍ଷର ଅବଧି ପାଇଛନ୍ତି ଓ ତାହା ବହୁତ ଲମ୍ବା ଅବଧି ଥିଲା । ଅଲ୍ଲାଃ ତାଲା ମତେ ସେହି ସତ୍ୟବାଦୀ ଓ ପୂର୍ଣ୍ଣ ନବୀଙ୍କୁ ମିଳିଥିବା ଯୁଗର ଅବଧି ସହିତ ପ୍ରାୟ ସମାନ ଅବଧି ପ୍ରଦାନ କରିଛନ୍ତି । କାରଣ ବରାହିନେ ଅହେମଦୀୟା ପ୍ରକାଶ ହେବାକୁ କୋଡ଼ିଏ ବର୍ଷ ବିତିଗଲାଣି । ଯାହା ମୋର ଅଜ୍ଞାନ ସମାଲୋଚନକମାନଙ୍କ ଦୃଷ୍ଟିରେ ଏପରି ସମୟ ଥିଲା ଯେଉଁଥିରେ ମୁଁ ଏହି ଜାଲିଆତି ଆରମ୍ଭ କରିଥିଲି । ଏବେ ତ ମୁଁ ଜଣେ ନୈଷ୍ଠିକ ସତ୍ୟବାଦୀ ବରଂ ସମଗ୍ର ସତ୍ୟବାଦୀମାନଙ୍କ ମଉଡ଼ମଣିଙ୍କ ଯୁଗର ଅବଧି ସହିତ ପ୍ରାୟ ସମାନ ଉପସ୍ଥାପନ କରୁଅଛି, କିନ୍ତୁ ଏହି ନିଷ୍ଠୁର ଲୋକମାନେ ଏପର୍ଯ୍ୟନ୍ତ କହିଚାଲିଛନ୍ତି ଯେ ମୋର ଦାବି ମିଥ୍ୟା ଅଟେ । ବଡ଼ ଦୁର୍ଭାଗ୍ୟଜନକ । ଆମକୁ ମିଥ୍ୟାବାଦୀ ସାବ୍ୟସ୍ତ କରିବାର ମନୋଭବ ପୋଷଣ କରି ଏହି ଲୋକମାନେ ଏତେମାତ୍ରାରେ ଅନ୍ଧ ହୋଇ ଯାଇଛନ୍ତି ଯେ, ତାଙ୍କୁ ଏହା ମଧ ଦେଖାଯାଉନାହିଁ ଯେ ସେମାନେ ଏହି ପଦ୍ଧତିକୁ ଅବଲୋକନ କରିବାରେ ବିଫଳ ହେଉଛନ୍ତି, ଯାହା ରସୁଲୁଲ୍ଲାଃ ସ:ଆ:ସଙ୍କ ଉପରେ ପଡୁଅଛି । କାରଣ କୋଡ଼ିଏ ବାଇଶିବର୍ଷ ପର୍ଯ୍ୟନ୍ତ କଣ ଈଶ୍ୱର ଜଣେ ମିଥ୍ୟାବାଦୀକୁ ସାହାଯ୍ୟ ସହଯୋଗ କରିପାରେ ? ମୁଁ ଏଥିରେ କେବଳ ଆଶ୍ଚର୍ଯ୍ୟ ପ୍ରକଟ କରିପାରେ । ନୁହେଁ ବରଂ ହୃଦୟ ଥରିଯାଉଛି ଯେ ରସୁଲୁଲ୍ଲାଃ ସ:ଆ:ସଙ୍କ ସତ୍ୟତା ପାଇଁ ଏମାନେ କଣ ପ୍ରମାଣ ଉପସ୍ଥାପନ କରିବେ ? ଜଣେ ମୁସଲମାନ, ରସୁଲୁଲ୍ଲାଃ ସ:ଆ:ସଙ୍କ ସଚ୍ଚା ଅନୁଯାୟୀଙ୍କ ମୁହଁରୁ ଯେବେ ସେମାନେ ଏତେ ଲମ୍ବା ସମୟ ପର୍ଯ୍ୟନ୍ତ ଜଣେ ମୁଦେଇ (ଅର୍ଥାତ ଐଶିବାଣୀ ଓ ଈଶ୍ୱରଙ୍କ ସହିତ ବାର୍ତାଳାପ କରିବାର ଦାବିଦାର)ଙ୍କୁ ମହଲତ ମିଳିବାର ଦେଖୁଛନ୍ତି, ସେତେବେଳେ ସେମାନେ କେବେ ବି ଏକଥା କହିପାରିବେ ନାହିଁ ଯେ ଜଣେ ମିଥ୍ୟାବାଦୀକୁ ଏତେ ଲମ୍ବା ସମୟ ମହଲତ ମିଳିପାରେ । ଯଦି ଅନ୍ୟ କୌଣସି ଚିହ୍ନ / ନିଶାନ୍ ଓ ପ୍ରମାଣ ଏପରି ମୁଦେଇଙ୍କ ସତ୍ୟତା ପାଇଁ ନ ମିଳେ ତେବେ ମଧ ଜଣେ ସଚ୍ଚା ମୁସଲମାନ ଉତମ ବିଚାର ଏବଂ ସଙ୍କୋଚତାକୁ ଆଖି ଆଗରେ ରଖି ତାହାଙ୍କ ଉପରେ ସନ୍ଦେହ କରି ତାକୁ ପ୍ରତ୍ୟାଖ୍ୟାନ କରିବା ଠିକ୍ ନୁହେଁ । କାରଣ ତା'ର ଦାବିର ଅବଧି ରସୁଲୁଲ୍ଲାଃ ସ:ଆ:ସଙ୍କ ଦାବିର ଅବଧି ସହିତ ସମାନ ହୋଇଯାଇଛି ।

***(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୨୭୪ ମୁଦ୍ରଣ ପ୍ରକାଶନ ୨୦୧୮ କାଦିୟାନ)***

## ନବୀ ସ:ଆ:ସଙ୍କ ବାଣୀ

### ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କର ତିନୋଟି ଉପଦେଶ

(୧୧୭୮) ହଜ୍‌ରତ୍ ଅବୁ ହୁରୈରାଃ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ମୋର ଅନ୍ତରଙ୍ଗ ବନ୍ଧୁ (ଆଁ ହଜ୍‌ରତ୍ ସ:ଆ:ସ) ମତେ ତିନୋଟି କଥାର ତାଗିଦ୍ କରିଛନ୍ତି ଯାହାକୁ ମୁଁ ମୃତ୍ୟୁ ପର୍ଯ୍ୟନ୍ତ ଛାଡ଼ିବି ନାହିଁ । ପ୍ରତ୍ୟେକ ମାସରେ ତିନି ଦିନ ରୋଜା ରଖିବ, ଚାଶ୍‌ତ ନମାଜ ପାଠ କରିବ ଏବଂ ୱିତର ନମାଜ ପାଠକରି ଶୋଇବ ।

### ନିଜ ଘରକୁ କବରସ୍ଥଳୀ କରନାହିଁ

(୧୧୮୭) ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଉମର୍ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ରସୁଲୁଲ୍ଲାଃ ସ:ଆ:ସ କହିଛନ୍ତି: ନିଜ ଘରେ ମଧ୍ୟ କିଛି ନମାଜ ପଢ଼ିନିଅ ଏବଂ ସେହି (ଘରକୁ) କବରସ୍ଥଳୀ କରନାହିଁ ।

### ମସ୍‌ଜିଦ୍ ହରାମ୍ ଏବଂ ମସ୍‌ଜିଦ୍ ନବୱିର ବୈଶିଷ୍ଟ୍ୟତା

(୧୧୯୦) ହଜ୍‌ରତ୍ ଅବୁ ହୁରୈରାଃ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ନବୀ ସ:ଆ:ସ କହିଛନ୍ତି: କେବଳ ମସ୍‌ଜିଦ୍ ହରାମ୍‌କୁ ବାଦ ଦେବାପରେ (ଅର୍ଥାତ ମସ୍‌ଜିଦ୍ ନବୱି)ରେ ଗୋଟିଏ ବେଳା ନମାଜ ପାଠ କରିବା ହେଉଛି ସେହି ହଜାର ବେଳା ନମାଜ ପଢ଼ିବାଠାରୁ ଉତମ ଯାହା ଅନ୍ୟ ସ୍ଥାନରେ ପାଠ କରାଯାଏ ।

***(ସହି ବୁଖାରୀ, ଖଣ୍ଡ-୨...... ୨୦୦୬)***

**ଇସ୍‌ଲାମ୍ କେବଳ ବ୍ୟକ୍ତିଗତ ସଫଳତା ଉପରେ ବିଶ୍ୱାସ ରଖେନାହିଁ । ଯଦି ଆମେ ପ୍ରତିକ୍ଷେତ୍ରରେ ସମଗ୍ର ଜାତିର ବିକାଶ କରୁନାହେଁ ତେବେ ଆମେ ସଫଳ ହୋଇନାହେଁ । ଲା ତତ୍‌ଗଓ ରେ ଏହି ବିଷୟ ପ୍ରତି ଇଙ୍ଗିତ ରହିଛି ଯେ ଜାତି / ସମ୍ପ୍ରଦାୟ ପ୍ରତି ଧ୍ୟାନ ନଦେବା ହେଉଛି ନିଷ୍ଠୁରତା । କାରଣ ଧ୍ୟାନ ନ ଦେବା ଦ୍ୱାରା ମନ୍ଦକର୍ମ ପୁଣି ଲେଉଟି ଆସିଥାଏ ।**

**ସଫଳତା ହେଉଛି ଏହା କି ସମସ୍ତେ ସଠିକ୍ ମାର୍ଗକୁ ଗ୍ରହଣ କରିନିଅନ୍ତୁ**

ସୟଦନା ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ସୁରଃ ହୁଦ୍‌ର ଆୟତ ନଂ-୧୧୩ **ଫସ୍ତକିମ୍ କମା ଉମିର୍‌ତା ୱମନ୍ ତାବା ମାଆକା ୱଲା ତତ୍‌ଗଓ ଇନ୍ନହୁ ବିମା ତାମଲୁନା ବସିର୍** ର ବ୍ୟାଖ୍ୟା କରି କହିଛନ୍ତି:

ଏହି ଆୟତରେ ଆସନ୍ତା ଭବିଷ୍ୟତ ପିଢ଼ିକୁ ସୁଧାରିବା ଏବଂ ସେମାନଙ୍କର ତର୍‌ବିୟତ୍ (ପ୍ରଶିକ୍ଷଣ) କରିବା ପ୍ରତି ମଧ ସୂଚିତ କରାଯାଇଅଛି । କିନ୍ତୁ ଦୁଃଖର ବିଷୟ ହେଉଛି ଏହା କି ଏକଥା ପ୍ରତି ବହୁତ କମ ଲୋକ ଧ୍ୟାନ ଦେଇଥାନ୍ତି । ବେହ୍‌କି ଶୋଅବଲ୍ ଇମାନ୍‌ରେ ଅବୁ ଅଲୀ ସିରିଙ୍କଠାରୁ ଏହା ବର୍ଣ୍ଣନା କରିଛନ୍ତି ଯେ ଅବୁ ଅଲୀ କହିଲେ: **ରାଅଇତୁ ରସୁଲଲ୍ଲାହି ସ୍ୱଲଲ୍ଲାହୁ ଆଲୈହେ ୱ ସଲ୍ଲମା ରୁୱ୍ୟା ଅନ୍ନକା କୁଲ୍‌ତା ଶୈୟବନିଲ୍ ହୁଦ୍ କାଲା ନାଆମ୍ କୁଲ୍‌ତୁ ମଲ୍ଲଜି ଶୈୟବକା କସସୁଲ୍ ଅମ୍ବିୟାଇ ୱ ହଲାକିଲ୍ ଉମମି କାଲା ଲା ୱଲାକିନ୍ କୌଲୁହୁ ଫସ୍ତକିମ୍ କମା ଉମିର୍‌ତା** ଅର୍ଥାତ: ମୁଁ ନବୀ କରିମ୍ ସ:ଆ:ସଙ୍କୁ ସ୍ୱପ୍ନରେ ଦେଖିଲି ଓ ନିବେଦନ କଲି ହେ ଅଲ୍ଲାଃଙ୍କ ରସୁଲ୍ ! ଲୋକମାନେ କହୁଛନ୍ତି ଯେ ଆପଣ ଏକଥା କହିଛନ୍ତି କି ମତେ ସୁରଃ ହୁଦ୍ ବୁଢ଼ା କରିଦେଲା । ଆପଣ ସ:ଆ:ସ କହିଲେ ହଁ । ପୁଣି ମୁଁ କହିଲି କେଉଁ କଥା ଆପଣଙ୍କୁ ବୁଢ଼ା କରିଦେଲା, ଅମ୍ବିୟା (ନବୀ ଓ ଅବତାର)ମାନଙ୍କ ଜୀବନଚରିତ ବା ସମ୍ପ୍ରଦାୟଗୁଡ଼ିକର ଧ୍ୱସଂ ହେବାର କଥା ? ଆପଣ ସ:ଆ:ସ କହିଲେ, ନା ବରଂ ଏହି ଆୟତ **ଫସ୍ତକିମ୍ କମା ଉମିର୍‌ତୁ** ମତେ ବୁଢ଼ା କରିଦେଇଛି । ଦାରମି ଏବଂ ଅବୁଦାଉଦ୍ ନିଜର ଆଲେଖ୍ୟରେ ଏବଂ ବେହ୍‌କି ଶୋଅବୁଲ୍ ଇମାନ୍‌ରେ କାଆବ୍ ର:ଅଙ୍କଠାରୁ ବର୍ଣ୍ଣନା କରିଛନ୍ତି

ଯେ ରସୁଲୁଲ୍ଲାଃ ସ:ଆ:ସ କହିଲେ **ଇକ୍‌ରଉଲ୍ ହୁ'ଦା ୟୁମଲ୍ ୟୁମୁଆଃ** ଅର୍ଥାତ: ସୁରଃ ହୁଦ୍‌କୁ ଜୁମାଦିନ ପାଠ କର । ଏଥିରୁ ମଧ୍ୟ ଜଣାପଡୁଛି ଯେ ଏହି ଆୟତ୍‌ର ନିଜାମେ ଜମାଅତ୍ ସହିତ ସମ୍ପର୍କ ରହିଛି କାରଣ ଜୁମା ଦିନଟି ମଧ୍ୟ ଇଜ୍‌ତିମା (ଅର୍ଥାତ ଏକତ୍ରିତ ହେବା)ର ଦିନ ।

କେଡ଼େ ଆଶ୍ଚର୍ଯ୍ୟର କଥା ହେଉଛି ଏହା କି ଯେଉଁ ସୁରଃ ରସୁଲୁଲ୍ଲାଃ ସ:ଆ:ସଙ୍କ ପରି ଉଦାର ଓ ବିଶାଳ ହୃଦୟ ରଖିଥିବା ବ୍ୟକ୍ତି ବିଶେଷଙ୍କ ଉପରେ ଏତେ ମାତ୍ରାରେ ପ୍ରଭାବ ପକାଇଲା ଯେ ଆପଣ ସ:ଆ:ସ ବୃଦ୍ଧା ସମୟ ଆସିବା ପୂର୍ବରୁ ବୁଢ଼ା ହୋଇଗଲେ ଓ ତାହା ଆମ ଉପରେ କୌଣସି ପ୍ରଭାବ ପକାଇବ ନାହିଁ ? ଯେବେକି ଆମମାନଙ୍କୁ ଆପଣ ମହାଭାଗ ସ:ଆ:ସଙ୍କଠାରୁ ଅଧିକା ଭୟ କରିବା ଉଚିତ ଥିଲା ଯଦ୍ୱାରା ଆମକୁ ଯେଉଁ ଦାୟିତ୍ୱ ଦିଆଯାଇଅଛି ଆମେ ସେହି କାର୍ଯ୍ୟରେ ସଫଳତା ଲାଭ କରିପାରିବା ।

ଅସଲ କଥା ହେଉଛି ଏହା କି ଇସ୍‌ଲାମ୍ କେବଳ ବ୍ୟକ୍ତିଗତ ସଫଳତା ଉପରେ ବିଶ୍ୱାସ ରଖେନାହିଁ । ଯଦି ଆମେ ପ୍ରତିକ୍ଷେତ୍ରରେ ସମଗ୍ର ଜାତିର ବିକାଶ କରୁନାହେଁ ତେବେ ଆମେ ସଫଳ ହୋଇନାହେଁ । **ଲା ତତ୍‌ଗଓ** ରେ ଏହି ବିଷୟ ପ୍ରତି ଇଙ୍ଗିତ ରହିଛି ଯେ ଜାତି / ସମ୍ପ୍ରଦାୟ ପ୍ରତି ଧ୍ୟାନ ନଦେବା ହେଉଛି ନିଷ୍ଠୁରତା । କାରଣ ଧ୍ୟାନ ନ ଦେବା ଦ୍ୱାରା ମନ୍ଦକର୍ମ ପୁଣି ଲେଉଟି ଆସିଥାଏ । ଜଣେ ବ୍ୟକ୍ତିର ଉଚ୍ଚ ସ୍ଥାନରେ ପହଂଚିଯିବା ଏ ଜଗତ ପାଇଁ ଲାଭପ୍ରଦ ନୁହେଁ କାରଣ ତା'ର ମୃତ୍ୟୁ ହେବା କ୍ଷଣି ସେହି ଅନ୍ଧକାର ପୁଣି ବ୍ୟାପିଯିବ । ସଫଳତା ହେଉଛି ଏହା କି ସମସ୍ତେ ସଠିକ୍ ମାର୍ଗକୁ ଗ୍ରହଣ କରିନିଅନ୍ତୁ ଯଦ୍ୱାରା ମନ୍ଦକାର୍ଯ୍ୟର ମୁଣ୍ଡକୁ ଦଳି ଦିଆଯିବ ଅର୍ଥାତ ମୂଳୋତ୍ପାଟନ କରିଦିଆଯିବ । କିନ୍ତୁ ବିଡ଼ମ୍ବନା ହେଉଛି ଏହା କି ଏପରି ଶିକ୍ଷା ଥିବା ସତ୍ତ୍ୱେ ମୁସଲମାନମାନେ ନା କେବଳ ଧର୍ମ ଶିକ୍ଷା ଆହାରଣ କରିବାରେ ପଛରେ ରହିଯାଇଛନ୍ତି ବରଂ ସାଂସାରୀକ ଶିକ୍ଷା ଗ୍ରହଣ କରିବାରେ ଓ ଉନ୍ନତିମୂଳକ କାର୍ଯ୍ୟରେ ମଧ୍ୟ ସମ୍ପୁର୍ଣ୍ଣରୂପେ ପଛରେ ଅଛନ୍ତି । ସେମାନେ ମାନବଜାତିର କଲ୍ୟାଣରେ ମଧ୍ୟ ବହୁତ କମ ଭାଗିଦାରୀ ହେଉଛନ୍ତି । ଯେବେକି ଅନ୍ୟ ଜାତିର ସାହାସୀ ଲୋକମାନେ ପ୍ରତ୍ୟେକ ବିଭାଗର ଜ୍ଞାନରେ ଉନ୍ନତି ଓ ବିକାଶ କରିବାପାଇଁ ଚେଷ୍ଟା କରୁଛନ୍ତି । ***(ତଫ୍‌ସିର କବୀର, ଖଣ୍ଡ-୩, ପୃ-୨୬୫.....୨୦୧୦)***

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୧ ର ଅବଶିଷ୍ଟାଂଶ ......*

ଆଉ ଜଣେ ଛାତ୍ର ସୟଦ ବୁଖାରୀ ରମିଜ୍ ତାହେର୍ କହିଲା ଯେ, ମତେ ଦୁଆ କରିବାପାଇଁ ଦରଖାସ୍ତ କରିବାକୁ ଅଛି । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, ତୁମେ କାହାର ପୁତ୍ର ? ସେ କହିଲେ ସୟଦ ହସନ୍ ତାହେର୍ ବୁଖାରୀ ସାହେବଙ୍କର ମୁଁ ହେଉଛି ପୁତ୍ର । ସେ Dietzenbach ରେ ମୂରବୀ ଅଛନ୍ତି ।

ହଜୁର ଅନଓ୍ୱର ଅ:ବ:ଅ ତାଙ୍କୁ ପଚାରିଲେ, କଣ ତୁମେ ରଷିୟାନ୍ ଭାଷା ଜାଣିଛ କି ? ସେହି ଛାତ୍ର ଜଣକ କହିଲେ, ହଁ ମୁଁ ରଷିୟାନ୍ ଭାଷା ଜାଣିଛି । ହଜୁର ତାଙ୍କ ବାପାଙ୍କ ସମ୍ବନ୍ଧରେ ମଧ୍ୟ ପଚାରି ବୁଝିଲେ, କାରଣ ତାଙ୍କ ବାପାଙ୍କ ହାର୍ଟ ଅପରେସନ୍ ହୋଇଥିଲା । ସେହି ଛାତ୍ରଜଣକ ପଚାରିଲେ ଯେ, ଜଣେ ଝିଅପିଲା ଆଜିକାଲି ପୃଥିବୀରେ ବହୁତ ପ୍ରଶିଦ୍ଧ ହୋଇଛନ୍ତି ତାଙ୍କ ନାମ ହେଉଛି Greta Thunburg । ଖବରକାଗଜଗୁଡ଼ିକରେ ତାଙ୍କର ନାମର ଚର୍ଚ୍ଚା ବହୁମାତ୍ରାରେ କରାଯାଉଅଛି । ବଡ଼ ବଡ଼ ଅନୁଷ୍ଠାନଗୁଡ଼ିକରେ ସେ ଗ୍ଲୋବଲ୍ ଓ୍ୱାର୍ମିଙ୍ଗ ସମ୍ବନ୍ଧରେ ଭାଷଣ ଦେଉଛନ୍ତି । କ୍ଲାଇମେଟ୍ ପରିବର୍ତ୍ତନର ସେ କ୍ୟାମ୍ପେନିଙ୍ଗ ଚଲାଉଛନ୍ତି । ତାଙ୍କ ସମ୍ବନ୍ଧରେ ହଜୁରଙ୍କର ମତ କଣ । ହଜୁର ଅନଓ୍ୱର ଅ:ବ:ଅ କହିଲେ, ଦେଖନ୍ତୁ ତାଙ୍କ ମନରେ ଗୋଟିଏ ଭଲ କଥା ଆସିଛି ଅଲ୍ଲାଃ ତାଲା ତାଙ୍କୁ ସେ ସାମର୍ଥ୍ୟ ଓ ଶକ୍ତି ଦେଇଛନ୍ତି ଯେ ସେ କହିପାରୁଛନ୍ତି ଓ ବଡ଼ ମାନଙ୍କୁ ଏକଥା ସେ କହୁଛନ୍ତି ଯେ, ତୁମେମାନେ ଆମ ଭବିଷ୍ୟତ ପାଇଁ ଆମ ଧ୍ୱସଂର ସାମାନ୍ ତିଆରି କରୁଛ ଓ ତାଙ୍କ କହିବାର ଶୈଳୀ ମଧ୍ୟ ବହୁତ ଭଲ । ଯଦି ସେ ଏହା କରିନିଅନ୍ତି ତାହେଲେ ବହୁତ ଭଲ ହେବ । ବାକି ଗ୍ଲୋବାଲ୍ ଓ୍ୱାମିଙ୍ଗ ତ ବଢ଼ି ବଢ଼ି ଚାଲିଛି କିନ୍ତୁ ଯେଉଁ ଯୁଦ୍ଧ ହେଉଅଛି ଦୁଆ କରନ୍ତୁ ଯେ, ଏ ଯୁଦ୍ଧ ସବୁ ନ ହେଉ । ଗ୍ଲୋବାଲ୍ ଓ୍ୱାମିଙ୍ଗର ଯେଉଁ ପ୍ରଭାବ ପଡୁଛି ଏତଦ୍‌ଦ୍ୱାରା ଶହେ ବର୍ଷ ପରେ ଏ ଦୁନିଆ ଶେଷ ହୋଇଯିବ । କିନ୍ତୁ ଯଦି ବିଶ୍ୱଯୁଦ୍ଧ ହୋଇଯାଏ ତା ପୂର୍ବରୁ ହିଁ ଏ ସଂସାର ଲୋପ ପାଇଯିବ । ତେଣୁ ସେଥିସକାଶେ ଦୁଆ କରିବା ଉଚିତ । ବାକି ସେହି ଝିଅ ପିଲାଟି ବହୁତ ସୁନ୍ଦର ଶୈଳୀରେ ଭାଷଣ ଦେଉଛନ୍ତି । ତେଣୁ ତୁମେମାନେ ମଧ୍ୟ ତାଙ୍କଠାରୁ ଭାଷଣ ଦେବାର ଶୈଳୀ ଶିଖିବା ଉଚିତ । ସେ ବହୁତ ନିର୍ଭିକ ଭାବରେ ଲୋକମାନଙ୍କର ସମ୍ମୁଖରେ ବସି କହୁଛନ୍ତି ।

ଆଉ ଜଣେ ଛାତ୍ର ଅଦିଲ୍ ଅହେମଦ୍ ବାଜଓ୍ୱା କହିଲେ ଯେ, ସେ ୨୦୧୫ ମସିହାରେ ଟୋବାଟେକ୍‌ସିଙ୍ଘ ପାକିସ୍ତାନରୁ ଜର୍ମାନୀ ଆସିଥିଲେ । ମୁଁ ଦୁଆ କରିବା ପାଇଁ ଦରଖାସ୍ତ କରୁଅଛି, ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଅଲ୍ଲାଃ ତାଲା କୃପା କରନ୍ତୁ । ହଜୁର ଅନଓ୍ୱର ଅ:ବ:ଅ ବହୁତ ସ୍ନେହର ସହିତ କହିଲେ, ଯିଏ ସ୍ୱାସ୍ଥ୍ୟବାନ ସିଏ ଛିଡ଼ା ହୋଇଯାଅ ! ଏଥିରେ ଜଣେ ଛାତ୍ର ଛିଡ଼ା ହେଲେ ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, ଏଥିରୁ ଜଣାପଡୁଛି ଯେ, ତୁମଠାରୁ ଅଧିକ ସ୍ୱାସ୍ଥ୍ୟବାନ ଏ ଜାମିୟାରେ ଆଉ କେହି ନାହାନ୍ତି । କାରଣ ସ୍ୱାସ୍ଥ୍ୟବାନ କହିବା କ୍ଷଣି ତୁମେ ଛିଡ଼ା ହୋଇଗଲ ।

ସେହି ଛାତ୍ରଜଣକ କହିଲେ ଯେ, ମୋର ଜନ୍ମ ମର୍‌ଦାନ୍‌ରେ ହୋଇଛି ମୁଁ ୨୦୧୪ ମସିହାରେ ଜର୍ମାନୀ ଆସିଛି । ମୋ ଅଢ଼େଇ ବର୍ଷର ଝିଅ ପାଇଁ ଦୁଆ କରିବାକୁ ଦରଖାସ୍ତ କରୁଛି । ହଜୁର ଅନଓ୍ୱର ଅ:ବ:ଅ ତାଙ୍କୁ ବହୁତ ସ୍ନେହର ସହିତ କହିଲେ, ତୁମର ବନ୍ଧୁବାନ୍ଧବମାନ ସେଠୀମାନଙ୍କ ମଧ୍ୟରେ ଅଛନ୍ତି ବା ଶେଖ୍ ମାନଙ୍କ ମଧ୍ୟରେ ଅଛନ୍ତି । ଏଥିରେ ସେ କହିଲେ ଯେ, ତାହା ହେଉଛି ମୋ ଅଜାଘର ଏଥିରେ ହଜୁର ଅନଓ୍ୱର ଅ:ବ:ଅ ଅଳ୍ପ ଟିକିଏ ହସି ଦେଇ କହିଲେ ସେଥିପାଇଁ ତୁମେ ଟିକିଏ ସ୍ୱାସ୍ଥ୍ୟବାନ ଅଛ ।

ଏହାପରେ ପ୍ରୋଗ୍ରାମ ମୁତବାକ ଗ୍ରୁପ ଫଟୋ ନିଆଗଲା । ଜାମିୟା ଅହେମଦୀୟାର ପ୍ରତ୍ୟେକ କ୍ଲାସ୍‌ର ଛାତ୍ରମାନେ ଅଲଗା ଅଲଗା ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ସେହିଭଳି ଶିକ୍ଷକମାନେ ଓ ଜାମିୟାର କର୍ମୀମାନେ ଦଳଗତ ଭାବେ ଅଲଗା ଅଲଗା ଫଟୋ ଉଠାଇବାର ସୌଭାଗ୍ୟ ପାଇଲେ । ଶେଷରେ ଜାମିୟା ଅହେମଦୀୟାର ସମସ୍ତ ଛାତ୍ରଗଣ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଗୋଟିଏ ଗ୍ରୁପ୍ ଫଟୋ ଉଠାଇଲେ ।

ତା'ପରେ ହଜୁର ଅନଓ୍ୱର ଅ:ବ:ଅ ପ୍ରିନ୍ସିପାଲ୍ ଅଫିସ୍ ଏବଂ ଅନ୍ୟାନ୍ୟ ଅଫିସ୍‌ଗୁଡ଼ିକ, ଷ୍ଟାଫ୍ ରୁମ୍ ଏବଂ କ୍ଲାସ୍ ରୁମ୍‌ର ପିରଦର୍ଶନ କଲେ । କ୍ଲାସ୍ ରୁମ୍ ପରିଦର୍ଶନ କରିବା ସମୟରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ଏହି କ୍ଲାସ୍‌ରୁମ୍‌ଗୁଡ଼ିକରେ ଥିବା ମେଜ୍‌ଗୁଡ଼ିକ ଠିକ୍ ନାହିଁ । ଏଥିରେ ଛାତ୍ରମାନଙ୍କର ହାତ ଥକିଯାଉଥିବ, ତେଣୁ ଡ଼େସ୍କ ଟାଇପ୍‌ର ଟେବୁଲ୍ ହେବା ଉଚିତ ।

ହଜୁର ଅନଓ୍ୱର ଅ:ବ:ଅ ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସ ଏବଂ ଖଲିଫାମାନଙ୍କ ଫଟୋ ସମ୍ବନ୍ଧରେ କହିଲେ ଯେ, ନୂଆ ହିଦାୟତ୍ ମୁତାବକ ଫଟୋ ଲଗାନ୍ତୁ ।

ଆଜିର ଏହି ପ୍ରୋଗ୍ରାମରେ ଶିକ୍ଷକ ଓ ଅନ୍ୟାନ୍ୟ କର୍ମୀମାନଙ୍କ ଫ୍ୟାମିଲିଗୁଡ଼ିକୁ ମଧ୍ୟ ନିମନ୍ତ୍ରଣ ଦିଆଯାଇଥିଲା । ଓ ସେମାନଙ୍କର ଖାଇବାର ବ୍ୟବସ୍ଥା ଡ଼ାଇନିଙ୍ଗ ହଲ୍‌ରେ କରାଯାଇଥିଲା । ହଜୁର ଅନଓ୍ୱର ଅ:ବ:ଅ କିଛି ସମୟ ପାଇଁ ଲଜ୍‌ନାମାନେ ଯେଉଁ ସ୍ଥାନରେ ଥିଲେ ସେ ଆଡ଼କୁ ମଧ୍ୟ ଗଲେ ।

ତା'ପରେ ହଜୁର ଅନଓ୍ୱର ଅ:ବ:ଅ ଜାମିୟାରେ ଥିବା କିଚେନ୍, ଷ୍ଟୋର୍ ଏବଂ କୁଲ୍ ହାଉସ୍ ମଧ୍ୟ ପରିଦର୍ଶନ କଲେ । କିଚେନରେ ତାଜା ବାୟୁ ଚଳାଚଳ ଏବଂ Exhaust ଫ୍ୟାନ୍‌ର ବ୍ୟବସ୍ଥା ବିଷୟରେ ଅନୁଧ୍ୟାନ କଲେ ଏବଂ ମେସ୍‌ର ନିରିକ୍ଷଣ ହଫିଜୁଲ୍ଲାଃ ଭେର୍‌ଓ୍ୱାନା ସାହେବ୍‌ଙ୍କୁ ନିର୍ଦ୍ଦେଶ ଦେଲେ ଏବଂ କିଚେନ୍‌ରେ କାର୍ଯ୍ୟ କରୁଥିବା କର୍ମୀମାନଙ୍କୁ ମଧ୍ୟ ଖାଇବା ସମ୍ବନ୍ଧରେ କିଛି ଉପଦେଶ ଦେଲେ ।

କିଚେନ୍ ପରିଦର୍ଶନ କରିବାପରେ ହଜୁର ଅନଓ୍ୱର ଅ:ବ:ଅ ଜାମିୟାର ଲାଇବ୍ରେରୀ ରୁମ୍ ଦେଖିବାକୁ ଗଲେ ଓ ସେହି ଲାଇବ୍ରେରୀରେ ଥିବା ପୁସ୍ତକମାନଙ୍କର ସଂଖ୍ୟା ବିଷୟରେ ପଚାରି ବୁଝିଲେ । ଏଥିରେ ମୁହମ୍ମଦ ଇଲିଆସ୍ ମୁନୀର ସାହେବ୍ ବତାଇଲେ ଯେ, ଏ ଲାଇବ୍ରେରୀରେ ଅଲ୍ଲାଃ ତାଲାଙ୍କ କୃପାରୁ ପ୍ରାୟ ୧୫ହଜାର ପୁସ୍ତକ ରହିଛି ଯେବେକି ଯେତେବେଳେ ଉଦ୍‌ଘାଟନ କରାଯାଇଥିଲା ସେତେବେଳେ ତିନି ଚାରିହଜାର ପୁସ୍ତକ ଥିଲା ।

ହଜୁର ଅନଓ୍ୱର ଅ:ବ:ଅ ହଦିସ୍‌ର ପୁସ୍ତକ ବିଶେଷରୂପେ ଯମାତ୍ ତରଫରୁ ପ୍ରକାଶିତ ସହୀ ବୁଖାରୀ ଏବଂ ସହୀ ମୁସ୍‌ଲିମ୍ ତତ୍‌ସହିତ ଖୁତ୍‌ବାତେ ମସ୍‌ରୁର୍ ପୁସ୍ତକ ସମ୍ବନ୍ଧରେ ଜାଏଜା ନେଲେ । ଏବଂ ସେଗୁଡ଼ିକୁ ଅପଡ଼େଟ କରିବାପାଇଁ ନିର୍ଦ୍ଦେଶ ଦେଲେ ।

ଲାଇବ୍ରେରୀ ପରିଦର୍ଶନ କରିବାପରେ । ଠିକ୍ ୪:୫୦ ମିନିଟରେ ହଜୁର ଅନଓ୍ୱର ଅ:ବ:ଅ ଜାମିୟାରୁ ବଇତୁସ୍ ସବୁହ୍ ନିମନ୍ତେ ବାହାରିଲେ । ଛାତ୍ରମାନେ ବିଦାୟମୂଳକ ପ୍ରାର୍ଥନା ନଜମ୍ ପାଠ କରି ପ୍ରୀୟ ଆକାଙ୍କୁ ବିଦାୟ ଦେଲେ । ପ୍ରାୟ ୫୦ ମିନିଟ ଯାତ୍ରା କରିବାପରେ ଠିକ୍ ୫:୪୦ ମିନିଟରେ ବଇତୁସ୍ ସବୁହଠାରେ ହଜୁର ପଦାର୍ପଣ କଲେ । ତା'ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

ହଜୁର ଅନଓ୍ୱର ଅ:ବ:ଅ ଦଫ୍‌ତରୀ କାର୍ଯ୍ୟ ସମ୍ପାଦନ କରିବାରେ ବ୍ୟସ୍ତ ରହିଲେ । ତା'ପରେ ଠିକ୍ ଆଠଟା ବେଳେ ହଜୁର ଅନଓ୍ୱର ଅ:ବ:ଅ ନମାଜ ମଗ୍‌ରିବ୍ ଏବଂ ଇଶା ଜମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

*କ୍ରମଶଃ......*

## ଜରୁରୀ ଘୋଷଣା

### ହଜୁର ଅନଓ୍ୱର ଆପଣମାନଙ୍କ ଚିଠି ଦେଖୁଛନ୍ତି ଓ ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି ।

ଯେଉଁମାନେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦୁହୁଲ୍ଲାହୁ ତାଲାଙ୍କ ପବିତ୍ର ଗୋଚରେ ଚିଠି ଲେଖୁଛନ୍ତି ସେହି ସମସ୍ତ ପୁରୁଷ ଓ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି ଯେ:-

ସେମାନଙ୍କର ସମସ୍ତ ଚିଠି ନିତ୍ୟାନୁସାରେ ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲାଙ୍କ ଗୋଚରେ ପେଶ୍ କରାଯାଉଅଛି । ଯଦିଚ କରୋନା ଭାଇରସ ଯୋଗୁଁ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି, ସେଥିଯୋଗୁଁ ଚିଠିର ଉତର ଲେଖୁଥିବା ସଦସ୍ୟମାନଙ୍କ ସଂଖ୍ୟା କମ୍ କରିଦିଆ ଯାଇଅଛି ତେଣୁ ସେହି ସମସ୍ତ ଚିଠିର ଗୋଟି ଗୋଟି କରି ଉତର ପଠାଇବା ସମ୍ଭବ ନୁହେଁ । ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲା ଆପଣମାନଙ୍କ ଚିଠି ପଢ଼ି ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି । ଅଲ୍ଲାଃ ତାଲା କୃପା ଓ ଦୟା କରନ୍ତୁ, ଏହି ମହାମାରୀ ଏବଂ ଅନ୍ୟାନ୍ୟ ସମସ୍ତ ବିପଦ ଆପଦରୁ ପ୍ରତ୍ୟେକଙ୍କୁ ବଂଚାନ୍ତୁ । ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ଏବଂ ସର୍ବଦା ତାହାଙ୍କ ପ୍ରେମପୂର୍ଣ୍ଣ ଦୃଷ୍ଟି ଆପଣମାନଙ୍କ ଉପରେ ପଡୁଥାଉ ।

*(ମୁନିର୍ ଅହ୍‌ମଦ୍ ଜାଓ୍ୱେଦ୍, ପ୍ରାଇଭେଟ୍ ସେକ୍ରେଟାରୀ)*

# : ଖୁତ୍‌ବା ଜୁମା :

**ହଜ୍‌ରତ୍ ଉସ୍‌ମାନ୍ ର:ଅ କହିଛନ୍ତି: କୌଣସି ସମ୍ପ୍ରଦାୟ ବିନା ସର୍ଦ୍ଦାର ଅର୍ଥାତ ବିନା ଦଳପତିରେ ଉନ୍ନତି କରିପାରିବ ନାହିଁ । ଯଦି କୌଣସି ଇମାନ୍ ନାହାନ୍ତି ତେବେ ଜମାତ୍‌ର ସମସ୍ତ କାର୍ଯ୍ୟ ଖରାପ ଏବଂ ବର୍‌ବାଦ୍ ହୋଇଯିବ ।**

**ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ମହାନ ପଦମର୍ଯ୍ୟାଦା ସମ୍ପନ୍ନ ଖଲିଫା ରାଶିଦ୍ ଜୁନ୍ ନୁରୈନ୍ ହଜ୍‌ରତ୍ ଉସ୍‌ମାନ୍ ବିନ୍ ଅଫାନ୍ ର:ଅଙ୍କ ବିଶେଷ ଗୁଣାବଳୀର ଚର୍ଚ୍ଚା ।**

**ହଜ୍‌ରତ୍ ଅଲୀଙ୍କୁ ୱସି ଅର୍ଥାତ ଆଁ ହଜ୍‌ରତ୍ ସ:ଆ:ସଙ୍କ ବାସ୍ତବିକ ଉତରାଧିକାରୀ ହେବାର ଦାବି କରୁଥିବା ଲୋକମାନଙ୍କ ଦଳ ସତ୍ୟ ପାଇଁ ଓ ଅହ୍‌ଲେ ବୟତର ପ୍ରେମ ପାଇଁ ନିଜ ଘରୁ ବାହାରି ନଥିଲେ ବରଂ ଏହି ଲୋକମାନେ ନିଜର ସ୍ୱାର୍ଥକୁ ପୂରଣ କରିବା ପାଇଁ ଆସିଥିଲେ ।**

---

**ଚାରିଜଣ ମର୍‌ହୁମିନ୍ ମୋକରମ୍ ମୌଲବୀ ମୁହମ୍ମଦ୍ ନଜିବ୍ ଖାନ୍ ସାହେବ୍ ନାଏବ ନାଜିର୍ ଦାୱତେ ଇଲଲ୍ଲାଃ ଜୁନୁବି ହିନ୍ଦ କାଦିଆନ୍, ମୋକରମ୍ ନଜିର୍ ଅହ୍‌ମଦ୍ ଖାଦିମ୍ ସାହେବ ସୁପୁତ୍ର ଚୌଧୁରୀ ଅହ୍‌ମଦ୍ ଦୀନ୍ ସାହେବ ଚଠା, ଅଲ୍‌ହାଜ୍ ଡ଼ାକ୍ତର ନାନ ମୁସ୍ତଫା ଅଓଟା ବୁଆଟିଙ୍ଗ ସାହେବ୍ ଅଫ୍ ଘାନା ଏବଂ ମୋକରମ୍ ଗୁଲାମ୍ ନବୀ ସାହେବ ସୁପୁତ୍ର ଫଜଲ ଦୀନ୍ ସାହେବ୍ ରବୱାଙ୍କର ଉତମ ଗୁଣାବଳୀର ଚର୍ଚ୍ଚା ଓ ନମାଜ ଯନାଜାଃ ଗାଏବ୍ ପାଠ ।**

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ.ବ**
**(ପ୍ରଦତ୍: ୦୫ ମାର୍ଚ୍ଚ ୨୦୨୧ ଅନୁଯାୟୀ ୦୫ ଅମାନ୍ ୧୪୦୦ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

أَشْهَدُ أَنْ لَا إِلٰهَ إِلَّا اللّٰهُ وَحْدَهُ لَا شَرِيكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُولُهُ
أَمَّا بَعْدُ فَأَعُوذُ بِاللّٰهِ مِنَ الشَّيْطٰنِ الرَّجِيمِ- بِسْمِ اللّٰهِ الرَّحْمٰنِ الرَّحِيمِ-
اَلْحَمْدُ لِلّٰهِ رَبِّ الْعٰلَمِيْنَ- الرَّحْمٰنِ الرَّحِيْمِ- مٰلِكِ يَوْمِ الدِّيْنِ- إِيَّاكَ نَعْبُدُ وَإِيَّاكَ نَسْتَعِيْنُ-
اِهْدِنَا الصِّرَاطَ الْمُسْتَقِيْمَ- صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ-

ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ବିରୋଦ୍ଧରେ ଯେଉଁ ଉପଦ୍ରବ ସୃଷ୍ଟି ହୋଇଥିଲା ତାହାର ଚର୍ଚ୍ଚା ଅଭ୍ୟାହତ ରହିଥିଲା । ଏ ସଂକ୍ରାନ୍ତରେ ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ଅତିରିକ୍ତ ଚର୍ଚ୍ଚା କରିଛନ୍ତି ଏବଂ ଅଧିକାଂଶ ଉଦାହରଣ ତବ୍‌ରି ନାମକ ପୁସ୍ତକରୁ ଉଦ୍ଧୃତ କରି ଏହାର ବିଶ୍ଳେଷଣ କରିଛନ୍ତି କିମ୍ବା ତଦନୁଯାୟୀ ନିଜସ୍ୱ ଚିନ୍ତାଧାରାକୁ ଉପସ୍ଥାପିତ କରିଛନ୍ତି । ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ କୁହନ୍ତି ଯେ ଏହି ତିନିଜଣ ବ୍ୟକ୍ତି ଅର୍ଥାତ ମୁହମ୍ମଦ ବିନ୍ ଅବୁବକର, ମୁହମ୍ମଦ ବିନ୍ ହୁଜୈଫା ଏବଂ ଅମାର୍ ବିନ୍ ୟାସିର୍, ଏମାନେ ବିଦ୍ରୋହିମାନଙ୍କ କଥାରେ ପଡ଼ି ସେମାନଙ୍କ ସହିତ ସାମିଲ ହୋଇଯାଇଥିଲେ । ଏମାନଙ୍କ ବ୍ୟତିତ ମଦିନାର ଅନ୍ୟବ୍ୟକ୍ତିମାନେ ଓ ସାହାବାମାନେ ସେହି ବିଦ୍ରୋହୀମାନଙ୍କ ପ୍ରତି ସହାନୁଭୁତି ଦେଖାଇନଥିଲେ କି ସେମାନଙ୍କ ସହିତ ସାମିଲ ନଥିଲେ ବରଂ ପ୍ରତ୍ୟେକ ବ୍ୟକ୍ତି ସେହି ବିଦ୍ରୋହୀଙ୍କୁ ଅଭିଶାପ ଦେଉଥିଲା ଏବଂ ସେମାନଙ୍କୁ ନିନ୍ଦା ବି କରୁଥିଲା । ସେହି ବିଦ୍ରୋହୀଙ୍କ ହସ୍ତରେ କୌଣସି କ୍ଷମତା ନଥିଲା କି ସେମାନେ କୌଣସି ବ୍ୟକ୍ତିର ନିନ୍ଦାକୁ ଭୃକ୍ଷେପ କରୁନଥିଲେ । ଦୀର୍ଘ ୨୦ ଦିନ ଧରି ସେହି ବିଦ୍ରୋହୀମାନେ ହଜ୍‌ରତ୍ ଉସ୍‌ମାନ ର:ଅଙ୍କୁ ଖିଲାଫତ୍‌ରୁ ଗ୍ୟାଦିଚ୍ୟୁତ କରିବାପାଇଁ ଆପ୍ରାଣ ଉଦ୍ୟମ କରିଥିଲେ କିନ୍ତୁ ହଜ୍‌ରତ୍ ଉସ୍‌ମାନ ର:ଅ ସ୍ୱଷ୍ଟ ଭାବରେ ଖିଲାଫତ୍‌କୁ ତ୍ୟାଗ କରିବାକୁ ପ୍ରତ୍ୟାଖାନ କରିଦେଇଥିଲେ ଏବଂ ହଜ୍‌ରତ୍ ଉସ୍‌ମାନ ର:ଅ କହିଲେ, ଅଲ୍ଲାଃ ତାଲା ମତେ ଯେଉଁ ବସ୍ତ୍ର ପିନ୍ଧାଇଛନ୍ତି ତାହାକୁ ମୁଁ ଓହ୍ଲାଇ ପାରିବିନାହିଁ କି ଆଁ ହଜ୍‌ରତ୍ ସ:ଆ:ସଙ୍କ ଧର୍ମକୁ ମୁଁ ଅସହାୟ ରୂପେ ଛାଡ଼ିପାରିବିନାହିଁ ଯାହାର ମନ ଯାହା ଚାହୁଁଛି ସେ ଅନ୍ୟ ଉପରେ ଅତ୍ୟାଚାର କରୁପଛେ ମୁଁ ଏହାକୁ ଛାଡ଼ି ପାରିବିନାହିଁ । ହଜ୍‌ରତ୍ ଉସ୍‌ମାନ ର:ଅ ସେହି ବିଦ୍ରୋହି ଉପଦ୍ରବୀମାନଙ୍କୁ ବୁଝାଇଲେ ଯେ, ଏହି ବିଦ୍ରୋହମୂଳକ କାର୍ଯ୍ୟରୁ ସେମାନେ ନିବୃତ ରୁହନ୍ତୁ । ହଜ୍‌ରତ୍ ଉସ୍‌ମାନ ର:ଅ କହିଲେ, ଆଜି ଏହି ବିଦ୍ରୋହୀମାନେ ଉପଦ୍ରବ ସୃଷ୍ଟି କରୁଛନ୍ତି ଏବଂ ମୋ ଜୀବନ ଏବଂ ଖିଲାଫତ ପ୍ରତି ବିତୃଷ୍ଣା ଭାବ ପ୍ରଦର୍ଶନ କରୁଛନ୍ତି କିନ୍ତୁ ସେମାନେ ସ୍ମରଣ ରଖନ୍ତୁ ଯେ ଯେତେବେଳେ ମୁଁ ଏହି ଦୁନିଆରେ ନଥିବି ସେତେବେଳେ ସେମାନେ ଏହି ଇଚ୍ଛା ପ୍ରକାଶ ଏବଂ ଅବଶୋଷ କରିବେ ଯେ, ଏପରି ହୁଅନ୍ତା କି ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ଖିଲାଫତ୍‌ରେ ଗୋଟିଏ ଗୋଟିଏ ଦିନ ଗୋଟିଏ ଗୋଟିଏ ବର୍ଷ ପାଲଟି ଯାଆନ୍ତା କି ଏବଂ ସେ ଆମମାନଙ୍କଠାରୁ ଶିଘ୍ର ବିଦାୟ ନ ନିଅନ୍ତେ କି ! କାରଣ ସେ କହିଥିଲେ ମୋ ପରେ ବିଦ୍ରୋହୀମାନେ ଅତ୍ୟନ୍ତ ବିଭତ୍ସ କାଣ୍ଡ ଭିଆଇବେ ଏବଂ ଲୋକମାନଙ୍କର ଅଧିକାର ନଷ୍ଟ ହୋଇଯିବ ଏବଂ ପ୍ରଶାସନିକ ସ୍ତରରେ ପରିବର୍ତନ ଦେଖାଯିବ । ଅତଏବ ବନୁ ଉମୈୟା କାଳରେ ଖିଲାଫତ୍ ପ୍ରଶାସନିକ ସ୍ତରକୁ ରୁପାନ୍ତରିତ ହୋଇଥିଲା ଏବଂ ସେହି ଉପଦ୍ରବି ବିଦ୍ରୋହୀମାନଙ୍କୁ ଏଭଳି ଶାସ୍ତି ମିଳିଲା ଯେ, ସେମାନେ ନିଜର ସମସ୍ତ ଉପଦ୍ରବ ଓ ବିଦ୍ରୋହକୁ ଭୁଲିଗଲେ ।

ସେ ଯାହା ହେଉ ନା କାହିଁକି ୨୦ ଦିନ ବିତିଯିବା ପରେ ସେହି ଉପଦ୍ରବୀ ବିଦ୍ରୋହୀମାନଙ୍କୁ ଚିନ୍ତା ଘାରିଲା ଯେ, ହଜ୍‌ରତ୍ ଉସ୍‌ମାନ ର:ଅଙ୍କର ସଂକ୍ରାନ୍ତରେ ଯଥାଶିଘ୍ର କୌଣସି ନିଷ୍ପତି ନନେଲେ ଅନ୍ୟ ପ୍ରଦେଶଗୁଡ଼ିକରୁ ସୈନ୍ୟମାନେ ଆସି ପହଂଚିଯିବେ ଓ ଆମକୁ ଆମ କୁକର୍ମର ଦଣ୍ଡ ମିଳିଯିବ । ସେହି ବିଦ୍ରୋହୀମାନେ ଭଲଭାବରେ ଜାଣିଥିଲେ ଯେ, ଆମେମାନେ ଅସତ୍ ମାର୍ଗରେ ଅଛୁ ଏବଂ ସଂଖ୍ୟାଗରିଷ୍ଠ ମୁସଲମାନମାନେ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ସପକ୍ଷରେ ଅଛନ୍ତି । ତେଣୁ ସେହି ବିଦ୍ରୋହୀମାନେ ହଜ୍‌ରତ୍ ଉସ୍‌ମାନ ର:ଅଙ୍କୁ ଘରୁ ବାହାରକୁ ବାହାରିବାକୁ ଦେଲେ ନାହିଁ ଏବଂ ହଜ୍‌ରତ୍ ଉସ୍‌ମାନ ର:ଅଙ୍କର ଖାଦ୍ୟପେୟ ପଦାର୍ଥକୁ ମଧ୍ୟ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ଘରକୁ ପହଂଚାଇବାକୁ ଦେଲେନାହିଁ । ସେମାନେ ଏହା ମନେ କଲେ ଯେ, ବୋଧ ହୁଏ ଏପରି କରିବା ଦ୍ୱାରା ହଜ୍‌ରତ୍ ଉସ୍‌ମାନ ର:ଅ ବାଧ୍ୟ ହୋଇ ସେମାନଙ୍କର ଦାବିଗୁଡ଼ିକୁ ଗ୍ରହଣ କରିନେବେ କିନ୍ତୁ ହଜ୍‌ରତ୍ ଉସ୍‌ମାନ ର:ଅ ଏହା କହୁଥିଲେ ଯେ ଅଲ୍ଲାଃ ତାଲା ମତେ ଯେଉଁ ବସ୍ତ୍ର ପିନ୍ଧାଇଛନ୍ତି ମୁଁ ତାହାକୁ କିପରି ଓହ୍ଲାଇ ପାରିବି ? ସେ ଯାହା ହେଉ ନା କାହିଁକି ମଦିନାର ପ୍ରଶାସନିକ ଦାୟିତ୍ୱ ବିଦ୍ରୋହୀଙ୍କ ହସ୍ତରେ ହିଁ ରହିଥିଲା ଏବଂ ସେମାନେ ମିଶରୀୟ ସୈନ୍ୟର୍ର ସର୍‌ଦାର୍ ସହିତ ମିଶି ଗାଫିକିଙ୍କୁ ନିଜର ନେତା ରୂପେ ଗ୍ରହଣ କରିନେଇଥିଲେ । କହିବାକୁ ଗଲେ ସେତେବେଳେ ମଦିନାର ଶାସକ ଗାଫିକି ହିଁ ଥିଲା ଏବଂ କୁଫା ସୈନ୍ୟଦଳର ସର୍‌ଦାର୍ ଅଶ୍‌ତର୍ ଥିଲା ଏବଂ ବସ୍‌ରା ସେନାଦଳର ସର୍‌ଦାର୍ ହକିମ୍ ବିନ୍ ଜବ୍‌ଲା ଥିଲା । ହକିମ୍ ବିନ୍ ଜବ୍‌ଲା ହିଁ ସେହି ଡ଼ାକୁ ଥିଲା । ଯାହାକୁ ହଜ୍‌ରତ୍ ଉସ୍‌ମାନ ର:ଅ ବସ୍‌ରାରେ ନଜର ବନ୍ଦୀ କରିବାପାଇଁ ଆଦେଶ ଦେଇଥିଲେ । ଏହି ହକିମ୍ ବିନ୍ ଜବ୍‌ଲା ବସ୍‌ରାର ନେତା ହୋଇଯାଇଥିଲା ଅତଏବ ଗାଫିକି ଏବଂ ଅଶ୍‌ତର ଉଭୟ ହକିମ୍ ବିନ୍ ଜବ୍‌ଲା ପାଇଁ କାମ କରୁଥିଲେ । ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ କୁହନ୍ତି ଯେ ପୁଣିଥରେ ଏହା ପ୍ରମାଣିତ ହୋଇଗଲା ଯେ, ଉକ୍ତ ଉପଦ୍ରବ ପଛରେ ଏହି ମିଶରୀୟମାନେ ହିଁ ଥିଲେ ଯାହାଙ୍କ ସହିତ ଅବ୍‌ଦୁଲ୍ଲାଃ ବିନ୍ ସବା କାମ କରୁଥିଲା ।

ଆଁ ହଜ୍‌ରତ୍ ସ:ଆ:ସ ସାହାବାମାନେ ନିଜ ନିଜର ଘରେ ଗୃହବନ୍ଦୀ ପରି ଜୀବନ ଅତିବାହିତ କରୁଥିଲେ କିମ୍ବା ଗାଫିକି ପଛରେ ନମାଜ ପଢ଼ିବାକୁ ବାଧ୍ୟ ଥିଲେ କାରଣ ମସ୍‌ଜିଦ୍ ନବୱିରେ ଗାଫିକି ନମାଜ ପଢ଼ାଉଥିଲା । ଯେପର୍ଯ୍ୟନ୍ତ ସେହି ବିଦ୍ରୋହୀମାନେ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ଘରର ଘେରାଉ କରିବାର ନିଷ୍ପତି କରିନଥିଲେ ସେ ପର୍ଯ୍ୟନ୍ତ ଲୋକମାନଙ୍କ ସହିତ ସଂଘର୍ଷ କରୁନଥିଲେ । କିନ୍ତୁ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ଘରର ଘେରାଉ କରିବାପରେ ସେହି ଉପଦ୍ରବୀମାନେ ଅନ୍ୟ ଲୋକମାନଙ୍କ ଉପରେ ମଧ୍ୟ କଠୋରତା ଆରମ୍ଭ କରିଦେଇଥିଲେ । ବର୍ତମାନ ମଦିନା ମନୱାରା ଶାନ୍ତିର ପୀଠ ପରିବର୍ତେ ଯୁଦ୍ଧସ୍ଥଳୀ ପାଲଟି ଯାଇଥିଲା । ମଦିନାବାସୀଙ୍କ ସମ୍ମାନ ଓ ଗାରିମା ବିପଦରେ ପଡ଼ିଯାଇଥିଲା ଏବଂ କୌଣସି ବ୍ୟକ୍ତି ଘରୁ ବିନା ଅସ୍ତ୍ରଶସ୍ତ୍ର ନେଇ ବାହାରକୁ ବାହାରୁନଥିଲେ ଏବଂ ଯେଉଁ ବ୍ୟକ୍ତି ସେମାନଙ୍କର ମୁକାବିଲା କରୁଥିଲେ ଏବଂ ବିରୋଧ କରୁଥିଲେ ସେହି ବ୍ୟକ୍ତିମାନଙ୍କୁ ଏମାନେ ହତ୍ୟା କରିଦେଉଥିଲେ । ଯେତେବେଳେ ଏହି ଲୋକମାନେ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ଘରର ଘେରାଉ କଲେ ଏବଂ ଗୃହକୁ ଜଳ

ଯୋଗାଣ ବନ୍ଦ କରିଦେଲେ ସେତେବେଳେ ହଜ୍‌ରତ୍ ଉସ୍‌ମାନ ର:ଅ ନିଜର ଏକ ପଡ଼ୋଶୀ ବାଳକକୁ ହଜ୍‌ରତ୍ ଅଲୀ ର:ଅ, ହଜ୍‌ରତ୍ ତଲ୍‌ହା ର:ଅ, ହଜ୍‌ରତ୍ ଜୁବୈର୍ ର:ଅ ଏବଂ ଉମ୍ମୁହାତୁଲ୍ ମୁମିନିନ୍ ଆଡ଼କୁ ପ୍ରେରଣ କଲେ ଏବଂ କହିଲେ ଯେ, ଏହି ଉପଦ୍ରବୀମାନେ ଆମମାନଙ୍କର ଜଳ ଯୋଗାଣ ବ୍ୟବସ୍ଥାକୁ ବନ୍ଦ କରି ଦେଇଛନ୍ତି । ତେଣୁ ହଜ୍‌ରତ୍ ଉସ୍‌ମାନ ର:ଅ ଏହି ସାହାବାମାନଙ୍କୁ ନିବେଦନ କଲେ ଯେ, ଆପଣମାନଙ୍କ ଦ୍ୱାରା ଯାହା ସମ୍ଭବ ହୋଇପାରୁଛି ଆପଣମାନେ ଉଦ୍ୟମ କରି ଆମମାନଙ୍କୁ ଜଳ ଯୋଗାଇ ଦିଅନ୍ତୁ । ପୁରୁଷମାନଙ୍କ ମଧ୍ୟରୁ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ନିକଟକୁ ସର୍ବପ୍ରଥମେ ହଜ୍‌ରତ୍ ଅଲୀ ର:ଅ ଆସିଲେ ଏବଂ ସେହି ବିଦ୍ରୋହୀମାନଙ୍କୁ ବୁଝାସୁଝା କଲେ କି ତୁମେମାନେ ଏ ଯେଉଁ ପ୍ରକାର ଆଚାରଣ ଅବଲମ୍ବନ କରିଛ ତୁମମାନଙ୍କର ଏଭଳି ଆଚରଣ ନା ବିଶ୍ୱାସକାରୀଙ୍କ ସହିତ ମିଶୁଛି ନା ଅବିଶ୍ୱାସକାରୀମାନଙ୍କ ସହିତ ମିଶୁଛି । ରୋମ୍ ଏବଂ ଇରାନୀୟ ବ୍ୟକ୍ତିମାନେ ଯେବେ କାହାକୁ ବନ୍ଦୀ କରିଥାନ୍ତି ସେତେବେଳେ ସେମାନେ ବନ୍ଦିମାନଙ୍କୁ ଖାଦ୍ୟପେୟ ଦେଇଥାନ୍ତି । କିନ୍ତୁ ତୁମମାନଙ୍କର ଏଭଳି ଆଚରଣ ଇସ୍‌ଲାମୀୟ ନୀତି ଅନୁଯାୟୀ ନୁହେଁ ତେଣୁ ଏପରି ଆଚରଣ କଦାପି ଉଚିତ ବୋଲି ମନେ ହେଉନାହିଁ ତେଣୁ ତୁମେମାନେ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ଘରକୁ ଯାଉଥିବା ଖାଦ୍ୟପେୟକୁ ଅଟକାଅ ନାହିଁ । ହଜ୍‌ରତ୍ ଉସ୍‌ମାନ ର:ଅ ତୁମମାନଙ୍କର କି ଦୋଷ କରିଛନ୍ତି ଯେ ତୁମେମାନେ ତାଙ୍କୁ ହତ୍ୟା କରିବା ଏବଂ ବନ୍ଦୀ କରିବାକୁ ଉଚିତ ବୋଲି ମନେ କରୁଅଛ ? ହଜ୍‌ରତ୍ ଅଲୀ ର:ଅଙ୍କ ଉପଦେଷ ସେହି ବିଦ୍ରୋହୀ ଉପଦ୍ରବୀମାନଙ୍କ ଉପରେ କୌଣସି ପ୍ରଭାବ ପକାଇଲା ନାହିଁ । କିନ୍ତୁ ସେମାନେ ସ୍ୱଷ୍ଟ ଭାବରେ କହିଦେଲେ ଯେ, ଯାହା ହେଉ ପଛେ ଆମେମାନେ ଏହି ବ୍ୟକ୍ତି ପର୍ଯ୍ୟନ୍ତ କୌଣସି ଖାଦ୍ୟପେୟ ପଦାର୍ଥ ପହଂଚାଇ ଦେବୁନାହିଁ । ଏହା ଥିଲା ସେହି ଉତର ଯେଉଁ ଉତରକୁ ସେହି ବିଦ୍ରୋହୀମାନେ ଏଭଳି ଜଣେ ବ୍ୟକ୍ତିକୁ ଦେଇଥିଲେ ଯେଉଁ ବ୍ୟକ୍ତିକୁ ସେମାନେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଚିନ୍ତାଧାରୀ ଏବଂ ଉତରାଧିକାରୀ ବୋଲି ବିବେଚିତ କରୁଥିଲେ । ଏମାନେ ହଜ୍‌ରତ୍ ଅଲୀ ର:ଅଙ୍କ ସପକ୍ଷରେ କହୁଥିଲେ ଯେ, ହଜ୍‌ରତ୍ ଅଲୀ ହେଉଛନ୍ତି ଆଁ ହଜ୍‌ରତ୍ ସ:ଆ:ସଙ୍କ ପ୍ରକୃତ ଉତରାଧିକାରୀ । ସେହି ବିରୋଧିମାନଙ୍କ ମୁହଁରୁ ଏଭଳି ଉତର ଶୁଣିବାପରେ ମନରେ ଅନ୍ୟ କୌଣସି ସନ୍ଦେହର ଅବକାଶ ରହୁନାହିଁ । କଣ ଏହି ଉତର ପାଇବା ପରେ ଅନ୍ୟ କୌଣସି ସାକ୍ଷ୍ୟର ଏ କଥାକୁ ପ୍ରମାଣିତ କରିବା ପାଇଁ ଆବଶ୍ୟକ ଅଛି କି ହଜ୍‌ରତ୍ ଅଲୀ ର:ଅଙ୍କୁ ଉତରାଧିକାରୀ ଅଭିହିତ କରୁଥିବା ଲୋକେ ସତ୍ୟ ପାଇଁ ଓ ଅହ୍‌ଲେ ବୟତର ପ୍ରେମ ପାଇଁ ଘରୁ ବାହାରି ନଥିଲେ ବରଂ ସେମାନେ ନିଜର ସ୍ୱାର୍ଥ ପାଇଁ ଆସିଥିଲେ ।

ଉମ୍ମୁହାତୁଲ୍ ମୁମିନିନ୍ (ଅର୍ଥାତ ବିଶ୍ୱାସକାରୀମାନଙ୍କର ମାଆମାନଙ୍କ) ମଧ୍ୟରୁ ସର୍ବପ୍ରଥମେ ଉମ୍ମେ ହବିବା, ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ସାହାଯ୍ୟ ପାଇଁ ଆଗେଇ ଆସିଥିଲେ ସେ ଏକ ଗଧ ଉପରେ ଆରୋହଣ କରିଥିଲେ ଏବଂ ଏକ ଜଳସ୍ଥଳୀ ଧରି ଆସିଥିଲେ କିନ୍ତୁ ଉମ୍ମେ ହବିବାଙ୍କ ପ୍ରକୃତ ଉଦ୍ଦେଶ୍ୟ ଏହା ଥିଲା ଯେ, ବନୁ ଉମୈୟାର ଅନାଥ ଓ ବିଧବାମାନଙ୍କର ଓ୍ୱସିୟତ୍ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ନିକଟରେ ରହିଥିଲା ଏବଂ ଉମ୍ମେ ହବିବା ଯେତେବେଳେ ଏହା ଅବଲୋକନ କଲେ ଯେ, ବିଦ୍ରୋହୀମାନେ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ଜଳକୁ ଅଟକାଇ ଦେଇଛନ୍ତି ସେତେବେଳେ ସେ ଭୟଭୀତ ହୋଇପଡ଼ିଥିଲେ ଯେ, କାଳେ ଏହି ବିଧବା ଏବଂ ଅନାଥମାନଙ୍କର ଓ୍ୱସିୟତ୍ ନଷ୍ଟ ନ ହୋଇଯାଉ ସେଥିପାଇଁ ଉମ୍ମେ ହବିବା ଏହା ଚାହିଁଲେ ଯେ କୌଣସି ମତେ ସେହି ଓ୍ୱସିୟତ୍‌ଗୁଡ଼ିକୁ ସଂରକ୍ଷିତ କରିନିଆଯାଉ ଅନ୍ୟଥା ସେ ଅନ୍ୟ ଉପାୟରେ ମଧ ଜଳ ପହଂଚାଇ ପାରିଥାନ୍ତେ । ଅତଏବ ଯେତେବେଳେ ସେ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ଦ୍ୱାର ସମ୍ମୁଖରେ ପହଂଚିଲେ ସେତେବେଳେ ବିଦ୍ରୋହୀମାନେ ତାଙ୍କୁ ଅଟକାଇବାପାଇଁ ଚେଷ୍ଟା କଲେ । ଲୋକମାନେ କହିଲେ ଯେ, ଏ ହେଉଛନ୍ତି ଉମ୍ମୁହାତୁଲ୍ ମୁମିନିନ୍ ଉମ୍ମେ ହବିବା କିନ୍ତୁ ସେହି ବିଦ୍ରୋହୀମାନେ ଏହାକୁ ଖାତିର୍ କଲେନାହିଁ ବରଂ ଉମ୍ମେ ହବିବାଙ୍କ ଗଧକୁ ମାରିବାକୁ ଲାଗିଲେ । ଉମ୍ମେ ହବିବା କହିଲେ, ମୁଁ ଭିତରକୁ ଏଥିପାଇଁ ଯିବାକୁ ଇଚ୍ଛା ପ୍ରକାଶ କରୁଛି ଯେ, ମୁଁ ଭୟଭୀତ କାରଣ ଏହି ବିଦ୍ରୋହୀମାନଙ୍କ ଦ୍ୱାରା ଅନାଥ ଓ ବିଧବା ତଥା ଅଭାବି ବ୍ୟକ୍ତିଙ୍କର ଓ୍ୱସିୟତ୍ ନଷ୍ଟ ନ ହୋଇଯାଉ ବରଂ ସେଗୁଡ଼ିକ ସଂରକ୍ଷିତ ହୋଇ ରହୁ । କିନ୍ତୁ ସେହି ହତଭାଗ୍ୟ ବିଦ୍ରୋହୀମାନେ ଆଁ ହଜ୍‌ରତ୍ ସ:ଆ:ସଙ୍କ ପବିତ୍ର ପତ୍ନୀଙ୍କୁ ଉତର ଦେଲେ ଯେ, ତୁମେ ମିଛ କହୁଛ ଏହା କହି ତାଙ୍କର ଗଧ ଉପରେ ଆକ୍ରମଣ କରିଦେଲେ ଏବଂ ଗଧ ଉପରେ ବନ୍ଧା ହୋଇଥିବା ପଲାଣର ଦଉଡ଼ିକୁ କାଟିଦେଲେ ଯଦ୍ୱାରା ପଲାଣଟି ଓଲଟି ପଡ଼ିଲା ଏବଂ ହଜ୍‌ରତ୍ ଉମ୍ମେ ହବିବା ତଳେ ଖସିପଡ଼ି ସେହି ବିଦ୍ରୋହୀଙ୍କର ପାଦତଳେ ପେଶି ହୋଇ ବୀରଗତି ପ୍ରାପ୍ତ କରିଥାନ୍ତେ କିନ୍ତୁ କେତେକ ମଦିନା ବାସୀ ଯେଉଁମାନଙ୍କ ନିକଟରେ ଛିଡ଼ା ହୋଇଥିଲେ ସେମାନେ ଦଉଡ଼ି ଆସି ଉମ୍ମେ ହବିବାଙ୍କୁ ସମ୍ଭାଳି ନେଲେ ,ବଂ ତାଙ୍କୁ ତାଙ୍କ ଘରେ ପହଂଚାଇ ଦେଲେ ।

ଏହା ହେଉଛି ବିଦ୍ରୋହୀମାନଙ୍କର ସେହି ଆଚରଣ ସେମାନେ ଆଁ

ହଜ୍‌ରତ୍ ସ:ଆ:ସଙ୍କ ପତ୍ନୀ ଉମ୍ମେ ହବିବାଙ୍କ ପ୍ରତି ପ୍ରଦର୍ଶନ କରିଥିଲେ । ହଜ୍‌ରତ୍ ଉମ୍ମେ ହବିବା ଆଁ ହଜ୍‌ରତ୍ ସ:ଆ:ସଙ୍କ ପ୍ରତି ଏଭଳି ନିଷ୍ଠା ପ୍ରଦର୍ଶନ କରିଥିଲେ ଯେ, ସେ ନିଜ ଅଭିଭାବକଙ୍କଠାରୁ ଦୀର୍ଘ ୧୫/୧୬ ବର୍ଷ ପର୍ଯ୍ୟନ୍ତ ଅଲଗା ରହି ଜୀବନ ଅତିବାହିତ କରିଥିଲେ । ବିରହର ଏହି ୧୫/୧୬ ବର୍ଷ ପରେ ଯେତେବେଳେ ଉମ୍ମେ ହବିବାଙ୍କ ପିତା ଯିଏ ଆରବର ଅଧିପତୀ ଏବଂ ମକ୍କାର ଜଣେ ରାଜାର ମର୍ଯ୍ୟାଦା ରଖୁଥିଲେ ସେ ଏକ ବିଶେଷ ରାଜନୈତିକ ଉଦ୍ଦେଶ୍ୟରେ ମଦିନା ଆସିଥିଲେ । ସେ ଉମ୍ମେ ହବିବାଙ୍କୁ ସାକ୍ଷାତ ମଧ କରିବାକୁ ଆସିଲା ଅତଏବ ଯେତେବେଳେ ତାଙ୍କ ପିତା ତାଙ୍କ ପଲଙ୍କରେ ବସିବାକୁ ଲାଗିଲେ ସେତେବେଳେ ଉମ୍ମେ ହବିବା ପଲଙ୍କ ଉପରେ ପୂର୍ବରୁ ବିଛା ହୋଇଥିବା ଆଁ ହଜ୍‌ରତ୍ ସ:ଆ:ସଙ୍କ ବିଛଣାକୁ ଟାଣି ଆଣିଲେ କାରଣ ତାଙ୍କ ପିତା ଅପବିତ୍ର ତଥା ଅବିଶ୍ୱାସକାରୀ ଥିଲେ । ଅପବିତ୍ର ପିତାଙ୍କ ଶରୀର ଅଲ୍ଲାଃ ତାଲାଙ୍କର ବାର୍ତାବହଙ୍କ ପବିତ୍ର ବସ୍ତ୍ରକୁ ଯେପରି ସ୍ପର୍ଶ ନ କରୁ ସେ ଏହି ଦୃଶ୍ୟକୁ ସ୍ୱଚକ୍ଷୁରେ ଦେଖିଥିବାରୁ ଆଦୌଁ ସହ୍ୟ କରିପାରିଲେ ନାହିଁ ତେଣୁ ସେ ପଲଙ୍କ ଉପରେ ବିଛା ହୋଇଥିବା ଆଁ ହଜ୍‌ରତ୍ ସ:ଆ:ସଙ୍କ ବସ୍ତ୍ର ଉପରେ ନିଜ ପିତାକୁ ବସିବାକୁ ଦେଲେ ନାହିଁ ବରଂ ଆଁ ହଜ୍‌ରତ୍ ସ:ଆ:ସଙ୍କ ସେହି ବସ୍ତ୍ରକୁ ଟାଣି ଆଣିଥିଲେ । ଅତଏବ ଏହି ଘଟଣାକୁ ଶୁଣି ମନୁଷ୍ୟ ଆଶ୍ଚର୍ଯ୍ୟ ଚକିତ ହୋଇଯାଉଛି ଯେ, ହଜ୍‌ରତ୍ ଉମ୍ମେ ହବିବା ଆଁ ହଜ୍‌ରତ୍ ସ:ଆ:ସଙ୍କ ଅନୁପସ୍ଥିତିରେ ମଧ ଆଁ ହଜ୍‌ରତ୍ ସ:ଆ:ସଙ୍କ ବସ୍ତ୍ରର କିପରି ମର୍ଯ୍ୟାଦା ରକ୍ଷା କରିଥିଲେ କିନ୍ତୁ ଅପରପକ୍ଷରେ ଉପଦ୍ରବୀ ବିଦ୍ରୋହୀମାନେ ଆଁ ହଜ୍‌ରତ୍ ସ:ଆ:ସଙ୍କର ଅନୁପସ୍ଥିତିରେ ଆଁ ହଜ୍‌ରସ୍ ସ:ଆ:ସଙ୍କର ପତ୍ନୀଙ୍କର ସତୀତ୍ୱ ତଥା ମର୍ଯ୍ୟାଦ ସମ୍ପର୍କରେ ମଧ୍ୟ ବିଚାର କଲେନାହିଁ ବରଂ ଏହି ଅବୋଧ ଓ ମୂର୍ଖ ବିଦ୍ରୋହୀମାନେ ଆଁ ହଜ୍‌ରତ୍ ସ:ଆ:ସଙ୍କ ପତ୍ନୀଙ୍କୁ ମିଥ୍ୟାଚାରିଣି ବୋଲି କହିଥିଲେ ଯେବେକି ସେ (ଅର୍ଥାତ ଉମ୍ମେ ହବିବା) ଯାହା କହିଥିଲେ ତାହା ଠିକ୍ କଥା ଥିଲା ।

ହଜ୍‌ରତ୍ ଉସ୍‌ମାନ ର:ଅ ବନୁ ଉମୈୟା ସମ୍ପ୍ରଦାୟର ଓ୍ୱଲି ଥିଲେ । ସେହି ବିଦ୍ରୋହୀଙ୍କର ଶତୃତା ଓ ବିଦ୍ରୋହକୁ ଦୃଷ୍ଟିରେ ରଖି ହଜ୍‌ରତ୍ ଉମ୍ମେ ହବିବାଙ୍କର ଭୟଭୀତ ହେବା ସଠିକ ଥିଲା କାରଣ ଅନାଥ ଓ ବିଧବାମାନଙ୍କର ସମ୍ପତି ଯେପରି ନଷ୍ଟ ନ ହେଉ । ସେହି ବିଦ୍ରୋହୀମାନେ ମିଥ୍ୟାଚାରୀ ଥିଲେ ଯେଉଁମାନେ ଏହି ଦାବିର ପରିପ୍ରକାଶ କରୁଥିଲେ ଯେ, ଆମେ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ସର୍ବାଧିକ ପ୍ରେମ କରୁ । ସେହି ବିଦ୍ରୋହୀମାନେ ମିଥ୍ୟାଚାରୀ ଅଟନ୍ତି ଯେଉଁମାନେ ଧର୍ମର ସର୍ବନାଶ ଘଟାଇଥିଲେ ନା କି ହଜ୍‌ରତ୍ ଉମ୍ମେ ହବିବା ମିଥ୍ୟାଚାରୀଣି ଅଟନ୍ତି । ସୁତରାଂ ହଜ୍‌ରତ୍ ଉମ୍ମେ ହବିବାଙ୍କ ପ୍ରତି ଯେଉଁ ଅସଦାଚାରଣ ହୋଇଥିଲା ଓ ଯେତେବେଳେ ତାହାର ସୁଚନା ମଦିନା ବାସୀଙ୍କୁ ମିଳିଲା ସେତେବେଳେ ସାହାବାମାନେ ଏବଂ ମଦିନାବାସୀ ଆଶ୍ଚର୍ଯ୍ୟ ହୋଇଯାଇଥିଲେ ଏବଂ କ୍ରୋଧରେ ଜର୍ଜରିତ ହୋଇଯାଇଥିଲେ । ସେମାନେ ଏହା ମନେ କରୁଥିଲେ ଯେ ଏହି ବିଦ୍ରୋହୀମାନଙ୍କଠାରୁ କୌଣସି ଭଲ ଆଶା ରଖିବା ବ୍ୟର୍ଥ ଅଟେ ।

ହଜ୍‌ରତ୍ ଆଇଶା ର:ଅ ସେହି ସମୟରେ ହିଁ ହଜ୍ କରିବା ପାଇଁ ମନବଳାଇଥିଲେ ଏବଂ ଯାତ୍ରା ପାଇଁ ପ୍ରସ୍ତୁତି ମଧ ଆରମ୍ଭ କରିଦେଇଥିଲେ । ଯେତେବେଳେ ଲୋକମାନେ ଜାଣିବାକୁ ପାଇଲେ ଯେ, ହଜ୍‌ରତ ଆଇଶା ର:ଅ ଯିବାକୁ ପ୍ରସ୍ତୁତ ଅଛନ୍ତି ସେତେବେଳେ କେତେକ ଲୋକେ ହଜ୍‌ରତ୍ ଆଇଶା ର:ଅଙ୍କୁ ଅନୁରୋଧ ପ୍ରକାଶ କଲେ ଯେ ଆପଣ ଯଦି ଏହିଠାରେ ରହିବେ ତାହେଲେ ଉପଦ୍ରବକୁ ରୋକିବାରେ ନିଶ୍ଚିତ କୌଣସି ସାହାଯ୍ୟ ପ୍ରାପ୍ତ ହେବ ଏବଂ ବିଦ୍ରୋହୀମାନଙ୍କ ଉପରେ ଏହାର କୌଣସି ପ୍ରଭାବ ପଡ଼ିବ । କିନ୍ତୁ ହଜ୍‌ରତ୍ ଆଇଶା ର:ଅ ଏହି କଥାକୁ ଅସ୍ୱୀକାର କଲେ ଏବଂ କହିଲେ ଯେ, କଣ ତୁମେମାନେ ଚାହୁଁଅଛ ଯେ, ଏହି ବିଦ୍ରୋହୀମାନେ ମୋ ପ୍ରତି ଅସଦାଚାରଣ ପ୍ରଦର୍ଶନ କରିବେ ଯେଉଁଭଳି ଅସଦାଚାରଣ ସେମାନେ ହଜ୍‌ରତ୍ ଉମ୍ମେ ହବିବାଙ୍କ ପ୍ରତି ପ୍ରଦର୍ଶନ କରିଥିଲେ । ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ମୁଁ ନିଜର ଆତ୍ମସମ୍ମାନକୁ ବିପଦରେ ପକାଇବାକୁ ଚାହୁଁନାହିଁ କାରଣ ସେ ଆଁ ହଜ୍‌ରତ୍ ସ:ଆ:ସଙ୍କର ସମ୍ମାନନୀୟ ଥିଲେ । ବିଦ୍ରୋହୀମାନେ ଏହିଭିଳ ଆଚରଣ ଯଦି ମୋ ପ୍ରତି ପ୍ରଦର୍ଶନ କରନ୍ତି ତାହେଲେ ମୋ ସୁରକ୍ଷା ପାଇଁ କିଏ ଦାୟୀ ରହିବ ? ଭଗବାନ ଜାଣନ୍ତି ଯେ, ଏହି ଉପଦ୍ରବୀମାନେ ନିଜ ଉପଦ୍ରବରେ ଯେଉଁ ପର୍ଯ୍ୟନ୍ତ ଉନ୍ନତି କରିବେ ଓ ସେମାନଙ୍କର ପରିଣତି କଣ ହେବ ? ହଜ୍ ତୀର୍ଥକୁ ଯାଉ ଯାଉ ହଜ୍‌ରତ୍ ଆଇଶା ଏହି ଯୋଜନା ପାଂଚିଲେ ଯେ, ସେ ନିଜର ସାନ ଭାଇ ଯାହାର ନାମ ମୁହମ୍ମଦ ବିନ୍ ଅବି ଅବୁବକର ଥିଲା, ତାହାକୁ କହିଲେ ଯେ, ଚାଲ ତୁମେ ମୋ ସହିତ ହଜ୍‌କୁ ଚାଲ । ହଜ୍‌ରତ୍ ଆଇଶା ର:ଅଙ୍କ ଭାଇ ନିଜର ଅଜ୍ଞାନତା, ବାଲୁତାପଣ ଏବଂ ଦୁର୍ବଳ ବିଶ୍ୱାସ ଯୋଗୁଁ ବିଦ୍ରୋହୀମାନଙ୍କ ସହିତ ମିଶି ଯାଇଥିଲେ । ଅତଏବ ଆଇଶା ର:ଅଙ୍କ ଭାଇ ହଜ୍ ଯିବାକୁ ଅସହମତି ପ୍ରକାଶ କଲା । ହଜ୍‌ରତ୍ ଆଇଶା ର:ଅ କହିଲେ, ମୁଁ କଣ ବା କରିବି ମୁଁ ନିରୁପାୟ ଯଦି ମୋ ଦ୍ୱାରା ସମ୍ଭବ ହୁଅନ୍ତା ତାହେଲେ ମୁଁ ଏହି ବିଦ୍ରୋହୀମାନଙ୍କୁ ସେମାନଙ୍କ ଯୋଜନାରେ କଦାପି ସଫଳ ହେବାକୁ ଦିଅନ୍ତି ନାହିଁ । ହଜ୍‌ରତ୍ ଆଇଶା ର:ଅ ହଜ୍ ପାଇଁ ଚାଲିଗଲେ ଏବଂ କିଛି ସାହାବାଙ୍କୁ ବାଦ୍ ଦେଲେ ଅନ୍ୟ ସାହାବାମାନେ, ଯେଉଁମାନଙ୍କ ଦ୍ୱାରା ସମ୍ଭବ ହୋଇପାରିଲା ସେମାନେ ମଧ ମଦିନାରୁ ବାହାରି ଆସିଥିଲେ ଏବଂ ମଦିନାରୁ ପ୍ରସ୍ଥାନ କଲେ ଏବଂ ଅନ୍ୟ କେତେକ ବଡ଼ ବଡ଼ ସାହାବାମାନେ ନିଜ ଘରେ ବସି ରହିଲେ ପରିଶେଷରେ ହଜ୍‌ରତ୍ ଉସ୍‌ମାନ ର:ଅ ମଧ ଅନୁଭବ କରିପାରିଲେ ଯେ, ଏହି ଲୋକମାନଙ୍କ ଆଗରେ ବିନମ୍ରତା ପ୍ରଦର୍ଶନ କଲେ ଏମାନେ ଆଉ ମାନିବେ ନାହିଁ ତେଣୁ ସେ ଗୋଟିଏ ଚିଠି ସମସ୍ତ ପ୍ରଦେଶର ନା ରେ ଓ୍ୱଲିମାନଙ୍କୁ ପ୍ରେରଣ କଲେ । ଯେଉଁ ପତ୍ରର ସାରାଂଶ ଏହା ଥିଲା ଯେ, ହଜ୍‌ରତ୍ ଅବୁବକର ର:ଅ ଓ ହଜ୍‌ରତ୍ ଉମର ର:ଅଙ୍କ ପରେ ସମସ୍ତଙ୍କ ଇଚ୍ଛା କିମ୍ବା ଆଗ୍ରହ ପୂର୍ବକ ମତେ ସେହି ଲୋକମାନଙ୍କ ମଧରେ ଅର୍ନ୍ତଭୁକ୍ତ କରାଯାଇଥିଲା ଯେଉଁ ଲୋକମାନଙ୍କ ଅଧିନରେ ଖିଲାଫତ୍ ଚୟନ କରିବାର ଦାୟିତ୍ୱ ନ୍ୟସ୍ତ ରହିଥିଲା । ଏହାପରେ ମୋର ଅନିଚ୍ଛା ଓ ପ୍ରଶ୍ନ ସତ୍ତ୍ୱେ ମୁଁ ଖିଲାଫତ୍ ପାଇଁ ନିର୍ବାଚିତ ହେଲି ଏବଂ ମୁଁ ଅହରହ ଭାବେର ସେହି କାର୍ଯ୍ୟ କରୁଥିଲି ଯେଉଁ କାର୍ଯ୍ୟ ଗୁଡ଼ିକ ମୋ ପୂର୍ବ ଖଲିଫାମାନେ କରୁଥିଲେ ଏବଂ ମୁଁ ମୋ ପକ୍ଷରୁ କୌଣସି ବିଦଅତ୍ (ନୂତନ ଆହୃତ ରୀତି) ବାହାର କରିନାହିଁ । ବରଂ କେତେକ ଲୋକମାନଙ୍କ ମନରେ ମନ୍ଦତାର ବୀଜ ବପନ କରାଗଲା ଏବଂ ଦୃଷ୍ଟତା ବସା ବାନ୍ଧିନେଲା ଏବଂ ସେମାନେ ମୋ ବିରୁଦ୍ଧରେ ଷଡ଼ଯନ୍ତ୍ର କରିବା ଆରମ୍ଭ କରିଦେଲେ । ସେମାନେ ଲୋକଙ୍କ ଆଗରେ ଗୋଟେ କଥା ପ୍ରକାଶ କଲେ ଏବଂ ମନରେ ଆଉ ଗୋଟେ କଥା ରଖିଲେ । ସେମାନେ ମୋ ଉପରେ ସେହି ପ୍ରକାର ଲାଞ୍ଛନା ଲଗାଇବା ଆରମ୍ଭ କରିଦେଲେ ଯେଉଁ ପ୍ରକାର ଲାଞ୍ଛନା ସେମାନେ ମୋ ପୂର୍ବ ଖଲିଫାଙ୍କ ଉପରେ ଲଗାଇଥିଲେ । କିନ୍ତୁ ମୁଁ ଏ ସବୁ ଲାଞ୍ଛନା ଜାଣିବା ସତ୍ତ୍ୱେ ନୀରବ ରହିଲି ଏବଂ ଏହି ଲୋକମାନେ ମୋ ଦୟାର ଅବୈଧ ଲାଭ ଉଠାଇ ଦୃଷ୍ଟତାରେ ଆହୁରି ଆଗକୁ

ବଢ଼ିଯାଇଥିଲେ ପରିଶେଷରେ କୁଫାରମାନଙ୍କ ସଦୃଶ ସେମାନେ ମଦିନା ଉପରେ ଆକ୍ରମଣ କରିଦେଲେ ଅତଏବ ଆଜି ଯଦି ଆପଣମାନେ କିଛି କରିପାରିବେ ତାହେଲେ ସାହାଯ୍ୟ କରିବାର ବ୍ୟବସ୍ଥା ଅବଶ୍ୟ କରନ୍ତୁ ।

ସେହିପରି ହଜ୍‌ରତ୍ ଉସ୍‌ମାନ ର:ଅ ଅନ୍ୟ ଏକ ପତ୍ରରେ ହଜ୍‌କୁ ଆସୁଥିବା ହଜ୍ ଯାତ୍ରୀଙ୍କ ନାମରେ ଲେଖିଥିଲେ । ଏହି ହଜ୍‌ର ଯାତ୍ରୀମାନେ କିଛି ଦିନ ପରେ ହଜ୍ ପାଇଁ ଯାଇଥାନ୍ତେ ସେହି ହଜ୍ ଯାତ୍ରୀଙ୍କ ନାମରେ ଆପଣ ଉକ୍ତ ପତ୍ରଟି ଲେଖିଥିଲେ ଯେଉଁ ପତ୍ରର ସାଂରାଶ ଏହା ଥିଲା ଯେ, ହଜ୍‌ରତ୍ ଉସ୍‌ମାନ ର:ଅ କୁହନ୍ତି ଯେ ମୁଁ ଆପଣମାନଙ୍କୁ ଅଲ୍ଲାଃ ତାଲାଙ୍କ ଆଡ଼କୁ ଦୃଷ୍ଟି ଆର୍କଷଣ କରୁଛି ଏବଂ ତାହାଙ୍କ ପୁରଷ୍କାର ସମ୍ପର୍କରେ ସ୍ମରଣ କରାଇ ଦେଉଛି । ବର୍ତମାନ କେତେକ ଲୋକମାନେ ଉପଦ୍ରବ କରୁଛନ୍ତି ଏବଂ ଇସ୍‌ଲାମ୍ ମଧ୍ୟରେ ମତଭେଦ ସୃଷ୍ଟି କରିବାପାଇଁ ଆପ୍ରଣ ଉଦ୍ୟମ କରିଚାଲିଛନ୍ତି । କିନ୍ତୁ ସେହି ଉପଦ୍ରବକାରୀମାନେ ଏହା ଭାବିଲେ ନାହିଁ ଯେ, ଖଲିଫା ଅଲ୍ଲାଃ ତାଲା ସୃଷ୍ଟି କରନ୍ତି । ଯେପରିକି ଅଲ୍ଲାଃ ତାଲା ସୁରାଃ ନୂର୍‌ର ଆୟତ ସଂଖ୍ୟା ୫୬ରେ କୁହନ୍ତି ଯେ, **ୱ୍ଅଦଲ୍ଲାହୁଲ୍ ଲଜିନା ଆମନୁ ମିନ୍‌କୁମ ୱ୍ ଅମିଲୁସ୍ ସ୍ୱାଲିହାତି ଲୟସ୍‌ତଖ୍‌ଲିଫନ୍ନହୁମ୍ ଫିଲ୍ ଅର୍‌ଜ୍ (ନୂର୍:୫୬)** ଅର୍ଥାତ ତୁମମାନଙ୍କ ମଧ୍ୟରୁ ଯେଉଁମାନେ ବିଶ୍ୱାସ କରିଛନ୍ତି ଏବଂ ଉଚିତ କର୍ମ କରିଛନ୍ତି ଅଲ୍ଲାଃ ତାଲା ସେମାନଙ୍କ ସହିତ ଅଙ୍ଗୀକାର କରିଛନ୍ତି ଯେ, ସେ ସେମାନଙ୍କୁ ଭୂପୃଷ୍ଠରେ ଅବଶ୍ୟ ଖଲିଫା କରିବେ । ସେହି ବିଦ୍ରୋହୀମାନେ ଏକଥାକୁ ଭ୍ରୁକ୍ଷେପ କରନ୍ତି ନାହିଁ । ସେହିମାନଙ୍କ ଉଦ୍ଦେଶ୍ୟରେ ହିଁ ଅଲ୍ଲାଃ ତାଲା କୁହନ୍ତି ଯେ, **ୱ୍ାତସିମୁ ବି ହବ୍‌ଲିଲ୍ଲାହି ଜମ୍ରୀ** ଅର୍ଥାତ ତୁମ୍ଭେମାନେ ସମସ୍ତେ ଅଲ୍ଲାଃ ତାଲାଙ୍କ ରଜ୍ଜୁକୁ ଦୃଢ଼ଭାବରେ ଧାରଣ କର । ତା’ପରେ ହଜ୍‌ରତ୍ ଉସ୍‌ମାନ ର:ଅ ଆପତିକାରୀଙ୍କୁ କହିଲେ ଯେ, ହେ ଲାଞ୍ଛନାକାରୀମାନେ ! ମୁଁ ତୁମମାନଙ୍କର ଲାଞ୍ଛନାକୁ ସ୍ୱୀକାର କରୁଛି ଏବଂ ତୁମ୍ଭମାନଙ୍କୁ ଅଲ୍ଲାଃ ତାଲାଙ୍କର ଏହି ଆଦେଶ ସମ୍ପର୍କରେ କହି ରଖୁଛି ଯେ, **ୟାଅୟୁହଲ୍ ଲଜିନା ଆମନୁ ଇନ୍ ଜାଆକୁମ୍ ଫାସିକୁନ୍ ବିନବଇନ୍ ଫତବୟନୁ ।** ଅର୍ଥାତ ଏ ବିଶ୍ୱାସକାରୀମାନେ ଯଦି ତୁମ୍ଭମାନଙ୍କର ନିକଟକୁ କୌଣସି ଭ୍ରଷ୍ଟାଚାରୀ, କୌଣସି ଗୁରୁତ୍ୱପୂର୍ଣ୍ଣ ସମ୍ବାଦ ଘେନି ଆସେ ତେବେ ତୁମେମାନେ ତାହାର ସତ୍ୟାସତ୍ୟ ପୁଙ୍ଖାନୁପୁଙ୍ଖ ପରୀକ୍ଷା କର । ଏହାପରେ ହଜ୍‌ରତ୍ ଉସ୍‌ମାନ ର:ଅ କହିଲେ, ତୁମେମାନେ ତାହା କଲନାହିଁ କି ମୋ ବୟତକୁ ସମ୍ମାନ ଜଣାଇଲ ନାହିଁ କିନ୍ତୁ ଅଲ୍ଲାଃ ତାଲା ନିଜର ରସୁଲଙ୍କ ସମ୍ପର୍କରେ କୁହନ୍ତି: **ହାଇନ୍ନଲ୍ ଲଜିନା ୟୁବାଇଉନକା ଇନ୍ନମା ୟୁବାଇଉନଲ୍ଲାହା** ଅର୍ଥାତ ଯେଉଁମାନେ ଶପଥ ପୂର୍ବକ ତୁମ୍ଭର ଆନୁଗତ୍ୟ ସ୍ୱୀକାର କରନ୍ତି ସେମାନେ କେବଳ ଅଲ୍ଲାଃଙ୍କର ହିଁ ଆନୁଗତ୍ୟ ସ୍ୱୀକାର କରନ୍ତି । ହଜ୍‌ରତ୍ ଉସ୍‌ମାନ ର:ଅ କହିଲେ, ମୁଁ ଆଁ ହଜ୍‌ରତ୍ ସ:ଆ:ସଙ୍କର ନାଏବ ଅଟେ । ଅର୍ଥାତ ଉକ୍ତ ଆଦେଶଟି ଏବଂ କଥାଟି ମୋ ଉପରକୁ ଲାଗୁ ହେଉଅଛି ଯେ, ମୁଁ ଆଁ ହଜ୍‌ରତ୍ ସ:ଆ:ସଙ୍କ ନାଏବ ଅଟେ ଏବଂ କୌଣସି ସମ୍ପ୍ରଦାୟ ବିନା କୌଣସି ଅଧିପତିରେ ଉନ୍ନତି କରିପାରିବନାହିଁ । ଯଦି ଯମାତ୍‌ର କେହି ଇମାମ୍ ନ ରୁହନ୍ତି ତେବେ ସମସ୍ତ ଯମାତ୍‌ର ବିନାଶ ଘଟିବ । ଏହି ଉପଦ୍ରବୀମାନେ ଇସ୍‌ଲାମୀୟ ସମ୍ପ୍ରଦାୟକୁ ଧ୍ୱଂସ ତଥା ବିନାଶ କରିବାକୁ ଚାହାନ୍ତି ଏମାନଙ୍କ ଉଦ୍ଦେଶ୍ୟ ଇସ୍‌ଲାମକୁ ଧ୍ୱସଂ କରିବା ବ୍ୟତିତ ଅନ୍ୟ କିଛି ନୁହେଁ । କାରଣ ମୁଁ ଏହି ଉପଦ୍ରବୀମାନଙ୍କର ଦାବିଗୁଡ଼ିକ ଗ୍ରହଣ କରିନେଇଥିଲି ଏବଂ ଶାସକମାନଙ୍କୁ ପରିବର୍ତନ କରିବାର ପ୍ରତିଶୃତି ମଧ୍ୟ ଦେଇଥିଲି । ଏହା ସତ୍ୱେ ମଧ୍ୟ ସେମାନେ ଦୃଷ୍ଟତାକୁ ପରିତ୍ୟାଗ କଲେନାହିଁ । ବର୍ତମାନ ଏହି ଉପଦ୍ରବୀମାନେ ତିନୋଟି କଥାରୁ ଗୋଟିଏ କଥାର ଦାବି କରୁଛନ୍ତି । ସେମାନଙ୍କର ସେହି ତିନୋଟି ଦାବି ଗୁଡ଼ିକ ହେଲା । ପ୍ରଥମତଃ ଯେଉଁ ଲୋକମାନଙ୍କୁ ମୋ ଶାସନରେ ଶାସ୍ତି ମିଳିଛି ସେହି ସମସ୍ତ ବ୍ୟକ୍ତିଙ୍କର କିସାସ୍ ଅର୍ଥାତ କ୍ଷତିପୂରଣ ମୋଠାରୁ ନିଆଯାଉ । ଯଦି ଏହା ମତେ ସ୍ୱୀକାର ନାହିଁ ତାହେଲେ ମୁଁ ଖିଲାଫତ୍‌କୁ ଛାଡ଼ିଦେବି ଏବଂ ଏହି ଉପଦ୍ରବୀମାନେ ମୋ ସ୍ଥାନରେ ଅନ୍ୟ ବ୍ୟକ୍ତିକୁ ଖିଲାଫତ୍‌ର ଆସନରେ ବସାଇଦେବେ । ମୁଁ ଯଦି ଏହି କଥା ନ ମାନେ ତେବେ ଏହି ବିଦ୍ରୋହୀମାନେ ମୋତେ ଧମକ ପୂର୍ବକ କୁହନ୍ତି ଯେ, ସେମାନେ ନିଜ ପରି ଚିନ୍ତାଧାରା ରଖୁଥିବା ବ୍ୟକ୍ତିମାନଙ୍କୁ ବାର୍ତା ପ୍ରେରଣ କରିବେ ଯେ, ସେମାନେ ମୋର ଆଜ୍ଞାପାଳନ କରିବାରୁ ଓହରି ଯାଆନ୍ତୁ ।

ଅତଏବ ପ୍ରଥମ କଥାର ଉତର ଏହିକି ଯେ, ମୁଁ ଯଦି ସେହି ଉପଦ୍ରବୀ ବିଦ୍ରୋହୀଙ୍କ କଥାକୁ ସ୍ୱୀକାର ନ କରି ସେମାନଙ୍କୁ ଶାସ୍ତି ଦେଇଛି ତାହେଲେ ସେମାନେ ମୋ ଆଜ୍ଞାବହତାରୁ ଓହରିଯିବେ ଏବଂ ମୋତେ ପଦଚ୍ୟୁତ କରିବେ ଓ ମୋତେ ଦୃଷ୍ଟାନ୍ତମୂଳକ ଶାସ୍ତି ଦେବେ । ଅତଏବ ହଜ୍‌ରତ୍ ଉସ୍‌ମାନ ର:ଅ କହନ୍ତି ମୋ ପୂର୍ବରୁ ମଧ୍ୟ ଖଲିଫାମାନେ ନିଷ୍ପତି ନେବାରେ ତ୍ରୁଟି କରିଥିଲେ । କିନ୍ତୁ ସେମାନଙ୍କ ପ୍ରତି କୌଣସି ଦଣ୍ଡ ବିଧାନ ହୋଇନାହିଁ ଏବଂ ସେହି ପୂର୍ବ ଖଲିଫାମାନେ ଯେଉଁ ଭୂଲ ନିଷ୍ପତି ଗୁଡିକ କରିଥିଲେ ତା ବଦଳରେ ସେମାନେ କୌରସି କ୍ଷତିପୂରଣ ଦେଇନାହାନ୍ତି ଓ ମୁଁ ମଧ୍ୟ ସେମାନଙ୍କ ପରି ନିଷ୍ପତି ନେବାରେ ବୋଧ ହୁଏ ତ୍ରୁଟି କରିଥାଇପାରେ କିନ୍ତୁ ମୋ ଉପରେ ଦଣ୍ଡବିଧାନ ଲାଗୁ କରିବାର ଅର୍ଥ ମୋତେ ମାରିବା ଛଡ଼ା ଅନ୍ୟ କିଛି ନୁହେଁ । ଏହି ସମସ୍ତ କଥାର ସାରମର୍ମ କେବଳ ଏତିକି ଯେ, ତୁମେମାନେ ମୋତେ ମାରିବାକୁ ଚାହୁଁଛ । ଦ୍ୱିତୀୟତଃ ତୁମେମାନେ ମୋତେ ଖିଲାଫତରୁ ପଦଚ୍ୟୁତ କରିବାର ଯେଉଁ ଦାବି କରୁଅଛ ସେହି ବିଦ୍ରୋହୀଙ୍କୁ ମୋର ଏ ଉତର ଯେ, ମୁଁ ଏହି କଥାକୁ ଅଧିକ ଶ୍ରେୟସ୍କର ବୋଲି ମନେ କରିବି ଯେ, ସେମାନେ ମୋ ଚର୍ମରୁ କେଶ ଉପାଡ଼ି ମୋର ମାଂସକୁ ଖଣ୍ଡ ବିଖଣ୍ଡିତ କରି ଦିଅନ୍ତୁ ପଛେ କିନ୍ତୁ ଅଲ୍ଲାଃ ତାଲା ମୋତେ ଯେଉଁ ବସ୍ତ୍ର ପିନ୍ଧାଇଛନ୍ତି (ଅର୍ଥାତ ଖିଲାଫତ୍) ମୁଁ ଏହି ବସ୍ତ୍ରକୁ କଦାପି ଓହ୍ଲାଇବି ନାହିଁ । ତୃତୀୟ କଥା ଏହିକି ଯେ, ହଜ୍‌ରତ୍ ଉସ୍‌ମାନ ର:ଅ କହିଲେ ଏହାପରେ ବିଦ୍ରୋହୀମାନେ ନିଜ ଲୋକଙ୍କୁ ଚତୁର୍ଦ୍ଦିଗକୁ ପ୍ରେରଣ କରିବେ ଏବଂ ଲୋକମାନଙ୍କୁ ପ୍ରବର୍ତାଇବେ ଯେ, ସେମାନେ ମୋ କଥା ଏବଂ ଆଜ୍ଞା ପାଳନ କରନ୍ତୁ ନାହିଁ । ତେଣୁ ମୁଁ ଅଲ୍ଲାଃ ତାଲାଙ୍କ ପକ୍ଷରୁ ଏଭଳି କଥା ପାଇଁ ଦାୟି ରହିବି ନାହିଁ । ଏମାନେ ଯଦି ଧର୍ମବିଧାନ ବିରୁଦ୍ଧିୟ କାର୍ଯ୍ୟ କରିବାକୁ ଚାହୁଁଛନ୍ତି ତେବେ ଏମାନେ ଅବଶ୍ୟ କରନ୍ତୁ । ସେମାନେ ପୂର୍ବେ ଯେତେବେଳେ ମୋର ବୟତ କରିଥିଲେ ମୁଁ ସେମାନଙ୍କୁ ବୟତ କରିବାକୁ ବାଧ୍ୟ କରିନଥିଲି ଯେ, ସେମାନେ ନିଶ୍ଚିତରୂପେ ମୋ ହସ୍ତରେ ବୟତ କରନ୍ତୁ । ଅତଏବ ଯେଉଁ ବ୍ୟକ୍ତି ସେହି ବୟତକୁ ଭଙ୍ଗ କରିବାକୁ ଇଛୁକ ତାହେଲେ ମୁଁ ଏଭଳି ବ୍ୟକ୍ତିର ଆଚରଣରେ ସନ୍ତୁଷ୍ଟ ନୁହେଁ ଏବଂ ଅଲ୍ଲାଃ ତାଲା ମଧ୍ୟ ସେହି ବ୍ୟକ୍ତି ଉପରେ ପ୍ରସନ୍ନ ନୁହନ୍ତି । ଯଦି ତୁମେମାନେ ବୟତକୁ ଭଙ୍ଗ କରିବାକୁ ଚାହୁଁଛ ତାହେଲେ ତୁମେ ଅବଶ୍ୟ ବୟତ ଭଙ୍ଗ କରିପାର । ମୋର ସେଥିରେ କିଛି କହିବାର ନାହିଁ ନା ମୁଁ ତୁମମାନଙ୍କୁ ପୂର୍ବେ ବାଧ୍ୟ କରିଥିଲି ନା ମୁଁ ବର୍ତମାନ ତୁମମାନଙ୍କୁ ଏଥି ନିମନ୍ତେ ବାଧ୍ୟ କରୁଅଛି । ସେ ଯାହା ହେଉ ନା କାହିଁକି ଏପରି କରିବା ସଠିକ୍ ନୁହେଁ ଏବଂ ଅଲ୍ଲାଃ ତାଲା ମଧ୍ୟ ଏଥିରେ ପ୍ରସନ୍ନ ନୁହନ୍ତି । ଅଲ୍ଲାଃ ତାଲା ଯାହା ଚାହିଁବେ କରିବେ କାରଣ ହଜ୍‌ର ଦିନ ପାଖେଇ ଆସୁଥିଲା ଏବଂ ଚତୁର୍ଦ୍ଦିଗରୁ ଲୋକମାନେ ପବିତ୍ର ମକ୍କାର ଭୂମିରେ ଏକତ୍ରିତ ହେଉଥିଲେ । ହଜ୍‌ରତ୍ ଉସ୍‌ମାନ ର:ଅ ଏହି କଥାକୁ ଦୃଷ୍ଟିରେ ରଖିଥିଲେ ଯେ କାଳେ ଏହି ଉପଦ୍ରବୀ ବିଦ୍ରୋହୀମାନେ ସେଠାରେ ଅର୍ଥାତ ମକ୍କାରେ ଯେପରି କୌଣସି ଉପଦ୍ରବ ସୃଷ୍ଟି ନକରନ୍ତୁ । ତେଣୁ ସେ ହଜ୍ ପାଇଁ ଏକତ୍ରିତ ହୋଇଥିବା ମୁସଲମାନମାନଙ୍କ ମଧ୍ୟରେ ମଦିନା ବାସୀଙ୍କ ସାହାଯ୍ୟ ନିମନ୍ତେ ଆହ୍ୱାନ କରନ୍ତୁ ତେଣୁ ହଜ୍‌ରତ୍ ଉସ୍‌ମାନ୍ ର:ଅ ଅବ୍‌ଦୁଲ୍ଲାଃ ବିନ୍ ଅବ୍‌ବାସଙ୍କୁ ହଜ୍‌ର ଅମୀର ନିଯୁକ୍ତ କରି ମକ୍କା ପ୍ରେରଣ କଲେ । ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଅବ୍‌ବାସ୍ ର:ଅ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କୁ ଆଶ୍ୱାସନା ଦେଲେ ଯେ, ହେ ଅମୀରୁଲ୍ ମୁମିନିନ୍ ମୁଁ ହଜ୍ କରିବା ଅପେକ୍ଷା ଏହି ବିଦ୍ରୋହୀମାନଙ୍କ ସହିତ ଜିହାଦ୍ କରିବାକୁ ଅଧିକ ଶ୍ରେୟସ୍କର ମନେକରୁଅଛି, ହେଲେ ଆପଣ ମତେ ହଜ୍ ର ଅମୀର କରି ପ୍ରେରଣ କରୁଛନ୍ତି କିନ୍ତୁ ମୋର ଏ ଇଚ୍ଛା ଯେ ମୁଁ ସେମାନଙ୍କ ସହିତ ଜିହାଦ୍ କରିବି କିନ୍ତୁ ହଜ୍‌ରତ୍ ଉସ୍‌ମାନ୍ ର:ଅ ତାଙ୍କୁ ବାଧ୍ୟ କଲେ ଯେ, ସେ ହଜ୍‌କୁ ଯାଆନ୍ତୁ ଏବଂ ହଜ୍ ଦିନରେ ଅମୀର ର ଦାୟିତ୍ୱ ନିର୍ବାହ କରନ୍ତୁ କାରଣ ଉପଦ୍ରବିମାନେ ସେଠାରେ ଯେପରି ନିଜର ଦୃଷ୍ଟତାର ପ୍ରଚାର ପ୍ରସାର ନ କରନ୍ତୁ । ହଜ୍‌ରେ ଉପସ୍ଥିତ ଥିବା ଲୋକମାନଙ୍କୁ ମଦିନାବାସୀଙ୍କୁ ସାହାଯ୍ୟ କରିବାଲାଗି ଆହ୍ୱାନ ଦିଆଯାଉ ଏବଂ ଉକ୍ତ ଚର୍ଚ୍ଚିତ ପତ୍ରଟିକୁ ହଜ୍‌ରତ୍ ଉସ୍‌ମାନ୍ ର:ଅ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଅବ୍‌ବାସ୍ ର:ଅଙ୍କ ହସ୍ତରେ ପ୍ରେରଣ କରିଥିଲେ ।

ଯେତେବେଳେ ଉକ୍ତ ପତ୍ର ସମ୍ପର୍କରେ ଉପଦ୍ରବିମାନଙ୍କୁ ଜ୍ଞାତ ହେଲା ସେତେବେଳେ ସେମାନେ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ପ୍ରତି ଆହୁରି କଠୋରତା ଅବଲମ୍ବନ କଲେ । ସେମାନେ ଏହି ଅବସରକୁ ଖୋଜୁଥିଲେ ଯେ, ଯୁଦ୍ଧ କରିବାର କୌଣସି ଆଳ ଯଦି ସେମାନଙ୍କୁ ମିଳିଯାଆନ୍ତା ତାହେଲେ ସେମାନେ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କୁ ଅବଶ୍ୟ ଶହୀଦ କରିପାରନ୍ତେ କିନ୍ତୁ ସେମାନଙ୍କର ସମସ୍ତ ଉଦ୍ୟମ ବ୍ୟର୍ଥ ହୋଇଥିଲା ଏବଂ ହଜ୍‌ରତ୍ ଉସ୍‌ମାନ୍ ର:ଅ ସେହି ଉପଦ୍ରବିମାନଙ୍କୁ ଦୃଷ୍ଟତାର କୌଣସି ସୁଯୋଗ ମଧ୍ୟ ଦେଉନଥିଲେ । ପରିଶେଷରେ ସେମାନେ ଅତିଷ୍ଠ ଓ ଉତ୍‌କ୍ଷିପ୍ତ ହୋଇ ଏହି ଉପାୟ ପାଂଚିଥିଲେ ଯେ, ଯେତେବେଳେ ରାତ୍ର ହୋଇଯାଉଥିଲା ଏବଂ ଲୋକମାନେ ଶୋଇଯାଉଥିଲେ ସେତେବେଳେ ସେମାନେ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ଘର ଉପରକୁ ପଥର ଫିଙ୍ଗୁଥିଲେ । ଏବଂ ସେହିପରି ସେମାନେ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ପରିବାରବର୍ଗଙ୍କୁ ଉତେଜିତ ମଧ୍ୟ କରୁଥିଲେ ଯଦ୍ୱାରା ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ପରିବାର ଉତେଜିତ ହୋଇ ପାଲଟା ପଥର ଫିଙ୍ଗନ୍ତୁ । ସେହି ବିଦ୍ରୋହୀମାନେ ଲୋକମାନଙ୍କୁ ଏହା କହିପାରିବେ ଯେ, ହେଇ ଦେଖ ଲୋକମାନେ ! ହଜ୍‌ରତ୍ ଉସ୍‌ମାନ୍ ର:ଅ ପରିବାରବର୍ଗ ଆମମାନଙ୍କ ଉପରକୁ ପଥର ଦ୍ୱାରା ଆକ୍ରମଣ କରିଛନ୍ତି ଏଣୁ ଆମେମାନେ ମଧ୍ୟ ଜବାବ୍‌ରେ ଏହି ପଥର ଫିଙ୍ଗିବାକୁ ବାଧ୍ୟ ହେଉଛୁ । ହଜ୍‌ରତ୍ ଉସ୍‌ମାନ୍ ର:ଅ କିନ୍ତୁ ନିଜର ସମସ୍ତ ପରିବାରବର୍ଗଙ୍କୁ ଜବାବ ନଦେବାପାଇଁ ଅର୍ଥାତ ପଥର ନ ଫିଙ୍ଗିବାପାଇଁ କହିଥିଲେ । ଦିନେ ସୁଯୋଗ ଦେଖି ହଜ୍‌ରତ୍ ଉସ୍‌ମାନ୍ ର:ଅ କାନ୍ଥ ନିକଟକୁ ଆସିଲେ ଏବଂ କହିଲେ, ହେ ଲୋକମାନେ ! ତୁମେମାନେ ଭାବୁଛ ମୁଁ ତୁମମାନଙ୍କର ଦୋଷି ତାହେଲେ ତୁମେମାନେ ମୋ ଉପରେ ଯେଉଁ ଅତ୍ୟାଚାର କରିବାକୁ ଚାହୁଁଛ କର କିନ୍ତୁ ଅନ୍ୟ ଲୋକମାନେ ତୁମର କି ଦୋଷ କରିଛନ୍ତି ଯେ ତୁମେମାନେ ସେମାନଙ୍କ ଉପରକୁ ପଥର ଫିଙ୍ଗୁଛ କାରଣ ଏହା ଦ୍ୱାରା ଅନ୍ୟମାନେ ଆହତ ହେବାର ଯଥେଷ୍ଟ ଆଶଙ୍କା ରହିଛି । ସେହି ବିଦ୍ରୋହୀମାନେ ସ୍ୱଷ୍ଟ ଭାବରେ ଅସ୍ୱୀକାର କରିଦେଇଥିଲେ ଯେ ଆମେମାନେ ତ କୌଣସି ପଥର ଫିଙ୍ଗିନାହୁଁ । ହଜ୍‌ରତ୍ ଉସ୍‌ମାନ୍ ର:ଅ କହିଲେ ଯଦି ତୁମେମାନେ ଫିଙ୍ଗିନାହଁ ତେବେ ଏହି ପଥର ସବୁ କିଏ ଫିଙ୍ଗୁଛି ? ସେହି ବିଦ୍ରୋହୀମାନେ ଉତର ଦେଇ କହିଲେ ଯେ ଏହି ପଥରଗୁଡ଼ିକ ବୋଧ ହୁଏ ଅଲ୍ଲାଃ ତାଲା ଫିଙ୍ଗୁଥିବେ । ନଉଜୁବିଲ୍ଲାଃ ଆମେମାନେ ଈଶ୍ୱରଙ୍କର ଶରଣାପନ୍ନ ଚାହୁଁଛୁ ହଜ୍‌ରତ୍ ଉସ୍‌ମାନ୍ ର:ଅ କହିଲେ ତୁମେମାନେ ମିଥ୍ୟା କହୁଛ ଯଦି ପଥରଗୁଡ଼ିକ ଅଲ୍ଲାଃ ତାଲା ଫିଙ୍ଗୁଛନ୍ତି ତାହେଲେ ଅଲ୍ଲାଃ ତାଲାଙ୍କର କୌଣସି ପଥର ଲକ୍ଷ୍ୟଚ୍ୟୁତ ହୋଇନଥାନ୍ତା କିନ୍ତୁ ତୁମମାନଙ୍କ ଦ୍ୱାରା ଫିଙ୍ଗା ଯାଇଥିବା ପଥରଗୁଡ଼ିକ ଏଣେତେଣେ ପଡୁଥିଲା । ଏହା କହି ହଜ୍‌ରତ୍ ଉସ୍‌ମାନ୍ ର:ଅ ସେମାନଙ୍କ ସମ୍ମୁଖରୁ ହଟିଗଲେ ।

ସେ ଯାହା ହେଉ ନା କାହିଁକି ସାହାବାମାନଙ୍କୁ ବର୍ତମାନ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ନିକଟରେ ଏକତ୍ରିତ ହେବାକୁ ଦିଆଯାଉନଥିଲା କିନ୍ତୁ ଏହା ସତ୍ୱେ ବି ସେମାନେ କର୍ତବ୍ୟବିମୁଖ ହୋଇନଥିଲେ ଅର୍ଥାତ ନିଜର କର୍ତବ୍ୟରୁ କେବେହେଲେ ବିମୁଖତା ପ୍ରଦର୍ଶନ କରିନଥିଲେ । ବରଂ ପରିସ୍ଥିତି ସାପେକ୍ଷ ସେ ଦୁଇଭାଗରେ ନିଜର କାର୍ଯ୍ୟକୁ ବିଭକ୍ତ କରିଦେଇଥିଲେ । ଯେଉଁମାନେ ବୟସ୍କ ବ୍ୟକ୍ତି ଥିଲେ ଏବଂ ଯେଉଁମାନଙ୍କର ଚାରିତ୍ରିକ ପ୍ରଭାବ ଜନସାଧାରଣଙ୍କ ଉପରେ ଅଧିକ ରହିଥିଲା ସେମାନେ ନିଜର ସମୟକୁ ଲୋକଙ୍କୁ ବୁଝାଇବାରେ ଅତିବାହିତ କରୁଥିଲେ । ସେହିପରି ଯେଉଁ ଲୋକମାନେ କୌଣସି ପ୍ରଭାବଶାଳୀ ନଥିଲେ କିମ୍ବା ଯୁବକ ଥିଲେ, ସେମାନେ ହଜ୍‌ରତ୍

ଉସ୍‌ମାନ୍ ର:ଅଙ୍କ ସୁରକ୍ଷା ଦାୟିତ୍ୱରେ ନିୟୋଜିତ ହୋଇଥିଲେ । ପ୍ରଥମ ଦଳ ମଧ୍ୟରୁ ହଜ୍‌ରତ୍ ଅଲୀ ର:ଅ ଓ ଇରାନ୍ ବିଜୟୀ ହଜ୍‌ରତ୍ ସାଆଦ୍ ବିନ୍ ୱକାସ୍ ର:ଅ ଏହି ଉପଦ୍ରବକୁ ହ୍ରାସ କରିବାରେ ସର୍ବାଧିକ ଉଦ୍ୟମ କରିଥିଲେ । ବିଶେଷକରି ହଜ୍‌ରତ୍ ଅଲୀ ର:ଅ ସେହି ଉପଦ୍ରବ ହେଉଥିବା ଦିନମାନଙ୍କରେ ନିଜର ସମସ୍ତ କାର୍ଯ୍ୟ ଛାଡ଼ି ଉପଦ୍ରବକୁ ଦୁରିଭୁତ କରିବାଲାଗି ଲାଗିପଡ଼ିଥିଲେ ସୁତରାଂ ଉକ୍ତ ଘଟଣାର ପ୍ରତ୍ୟକ୍ଷଦର୍ଶୀ ସାକ୍ଷୀମାନଙ୍କ ମଧ୍ୟରୁ ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ନାମକ ବ୍ୟକ୍ତି ଜଣେ ଥିଲେ । ସେ କୁହନ୍ତି ଯେ ମୁଁ ସେହି ଉପଦ୍ରବର ଦିନଗୁଡ଼ିକୁ ଦେଖିଛି ଯେ, ହଜ୍‌ରତ୍ ଅଲୀ ର:ଅ କିଭଳି ନିଜର ସମସ୍ତ କାର୍ଯ୍ୟ ଛାଡ଼ି ଦେଇଥିଲେ ଏବଂ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କର ଶତୃଙ୍କର କ୍ରୋଧକୁ ପ୍ରଶମିତ କରିବା ଏବଂ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ କଷ୍ଟକୁ ଦୁର କରିବାପାଇଁ ଦିବାରାତ୍ର ଉଦ୍ୟମରତ ଥିଲେ । ଥିରେ ହଜ୍‌ରତ୍ ଉସ୍‌ମାନଙ୍କ ନିକଟରେ ପାଣି ପହଂଚାଇବାରେ କିଛି ବିଳମ୍ୱ ହୋଇଗଲା ଓ ହଜ୍‌ରତ୍ ତଲ୍‌ହା ଯାହାଙ୍କ ଉପରେ ଏହି ଦାୟିତ୍ୱ ନ୍ୟସ୍ତ ହୋଇଥିଲା ଯେ, ସେ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ନିକଟରେ ଜଳ ପହଂଚାଇବେ କିନ୍ତୁ ଜଳ ପହଂଚାଇବାରେ ଯେତେବେଳେ ବିଳମ୍ୱ ଘଟିଲା ସେତେବେଳେ ହଜ୍‌ରତ୍ ଅଲୀ ର:ଅ ତଲ୍‌ହା ର:ଅଙ୍କ ଉପରେ ଅତ୍ୟନ୍ତ କ୍ଷୁବ୍ଧ ପ୍ରକାଶ କରିଥିଲେ । ଅତଏବ ହଜ୍‌ରତ୍ ଅଲୀ ର:ଅ ସେ ପର୍ଯ୍ୟନ୍ତ ଶାନ୍ତିରେ ବସିଲେ ନାହିଁ ଯେପର୍ଯ୍ୟନ୍ତ ସେ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ଘରେ ଜଳ ପହଂଚାଇ ଦେଇନଥିଲେ । ଦ୍ୱିତୀୟ ଗୋଷ୍ଠୀଟି ସେହି ଗୋଷ୍ଠୀ ଥିଲା ଯିଏ ଜଣ ଜଣ କରି କିମ୍ୱା ଦୁଇ ଦୁଇଜଣ କରି ଯାହାକୁ ବି ଯେମିତି ଅବସର ମିଳୁଥିଲା ସେ ସୁଯୋଗ ଦେଖି ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ଘରେ କିମ୍ୱା ପଡ଼ୋଶୀଙ୍କ ଘରେ ଏକତ୍ରିତ ହେବାକୁ ଲାଗିଲେ । ସେହି ଏକତ୍ରିତ ହୋଇଥିବା ଲୋକମାନେ ଏହି ପଣ କଲେ ଯେ, ସେମାନେ ନିଜର ଜୀବନ ଦେଇଦେବେ ପଛେ କିନ୍ତୁ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ଉପରେ ଆଂଚ ଆସିବାକୁ ଦେବେନାହିଁ । ସେହି ଗୋଷ୍ଠିରେ ହଜ୍‌ରତ୍ ଅଲୀ, ହଜ୍‌ରତ୍ ତଲ୍‌ହା ଏବଂ ହଜ୍‌ରତ୍ ଜୁବୈର୍ ର:ଅଙ୍କର ସନ୍ତାନମାନଙ୍କ ବ୍ୟତିତ ସ୍ୱୟମଂ ସାହାବାମାନଙ୍କର ଏକ ଗୋଷ୍ଠୀ ମଧ୍ୟ ସାମିଲ ହୋଇଥିଲେ । ଏହି ଲୋକମାନେ ଦିନରାତି ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ଘରର ପହରା ଦେଉଥିଲେ ଏବଂ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ପର୍ଯ୍ୟନ୍ତ କୌଣସି ଶତୃଙ୍କୁ ପହଂଚିବାକୁ ଦେଉନଥିଲେ । ଯଦିଓ ଏହି ସଂଖ୍ୟାଲଘୁ ଗୋଷ୍ଠି ସଂଖ୍ୟାଗରିଷ୍ଠ ଗୋଷ୍ଠିଙ୍କ ମୁକାବିଲା କରିପାରି ନଥାନ୍ତା କିନ୍ତୁ ବିଦ୍ରୋହୀମାନେ ଏହା ଚାହୁଁଥିଲେ ଯେ ସେମାନେ କୌଣସି ଆଳ ରଖି ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କୁ ହତ୍ୟା କରିବେ । ସେମାନେ ମଧ୍ୟ ଏତେ ଜୋର୍ ଦେଉନଥିଲେ । ସେହି ସମୟରେ ପରିସ୍ଥିତିକୁ ଯଦି ଅନୁଧ୍ୟାନ କରାଯାଏ ତେବେ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କର ଇସ୍‌ଲାମ୍ ପ୍ରତି ଯେଉଁ କଲ୍ୟାଣ କରିଛନ୍ତି ତାହା ଉପରେ ଆଲୋକପାତ କରିବାଦ୍ୱାରା ମନୁଷ୍ୟର ବୁଦ୍ଧି ହତ୍‌ବାକ୍ ହୋଇପଡ଼େ । ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ଦ୍ୱାର ସମ୍ମୁଖରେ ବିଦ୍ରୋହୀମାନଙ୍କର ୩ହଜାର ସୈନ୍ୟଦଳ ଥିଲା ଏବଂ ସେମାନଙ୍କଠାରୁ ରକ୍ଷା ପାଇବା ପାଇଁ କୌଣସି ଉପାୟ ମଧ୍ୟ ନଥିଲା କିନ୍ତୁ ଯେଉଁ ଲୋକମାନେ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କୁ ରକ୍ଷା କରିବାକୁ ଚାହୁଁଥିଲେ ସେହି ଲୋକମାନଙ୍କୁ ମଧ୍ୟ ହଜ୍‌ରତ୍ ଉସ୍‌ମାନ୍ ର:ଅ ଅଟକାଉଥିଲେ ଏବଂ କହୁଥିଲେ ଯାଅ ତୁମେମାନେ ମୋ ପାଇଁ ନିଜ ଜୀବନକୁ କାହିଁକି ବିପଦରେ ପକାଉଛ ? ସେହି ବିଦ୍ରୋହୀମାନଙ୍କର କେବଳ ମୋ ସହିତ ଶତୃତା ରହିଛି ତୁମମାନଙ୍କ ସହିତ ସେମାନଙ୍କର କୌଣସି ଶତୃତା ନାହିଁ । ଅତଏବ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ଚକ୍ଷୁ ସେତେବେଳେ ସେହି ସମୟକୁ ଦେଖୁଥିଲା ଯେତେବେଳେ ଇସ୍‌ଲାମ୍ ସେହି ଉପଦ୍ରବୀମାନଙ୍କ ହସ୍ତ ଦ୍ୱାରା ଏକ ବହୁତ ବଡ଼ ବିପଦର ସମ୍ମୁଖିନ ହୋଇଥିଲା । କେବଳ ପ୍ରକାଶ୍ୟ ଏକତା ହିଁ ନୁହେଁ ବରଂ ଆଧ୍ୟାତ୍ମିକ ବ୍ୟବସ୍ଥା ମଧ୍ୟ ବିକ୍ଷିପ୍ତ ହେବାର୍ ନିକଟବର୍ତୀ ହୋଇଯିବ ଏବଂ ହଜ୍‌ରତ୍ ଉସ୍‌ମାନ୍ ର:ଅ ଜାଣିଥିଲେ ଯେ, ସେହିଭଳି ଏକ ଘଡ଼ିସନ୍ଧି ମୁହୁର୍ତରେ ଇସ୍‌ଲାମ୍‌ର ସୁରକ୍ଷା ଏବଂ ତାହାର ସ୍ଥାପନା ନିମନ୍ତେ ଜଣେ ଜଣେ ସାହାବିଙ୍କର ଆବଶ୍ୟକତା ପଡ଼ିବ । ଅତଏବ ହଜ୍‌ରତ୍ ଉସ୍‌ମାନ୍ ର:ଅ ଏହା ଚାହୁଁନଥିଲେ ଯେ, ତାଙ୍କୁ ରକ୍ଷା କରିବାକୁ ଯାଇ ସାହାବାମାନଙ୍କୁ ନିଜର ପ୍ରାଣବଳୀ ମଧ୍ୟ ଦେବାକୁ ପଡୁ । ହଜ୍‌ରତ୍ ଉସ୍‌ମାନ୍ ର:ଅ ସମସ୍ତଙ୍କୁ ଏହି ଉପଦେଶ ଦେଉଥିଲେ ଯେ, ସେହି ବିଦ୍ରୋହୀମାନଙ୍କ ସହିତ ଯୁଦ୍ଧ କରନାହିଁ । ହଜ୍‌ରତ୍ ଉସ୍‌ମାନ୍ ର:ଅ ଚାହୁଁଥିଲେ ଯେ, ଯେତେଦୁର ସମ୍ଭବ ହୋଇପାରୁଛି ସେତେଦୂର ପର୍ଯ୍ୟନ୍ତ ଆଗାମି ଉପଦ୍ରବକୁ ଦୁରିଭୁତ କରିବାପାଇଁ ସେହି ଯମାତ୍ ସୁରକ୍ଷିତ ରହୁ ଯେଉଁ ଯମାତ୍‌କୁ ଆଁ ହଜ୍‌ରତ୍ ସ:ଆ:ସଙ୍କ ସହଚାର୍ଯ୍ୟତା ଲାଭ ହୋଇଥିଲା । ଅତଏବ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କର ବୁଝାସୁଝା କରିବା ସତ୍ୱେ ମଧ୍ୟ ଯେଉଁ ସାହାବାମାନଙ୍କୁ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ଘର ପର୍ଯ୍ୟନ୍ତ ପହଂଚିବାର ସୁଯୋଗ ମିଳିଯାଉଥିଲା ସେମାନେ ନିଜର କର୍ତବ୍ୟ ସମ୍ପାଦନ କରିବାରେ ଅବହେଳା ପ୍ରଦର୍ଶନ କରୁନଥିଲେ ବରଂ ସେମାନେ ଆଗାମି ବିପଦ ଉପରେ ବର୍ତମାନର ବିପଦକୁ ପ୍ରାଧାନ୍ୟ ଦେଉଥିଲେ । ଉକ୍ତ ଅବଧିରେ ସେମାନଙ୍କର ଜୀବନ ଏଥିପାଇଁ ସୁରକ୍ଷିତ ଥିଲା ଯେ ବିଦ୍ରୋହୀମାନଙ୍କୁ ଶିଘ୍ରତାର ଆବଶ୍ୟକତା ନଥିଲା । ଅର୍ଥାତ ସେମାନେ ବାହାନା ଖୋଜୁଥିଲେ । ତାଙ୍କର ବାହାନା ଏହା ଥିଲା କି ସେମାନେ ସେହି ଦିନ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ଉପରେ ଆକ୍ରମଣ କରିବାକୁ ଚାହୁଁଥିଲେ ।

ପରିଶେଷରେ ସେହି ସମୟଟି ମଧ୍ୟ ଆସିଗଲା ଯେତେବେଳେ ବିଦ୍ରୋହୀମାନେ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ଉପରକୁ ଆକ୍ରମଣ କରିବାପାଇଁ ଆଉ ଅଧିକ ସମୟ ଧରି ଅପେକ୍ଷା କରିବାକୁ ପଡ଼ିଲା ନାହିଁ ଅତଏବ ସେମାନେ ଆଉ ଅଧିକ ଅପେକ୍ଷା କରିପାରିଲେ ନାହିଁ କାରଣ ହଜ୍‌ରତ୍ ଉସ୍‌ମାନ୍ ର:ଅ ହଜ୍ ଅବସରରେ ଏକତ୍ରିତ ହୋଇଥିବା ମୁସଲମାନମାନଙ୍କୁ ଏକ ଛାତିଥରା ବାର୍ତା ଶୁଣାଇ ଦେଇଥିଲେ ଏବଂ ମକ୍କା ଘାଟିର ଗୋଟିଏ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱ ପର୍ଯ୍ୟନ୍ତ ଏହି ବାର୍ତାର ପ୍ରତିଧ୍ୱନି ଗୁଞ୍ଜରିତ ହେଉଥିଲା । ଅତଏବ ହଜ୍ ସମୟରେ ଏକତ୍ରିତ ହୋଇଥିବା ମୁସଲମାନମାନେ ଏହି ନିଷ୍ପତି ନେଲେ ଯେ, ସେମାନେ ହଜ୍ ପରେ ଜିହାଦ୍‌ର ପୂଣ୍ୟରୁ ବଂଚିତ ରହିବେ ନାହିଁ । ସେହିଦିନ ହଜ୍ ତୀର୍ଥ ଯାତ୍ରୀମାନେ ମିଶରୀୟ ଉପଦ୍ରବକାରୀ ଓ ସେମାନଙ୍କର ସାଥିମାନଙ୍କର ମୁଳୋତ୍ପାଟନ ଘଟାଇବେ । ଉପଦ୍ରବିକାରୀଙ୍କର ଗୁପ୍ତଚରମାନେ ସେମାନଙ୍କୁ ମୁସଲମାନ ମାନଙ୍କର ଉକ୍ତ ଯୋଜନା ସମ୍ପର୍କରେ ଅବଗତ କରାଇଦେଲେ । ଏବେ ଉପଦ୍ରବିକାରୀ ବିଦ୍ରୋହୀମାନଙ୍କର ଶିବିରରେ ଅତ୍ୟନ୍ତ ଅଧିରତା ଏବଂ ବ୍ୟାକୁଳତାର ଲକ୍ଷଣ ଦୃଶ୍ୟମାନ ହେଉଥିଲା । ଏପରି କି ସେମାନେ ପରସ୍ପର ମଧ୍ୟରେ କଥାବାର୍ତା ହେବାକୁ ଲାଗିଲେ ଯେ, ବର୍ତମାନ ସେହି ବ୍ୟକ୍ତିର ହତ୍ୟା ଛଡ଼ା ଅନ୍ୟ କୌଣସି ଉପାୟ ନାହିଁ । ଯଦି ଆମେମାନେ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ହତ୍ୟା ନ କଲୁ ତାହେଲେ ମୁସଲମାନମାନଙ୍କ ହାତରେ ଆମମାନଙ୍କର ନୀହତ ହେବା ସୁନିଶ୍ଚିତ, ଏଥିରେ ସନ୍ଦେହର କୌଣସି ଅବକାଶ ନାହିଁ । ଉପଦ୍ରବକାରୀଙ୍କର ଏହି ଅଧିରତା ତଥା ବ୍ୟାକୁଳତାକୁ ଉକ୍ତ ଖବରଟି ଆହୁରି ଦୁଇଗୁଣିତ କରିଦେଇଥିଲା ଯେ, ସିରିୟା ଏବଂ ବସ୍‌ରାରେ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କର ପତ୍ର ପହଂଚିଗଲାଣି । ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ପତ୍ର ପହଂଚିବା ପରେ ସେଠାକାର ଲୋକମାନେ, ଯେଉଁମାନେ ପୂର୍ବରୁ ହିଁ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ଶାସନକୁ ଅପେକ୍ଷା କରିବସିଥିଲେ । ସେହି ପତ୍ର ପହଂଚିବା ପରେ ସେମାନେ ଆହୁରି ଉନ୍ମାଦିତ ତଥା ଉତ୍ସାହିତ ହୋଇପଡ଼ିଲେ ଏବଂ ସାହାବାମାନେ ମଧ୍ୟ ନିଜର ଦାୟିତ୍ୱକୁ ଅନୁଭବ କରି ମସ୍‌ଜିଦ୍ ଓ ସଭାରେ ମଧ୍ୟ ସମସ୍ତ ମୁସଲମାନମାନଙ୍କୁ ନିଜର କର୍ତବ୍ୟ ପ୍ରତି ଦୃଷ୍ଟି ଆକର୍ଷଣ କରି ସେହି ଉପଦ୍ରବିମାନଙ୍କର ବିରୁଦ୍ଧରେ ଧର୍ମାଦେଶ ଦେଲେ ଯେ, ଆଜି ଯଦି କୌଣସି ବ୍ୟକ୍ତି ଜିହାଦ୍ ନର୍କରେ ତାହେଲେ ସେ କିଛି କରିଲା ନାହିଁ । କୁଫାର୍‌ରେ ଉକ୍‌ବା ବିନ୍ ଉମ୍‌ରୋ, ଅବ୍‌ଦୁଲ୍ଲାଃ ବିନ୍ ଅବି ଅଉଫା ଏବଂ ହନ୍‌ଜଲା ବିନ୍ ରବିଅଲ୍ ତମିମି ଓ ଅନ୍ୟାନ୍ୟ ସାହାବାଗଣ ଲୋକମାନଙ୍କୁ ମଦିନାବାସୀଙ୍କୁ ସାହାଯ୍ୟ କରିବାପାଇଁ ଅନୁପ୍ରାଣିତ କରୁଥିଲେ । ଅପରପକ୍ଷରେ ବସ୍‌ରାରେ ଇମ୍‌ରାନ୍ ବିନ୍ ହୁସୈନ୍, ଅନସ୍ ବିନ୍ ମାଲିକ୍, ହୁଶାମ୍ ବିନ୍ ଆମୀର୍ ଓ ଅନ୍ୟାନ୍ୟ ସାହାବାମାନେ ମଦିନାବାସୀଙ୍କୁ ସାହାଯ୍ୟ କରିବାପାଇଁ ଲୋକମାନଙ୍କୁ ଉତ୍ସାହିତ କରିଥିଲେ । ସିରିୟାରେ ଉବାଦାଃ ବିନ୍ ସାବିତ୍, ଅବୁ ଅମାମା ଏବଂ ଅନ୍ୟାନ୍ୟ ସାହାବମାନେ ହଜ୍‌ରତ୍ ଉସ୍‌ମାନ୍‌ଙ୍କ ସ୍ୱରକୁ ସମର୍ଥନ ଜଣାଇ ଲୋକମାନଙ୍କୁ ଉସୁକାଉଥିଲେ । ଅପରପକ୍ଷରେ ମିଶର୍‌ରେ ଖାରଜା ଓ ଅନ୍ୟାନ୍ୟ ବ୍ୟକ୍ତିମାନେ ଏବଂ ଅନ୍ୟ ଦେଶରୁ ସୈନ୍ୟଦଳଗୁଡ଼ିକ ଏକାଠି ହୋଇ ମଦିନା ଆଡ଼କୁ ଅଗ୍ରସର ହେବାକୁ ଲାଗିଲେ । ଅତଏବ ଉକ୍ତ ସମ୍ୱାଦ ଶୁଣି ବିଦ୍ରୋହୀମାନଙ୍କ ମନରେ ଛନ୍‌କା ପଶିଯାଇଥିଲା । ସେମାନଙ୍କ ଅଧିରତା ଦ୍ୱିଗୁଣିତ ହୋଇଯାଇଥିଲା ପରିଶେଷରେ ସେହି ବିଦ୍ରୋହୀମାନେ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ଘର ଉପରେ ଆକ୍ରମଣ କରି ବଳପୂର୍ବକ ପ୍ରବେଶ କରିବାକୁ ଉଦ୍ୟମ କଲେ । ଉପଦ୍ରବୀକାରୀ ଓ ସାହାବାମାନଙ୍କ ମଧ୍ୟରେ ଘୋର୍ ଯୁଦ୍ଧ ହୋଇଥିଲା । ସାହାବାମାନଙ୍କ ସଂଖ୍ୟା କମ୍ ଥିଲା କିନ୍ତୁ ସେମାନଙ୍କର ଆତ୍ମ ବିଶ୍ୱାସ ଓ ସ୍ୱାଭିମାନ ସେମାନଙ୍କର ଅଳ୍ପ ସଂଖ୍ୟାକୁ ପୂରଣ କରୁଥିଲା । ଯେଉଁ ସ୍ଥାନରେ ଯୁଦ୍ଧ ହେଲା ଅର୍ଥାତ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ଘର ସମ୍ମୁଖରେ, ସେହି ସ୍ଥାନଟି ଅତ୍ୟନ୍ତ ସଂକୀର୍ଣ୍ଣ ଥିଲା ଏଣୁ ଉପଦ୍ରବୀକାରୀମାନେ ନିଜର ସଂଖ୍ୟା ଗରିଷ୍ଠତା ସତ୍ୱେ ମଧ୍ୟ ସଫଳ ହୋଇପାରିନଥିଲେ । ଯେତେବେଳେ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କୁ ଉକ୍ତ ଯୁଦ୍ଧ ସମ୍ପର୍କରେ ସୁଚନା ମିଳିଲା ସେତେବେଳେ ଆପଣ ର:ଅ ସାହାବାମାନଙ୍କୁ ଯୁଦ୍ଧ କରିବାକୁ ବାରଣ କଲେ । ସାହାବାମାନେ ସେତେବେଳେ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କୁ ଏକୁଟିଆ ଛାଡ଼ିଦେବାକୁ ଇମାନ୍‌ଦାରୀ ବିରୁଦ୍ଧ ଏବଂ ଆଜ୍ଞାବହତାର ଆଦେଶ ବିରୁଦ୍ଧିୟ ବୋଲି ମନେ କରିଥିଲେ । ହଜ୍‌ରତ୍ ଉସ୍‌ମାନ୍ ର:ଅ ସାହାବାମାନଙ୍କୁ ଈଶ୍ୱରଙ୍କ ଦ୍ୱାହି ଦେବା ସତ୍ୱେ ମଧ୍ୟ ସାହାବାମାନେ ସେଠାରୁ ଫେରିବାକୁ ଅସ୍ୱୀକାର କରିଥିଲେ । ପରିଶେଷରେ ହଜ୍‌ରତ୍ ଉସ୍‌ମାନ୍ ର:ଅ ଢ଼ାଲ ହାତରେ ଧରିଲେ ଏବଂ ବାହାରକୁ ବାହାରି ଆସିଲେ ଏବଂ ସାହାବାମାନଙ୍କୁ ନିଜ ଘର ଭିତରକୁ ନେଇ ଆସିଲେ ଏବଂ କବାଟ କିଳିଦେଲେ । ହଜ୍‌ରତ୍ ଉସ୍‌ମାନ୍ ର:ଅ ସମସ୍ତ ସାହାବାମାନଙ୍କୁ ଏବଂ ତାଙ୍କର ସହାୟକମାନଙ୍କୁ ୱସିୟତ କଲେ ଅଲ୍ଲାଃ ତାଲା ତୁମମାନଙ୍କୁ ଏ ସଂସାର ଏଥିପାଇଁ ଦେଇନାହାନ୍ତି ଯେ ତୁମେମାନେ ସଂସାର ପ୍ରତି ଆସକ୍ତ ହୁଅ ବରଂ ଅଲ୍ଲାଃ ତାଲା ତୁମମାନଙ୍କୁ ଜୀବନ ରୂପକ ସଂସାର ଏଥିପାଇଁ ଦେଇଛନ୍ତି ଯେ ତୁମେମାନେ ଅଲ୍ଲାଃ ତାଲାଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଜୀବନ ମାଧ୍ୟମରେ ପରକାଳ ପାଇଁ ସାଧନଗୁଡ଼ିକ ଏକତ୍ରିତ କର । ଏହି ସଂସାର କ୍ଷଣ ଭଙ୍ଗୁର ଓ ନଶ୍ୱର କିନ୍ତୁ ପରକାଳ କ୍ଷଣ ଭଙ୍ଗୁର ନୁହେଁ ତାହା ଚିରସ୍ଥାୟୀ ଅଟେ । ଅତଏବ କ୍ଷଣଭଙ୍ଗୁର ବସ୍ତୁ ତୁମମାନଙ୍କୁ ଅବହେଳିତ କରିନଦେଉ । ତୁମେମାନେ ଚିରକାଳ ପର୍ଯ୍ୟନ୍ତ ଥିବା ବସ୍ତୁକୁ କ୍ଷଣଭଙ୍ଗୁର ବସ୍ତୁ ଉପରେ ପ୍ରାଧାନ୍ୟ ଦିଅ ଏବଂ ଅଲ୍ଲାଃ ତାଲାଙ୍କ ସାକ୍ଷାତକୁ ସର୍ବଦା ସ୍ମରଣ ରଖ । ଯମାତ୍‌କୁ ବିକ୍ଷିପ୍ତ ହେବାକୁ ଦିଅନାହିଁ ଏବଂ ଅଲ୍ଲାଃ ତାଲାଙ୍କର ଏହି ପୁରସ୍କାରକୁ ଭୂଲି ନଯାଅ ଯେ ତୁମେମାନେ ସର୍ବଗ୍ରାସି ମୃତ୍ୟୁର ଗର୍ତ ନିକଟରେ ଛିଡ଼ା ହୋଇଥିଲ ଏବଂ ସେ ତୁମମାନଙ୍କୁ ନିଜ କୃପା ବଳରେ ମୁକ୍ତି ପ୍ରଦାନ କରି ତୁମମାନଙ୍କୁ ପରସ୍ପର ମଧ୍ୟରେ ଭାଇ ଭାଇ କରିଦେଇଥିଲେ । ଏହାପରେ ହଜ୍‌ରତ୍ ଉସ୍‌ମାନ୍ ର:ଅ ସମସ୍ତ ମୁସଲମାନମାନଙ୍କୁ ବିଦାୟ ଜଣାଇଲେ ଏବଂ କହିଲେ ଯେ, ଅଲ୍ଲାଃ ତାଲା ତୁମମାନଙ୍କୁ ସୁରକ୍ଷା ପ୍ରଦାନ କରନ୍ତୁ ଏବଂ

ତୁମମାନଙ୍କୁ ସାହା ହୁଅନ୍ତୁ ତୁମେମାନେ ସମସ୍ତେ ମୋ ଘରୁ ବାହାରକୁ ଚାଲିଯାଅ ଏବଂ ସେହି ସାହାବାମାନଙ୍କୁ ଡ଼ାକ ଯେଉଁ ସାହାବାମାନଙ୍କୁ ମୋ ପର୍ଯ୍ୟନ୍ତ ପହଂଚିବାକୁ ଦିଆଯାଇନଥିଲା । ବିଶେଷ କରି ହଜ୍‌ରତ୍ ଅଲୀ, ହଜ୍‌ରତ୍ ତଲ୍‌ହା ଓ ହଜ୍‌ରତ୍ ଜୁବୈର ର:ଅଙ୍କୁ ପଠାଅ । ଏହି ଲୋକମାନେ ବାହାରକୁ ଆସିଲେ ଏବଂ ଅନ୍ୟ ସାହାବାଙ୍କୁ ମଧ୍ୟ ଡ଼କାଗଲା । ସେତେବେଳେ ଏଭଳି ଏକ ବାତାବରଣ ସୃଷ୍ଟି ହୋଇଥିଲା ଯେ ଚତୁର୍ଦ୍ଦିଗରେ ଶୋକର ଛାୟା ଖେଳି ଯାଇଥିଲା । ହଜ୍‌ରତ୍ ଉସ୍‌ମାନ ର:ଅଙ୍କର ଏହି ବାର୍ତା ଦ୍ୱାରା ବିଦ୍ରୋହୀମାନେ ମଧ୍ୟ ପ୍ରଭାବିତ ହୋଇ ରହିପାରିନଥିଲେ । ସାମୟିକ ରୂପେ ଯେତେବେଳେ ହଜ୍‌ରତ୍ ଉସ୍‌ମାନ ର:ଅ ମୁସଲମାନମାନଙ୍କୁ କହିଲେ, ଯେ ତୁମେମାନେ ବାହାରକୁ ଯାଅ ସେତେବେଳେ ମୁସଲମାନମାନେ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ କଥା ମାନି ଅବଶ୍ୟ ବାହାରକୁ ବାହାରି ଆସିଥିଲେ କିନ୍ତୁ ସେମାନେ ବିଦ୍ରୋହୀମାନଙ୍କ ଉପରକୁ ଆକ୍ରମଣ କଲେନାହିଁ । ସେ ଯାହା ହେଉ ନା କାହିଁକି ସମସ୍ତେ ଏହା ଅବଲୋକନ କରିଥିଲେ ଯେ, ଆଁ ହଜ୍‌ରତ୍ ସ:ଆ:ସଙ୍କ ଦ୍ୱାରା ପ୍ରଜ୍ୱଳିତ ହୋଇଥିବା ଦୀପଶିଖାଟି ବର୍ତମାନ ତା'ର ସାଂସାରିକ ବୟସକୁ ପୂର୍ଣ୍ଣ କରି ଏହି ସଂସାରବାସୀଙ୍କ ଦୃଷ୍ଟି ଆଗରୁ ଅଦୃଶ୍ୟ ହେବାକୁ ଯାଉଛି ।

ଅତଏବ ଏହି ମୁସଲମାନମାନେ ବାହାରକୁ ଗଲେ ଏବଂ ବୟଜ୍ୟୋଷ୍ଠ ସାହାବାମାନଙ୍କୁ ଏକତ୍ରିତ କଲେ ତେଣୁ ସେହି ବିଦ୍ରୋହୀମାନେ ସାହାବାମାନଙ୍କର ଏକତ୍ରିତ ହେବାକୁ ବିରୋଧ କଲେନାହିଁ ବରଂ ସମସ୍ତ ସାହାବାମାନଙ୍କୁ ଏକତ୍ରିତ ହେବାକୁ ଦେଲେ । ଯେତେବେଳେ ଲୋକମାନେ ଏକତ୍ରିତ ହୋଇଗଲେ ସେତେବେଳେ ହଜ୍‌ରତ୍ ଉସ୍‌ମାନ ର:ଅ ଘରର କାନ୍ଥ ଉପରେ ଚଢ଼ିଗଲେ ଏବଂ କହିଲେ ମୋ ନିକଟକୁ ପାଖେଇ ଆସ ଯେତେବେଳେ ସମସ୍ତ ସାହାବାମାନେ ପାଖେଇ ଆସିଲେ ସେତେବେଳେ କହିଲେ, ହେ ଲୋକମାନେ ବସିଯାଅ ଅତଏବ ସାହାବାମାନଙ୍କର ଏହି ସଭାକୁ ଦେଖି ବିଦ୍ରୋହୀଙ୍କ ଉପରେ ମଧ୍ୟ ଭୟଙ୍କର ପ୍ରଭାବ ପଡ଼ିଥିଲା ଏବଂ ସେମାନେ ମଧ୍ୟ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ କଥାକୁ ଶୁଣି ବସିପଡ଼ିଲେ । ଯେତେବେଳେ ସମେସ୍ତ ବସିପଡ଼ିଲେ ସେତେବେଳେ ହଜ୍‌ରତ୍ ଉସ୍‌ମାନ ର:ଅ କହିଲେ, ହେ ମଦିନା ବାସୀ ମୁଁ ତୁମମାନଙ୍କୁ ଅଲ୍ଲାଃଙ୍କ ନିକଟରେ ହସ୍ତାନ୍ତର କରୁଅଛି ଏବଂ ଅଲ୍ଲାଃ ତାଲାଙ୍କ ନିକଟରେ ଏହି ପ୍ରାର୍ଥନା କରୁଛି ଯେ, ସେ ମୋର ପରେ ତୁମମାନଙ୍କ ପାଇଁ ଖିଲାଫତ୍‌ର ସର୍ବୋତମ ବ୍ୟବସ୍ଥା କରିଦେବେ । ଆଜି ପରେ ଅଲ୍ଲାଃ ତାଲା ଯେ ପର୍ଯ୍ୟନ୍ତ ମୋ ସଂକ୍ରାନ୍ତରେ କୌଣସି ନିଷ୍ପତି କରିନାହାନ୍ତି ସେ ପର୍ଯ୍ୟନ୍ତ ମୁଁ ବାହାରକୁ ବାହାରିବି ନାହିଁ । ମୁଁ କୌଣସି ବ୍ୟକ୍ତିକୁ ଏପରି କୌଣସି ଦାୟିତ୍ୱ ହସ୍ତାନ୍ତର କରିବିନାହିଁ ଯେଉଁ କ୍ଷମତା ବଳରେ ସେ ସଂସାରରେ ତୁମମାନଙ୍କ ଉପରେ ଶାସନ କରିବ । ମୁଁ ଏହି ସମସ୍ତ ପ୍ରସଙ୍ଗକୁ ଅଲ୍ଲାଃ ତାଲାଙ୍କ ଉପରେ ନ୍ୟସ୍ତ କରିଦେଉଛି, ସେ ଯାହାକୁ ବି ଚାହିଁବେ ନିଜ କାମ ପାଇଁ ପସନ୍ଦ କରିବେ । ଏହାପରେ ହଜ୍‌ରତ୍ ଉସ୍‌ମାନ ର:ଅ ସାହାବାମାନଙ୍କୁ ଏବଂ ଅନ୍ୟାନ୍ୟ ମଦିନାବାସୀଙ୍କୁ ଶପଥ ନେବାପାଇଁ କହିଲେ ଯେ, ସେମାନେ ହଜ୍‌ରତ୍ ଉସ୍‌ମାନ ର:ଅଙ୍କୁ ସୁରକ୍ଷା ପ୍ରଦାନ କରିବା ପାଇଁ ନିଜ ଜୀବନକୁ ବିପଦମୁଖକୁ ଠେଲି ନଦିଅନ୍ତୁ ବରଂ ସେମାନେ ନିଜ ନିଜ ଘରକୁ ଫେରି ଯାଆନ୍ତୁ । ହଜ୍‌ରତ୍ ଉସ୍‌ମାନ ର:ଅଙ୍କର ଏହି ଆଦେଶଟି ସାହାବାମାନଙ୍କ ମଧ୍ୟରେ ବହୁତ ବଡ଼ ମତପାର୍ଥକ୍ୟ ଓ ଦ୍ୱନ୍ଦ ସୃଷ୍ଟି କରିଦେଇଥିଲା । ତାହା ଏଭଳି ଏକ ମତଭେଦ ଥିଲା ଯାହାର ଦୃଷ୍ଟାନ୍ତ ପୂର୍ବେ କେବେ ଦେଖିବାକୁ ମିଳିନାହିଁ କାରଣ ସାହାବାମାନେ ଆଜ୍ଞା ପାଳନ ଛଡ଼ା ଅନ୍ୟ କୌଣସି କଥା ଜାଣିନଥିଲେ କିନ୍ତୁ ଉକ୍ତ ଆଦେଶକୁ ସ୍ୱୀକାର କରିବାଦ୍ୱାରା ସେମାନଙ୍କୁ ଆଜ୍ଞାପାଳନର ନୁହେଁ ବରଂ ବିଦ୍ରୋହର ଦୁର୍ଗନ୍ଧ ଆସୁଥିଲା ଅର୍ଥାତ ସାହାବାମାନେ କହିଲେ ଯେ ଆମେମାନେ ହଜ୍‌ରତ୍ ଉସ୍‌ମାନ ର:ଅଙ୍କର ଏହି ଆଦେଶକୁ କଦାପି ଗ୍ରହଣ କରିପାରିବୁନାହିଁ କାରଣ ଏହା ଆଜ୍ଞାପାଳନ ନୁହେଁ ବରଂ ଏହା ବିଦ୍ରୋହ ଅଟେ । ସୁତରାଂ କେତେକ ସାହାବାମାନେ ହଜ୍‌ରତ୍ ଉସ୍‌ମାନ ର:ଅଙ୍କର ଉକ୍ତ ଆଦେଶ ପକ୍ଷକୁ ପ୍ରାଧାନ୍ୟ ଦେଇ ଭବିଷ୍ୟତ ପାଇଁ ଶତୃଙ୍କ ସହିତ ମୁକାବିଲା କରିବାର ଅଭିଳାଷକୁ ପରିତ୍ୟାଗ କରିଦେଲେ । ବୋଧ ହୁଏ ସେହି ଲୋକମାନେ ଏହା ଭାବିଲେ ଯେ, ଆମମାନଙ୍କର କର୍ତବ୍ୟ ହେଲା ଯେ ଆମେମାନେ କେବଳ ଖଲିଫାଙ୍କର ଆଜ୍ଞାପାଳା କରିବୁ ନା କି ଆମେମାନେ ଏହା ଦେଖିବୁ ଯେ, ଉକ୍ତ ଆଦେଶ ଉପରେ ପରିଚାଳିତ ହେବା ଦ୍ୱାରା କେଉଁ ଫଳାଫଳ ବାହାରିବ କିନ୍ତୁ କେତେକ ସାହାବାମାନେ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ଏହି ଆଦେଶକୁ ଗ୍ରହଣ କରିବାକୁ ରାଜି ନଥିଲେ କାରଣ ସେମାନେ ଏହା ଲକ୍ଷ୍ୟ କଲେ ଯେ, ନିଃସନ୍ଦେହ ଖଲିଫାଙ୍କ ଆଜ୍ଞାପାଳନ କରିବା ଆମମାନଙ୍କର କର୍ତବ୍ୟ କିନ୍ତୁ ଖଲିଫା ଯେତେବେଳେ ଆମମାନଙ୍କୁ ଏହି ଆଦେଶ ଦିଅନ୍ତି ଯେ ତୁମେମାନେ ମତେ ଛାଡ଼ି ଚାଲିଯାଅ ତେବେ ଉକ୍ତ କଥାର ଅର୍ଥ ଏହା ଯେ, ତୁମେମାନେ ଖିଲାଫତ୍ ସହିତ ଯୋଡ଼ି ହୋଇ ରହିବାକୁ ପରିତ୍ୟାଗ କର । ଏହା ହେଉଛି ଏପରି ଆଜ୍ଞା ଯାହା କି ବାସ୍ତବ ପକ୍ଷେ ବିଦ୍ରୋହ ସୃଷ୍ଟି କରିଥାଏ । ହଜ୍‌ରତ୍ ଉସ୍‌ମାନ ର:ଅ ଏହା ଅବଲୋକନ କରିଥିଲେ ଯେ, ଏହି ସାହବାମାନଙ୍କୁ ସେମାନଙ୍କ ଘରକୁ ପଠାଇ ଦେବାଟା ସେମାନଙ୍କ ଜୀବନର ସୁରକ୍ଷା ପାଇଁ ଥିଲା । ଏହି ସାହାବାମାନେ ଯେଉଁମାନେ ହଜ୍‌ରତ୍ ଉସ୍‌ମାନ ର:ଅଙ୍କୁ ନିଜର ମନପ୍ରାଣ ଦେଇ ଭଲ ପାଉଥିଲେ ସେମାନେ କିପରି ତାଙ୍କୁ ଏହି ଘଡ଼ିସନ୍ଧି ମୁହୂର୍ତରେ ନିଃସଙ୍ଗ ଛାଡ଼ି ଚାଲିଯିବେ ? ଅତଏବ ଏହି ଆଦେଶକୁ ଆଜ୍ଞାପାଳନର ଆଖ୍ୟା ଦିଆଯାଇପାରିବ ନାହିଁ ବରଂ ଏପରି ଆଦେଶକୁ ମାନିଲେ ଏଥିରୁ ବିଦ୍ରୋହର ଦୁର୍ଗନ୍ଧ ବାହାରିବ । ହଜ୍‌ରତ୍ ଉସ୍‌ମାନ ର:ଅ ସାହାବାମାନଙ୍କ ଏହି ପ୍ରେମ ତଥା ଆନ୍ତରିକତା ଦେଖି ମର୍ମେ ମର୍ମେ ଏହା ଅନୁଭବ କଲେ ଯେ, ସେମାନଙ୍କର ମୋ ପ୍ରତି ଭଲ ପାଇବା ଏବଂ ଆନ୍ତରିକତା ତଥା ଅନୁରକ୍ତି ରହିଛି ତେଣୁ ଏଥିଯୋଗୁଁ ସେମାନଙ୍କର ପ୍ରାଣହାନୀ ଯେପରି ନ ଘଟୁ ବରଂ ସେମାନେ ମତେ ଛାଡ଼ି ଚାଲିଯାଆନ୍ତୁ । ହଜ୍‌ରତ୍ ଉସ୍‌ମାନ ର:ଅ ସାହାବାମାନଙ୍କର ଜୀବନକୁ ରକ୍ଷା କରିବାପାଇଁ ସଦାସର୍ବଦା ଚେଷ୍ଟିତ ଥିଲେ । ପଛରେ ଆସିଥିବା ବଡ଼ ବଡ଼ ସାହାବାମାନଙ୍କ ନିମନ୍ତେ ଏହା ସମ୍ଭବ ନଥିଲା ଯେ, ସେମାନେ ହଜ୍‌ରତ୍ ଉସ୍‌ମାନ ର:ଅଙ୍କୁ ନିଃସଙ୍ଗ କରି ଛାଡ଼ି ଚାଲିଯାଇଥାନ୍ତେ । ସୁତରାଂ ହଜ୍‌ରତ୍ ଉସ୍‌ମାନ ର:ଅଙ୍କର ଏହି ଆଦେଶ ସତ୍ୱେ ମଧ୍ୟ ହଜ୍‌ରତ୍ ଅଲୀ, ହଜ୍‌ରତ୍ ତଲ୍‌ହା, ହଜ୍‌ରତ୍ ଜୁବୈର୍ ଏବଂ ତାଙ୍କର ଦୁଇ ସୁପୁତ୍ର ନିଜ ପିତାଙ୍କ ଆଦେଶ ଅନୁଯାୟୀ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ଘର ବାରଣ୍ଡାର ମୁଖଦ୍ୱାର ସମ୍ମୁଖରେ ବସି ରହିଲେ ଏବଂ ନିଜର ଖଡ୍ଗ ଖୋଳ ମଧ୍ୟରେ ପୁରାଇଲେ ନାହିଁ । ଯେତେବେଳେ ଲୋକମାନେ ହଜ୍ ତୀର୍ଥଯାତ୍ରା ସାରି ଗୋଟିଏ ଦୁଇଜଣ ବ୍ୟକ୍ତି ମଦିନାରେ ପ୍ରବେଶ କରିବାକୁ ଲାଗିଲେ ଏବଂ ସେତେବେଳେ ବିଦ୍ରୋହୀମାନେ ଏହା ଜାଣିପାରିଲେ ଯେ, ବର୍ତମାନ ଆମ ଭାଗ୍ୟ ଫଳାଫଳର ସମୟ ଖୁବ୍ ନିକଟବର୍ତୀ ଆସିଯାଇଛି ସେତେବେଳେ ଏହି ବିଦ୍ରୋହୀମାନଙ୍କର ଉତ୍ସାହ ଏବଂ ବ୍ୟାକୁଳତାର ଆଉ ସୀମା ରହିଲାନାହିଁ ଅତଏବ ମୁଗିରା ବିନ୍ ଅଲ୍ ଅଖ୍‌ନସବ୍ ସର୍ବପ୍ରଥମେ ବ୍ୟକ୍ତି ଥିଲେ ଯିଏ ହଜ୍ କରି ସାରିବା ପରେ ଜିହାଦ୍ ଉଦ୍ଦେଶ୍ୟ ରଖି ମଦିନାରେ ପ୍ରବେଶ କରିଥିଲେ । ତତ୍‌ସହିତ ସେହି ଉପଦ୍ରବୀମାନଙ୍କୁ ଏହି ସୁଚନା ଟି ମିଳିଗଲା ଯେ, ବସ୍‌ରା ବାସୀଙ୍କର ସୈନ୍ୟଦଳ ସିରାର୍ (ଏହି ସ୍ଥାନଟି ମଦିନାଠାରୁ ପ୍ରାୟ ଗୋଟିଏ ଦିନର ବ୍ୟବଧାନରେ ଅବସ୍ଥିତ) ନାମକ ସ୍ଥାନରେ ମୁସଲମାନମାନଙ୍କୁ ସାହାଯ୍ୟ କରିବାପାଇଁ ଆସୁଛି ଉକ୍ତ ସମ୍ବାଦ ଦ୍ୱାରା ସେହି ବିଦ୍ରୋହୀମାନେ ପ୍ରଭାବିତ ହୋଇ ଏହି ସିଦ୍ଧାନ୍ତରେ ଉପନୀତ ହେଲେ ଯେ, କଳେବଳେ କୌଶଳେ ନିଜର ଉଦ୍ଦେଶ୍ୟକୁ ଯଥାଶିଘ୍ର ଚରିତାର୍ଥ କରାଯାଉ । ଯଦି ବିଶ୍ୱାସକାରୀମାନେ ଓ ବଡ଼ ବଡ଼ ସାହାବାମାନେ ଯେଉଁମାନେ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ବାରଣ କରିବା ସତ୍ୱେ ଘରକୁ ନ ଫେରି ହଜ୍‌ରତ୍ ଉସ୍‌ମାନ ର:ଅଙ୍କୁ ସୁରକ୍ଷା ଦେଇଥିଲେ, ଏହି ଖଲିଫା ପ୍ରୀୟ ବ୍ୟକ୍ତିମାନେ ଓ ସାହାବାମାନେ ସ୍ୱଷ୍ଟରୂପେ ଏହା କହିଥିଲେ ଯେ ଯଦିଓ ଆମମାନଙ୍କର ସଂଖ୍ୟା ବିଦ୍ରୋହୀଙ୍କ ତୁଳନାରେ ନଗଣ୍ୟ କିନ୍ତୁ ତଥାପି ଆମେମାନେ ସେହି ବିଦ୍ରୋହୀମାନଙ୍କ ସହିତ ଲଢ଼ିବୁ । ଯଦି ଆମେମାନେ ଏପରି ନ କରୁ ତାହେଲେ ଆମେମାନେ ଭଗବାନଙ୍କୁ ହିଁ ମୁହଁ ଦେଖାଇ ପାରିବୁ ନାହିଁ । ଅତଏବ ସାହାବାମାନେ ସଂଖ୍ୟାରେ କମ୍ ଥିବା ସତ୍ୱେ ମଧ୍ୟ ଗୃହର ଭିତରପଟୁ ସୁରକ୍ଷା କରୁଥିଲେ ଏବଂ ବିଦ୍ରୋହୀମାନଙ୍କ ପକ୍ଷରେ ଦ୍ୱାର ପର୍ଯ୍ୟନ୍ତ ପହଂଚିବା କଷ୍ଟକର ନଥିଲା କିନ୍ତୁ ସେହି ବିଦ୍ରୋହୀମାନେ ଦୁଆର ସମ୍ମୁଖରେ କାଠ ଗଦା କରି ସେହି କାଠ ଗଦାରେ ଅଗ୍ନୀ ସଂଯୋଗ କରିଦେଲେ କାରଣ କବାଟଟି ଯେପରି ଜଳିଯାଉ ଏବଂ ସେହି ବିଦ୍ରୋହୀମାନଙ୍କୁ ଭିତରକୁ ପ୍ରବେଶ କରିବାପାଇଁ ମାର୍ଗ ମିଳିଯାଉ । ଅର୍ଥାତ ସେହି ବିଦ୍ରୋହୀମାନଙ୍କ ପାଇଁ ଘର ଭିତରକୁ ପ୍ରବେଶ କରିବାର ବାଟ ଫିଟିଯାଉ । ଯେତେବେଳେ ସାହାବାମାନେ ବିଦ୍ରୋହୀମାନଙ୍କୁ ଏପରି କରିବାର ଦେଖିଲେ ସେତେବେଳେ ସେମାନେ ଗୃହ ଭିତରେ ବସିବାକୁ ଉଚିତ ମନେ କଲେନାହିଁ । ବରଂ ଖଡ୍ଗ ଧରି ବାହାରକୁ ବାହାରିବା ପାଇଁ ଆଗ୍ରହ ପ୍ରକାଶ କଲେ କିନ୍ତୁ ହଜ୍‌ରତ୍ ଉସ୍‌ମାନ ର:ଅ ସେମାନଙ୍କୁ ଉକ୍ତ କଥାରୁ ରୋକିଲେ ଏବଂ କହିଲେ ଗୃହରେ ନିଆଁ ଲଗାଇଦେବା ପରେ ଆଉ କଣ କଥା ରହିଲା ? ବର୍ତମାନ ଯାହା ହେବାର ଥିଲା ତାହା ଘଟିଗଲାଣି ତୁମେମାନେ ନିଜ ଜୀବନକୁ ଆଉ ବିପଦରେ ପକାଅନାହିଁ ବରଂ ନିଜ ନିଜ ଘରକୁ ଫେରିଯାଅ ସେହି ବିଦ୍ରୋହୀମାନଙ୍କୁ କେବଳ ମୋର ଅସ୍ତିତ୍ୱ ସହିତ ଶତୃତା ରହିଛି । କିନ୍ତୁ ଏହି ବିଦ୍ରୋହୀମାନେ ଖୁବ୍ ଶିଘ୍ର ନିଜର କୁକର୍ମ ପାଇଁ ଅନୁତପ୍ତ ହେବେ । ମୁଁ ପ୍ରତ୍ୟେକ ବ୍ୟକ୍ତିଙ୍କୁ ମୋର ଆଜ୍ଞାପାଳନରୁ ମୁକ୍ତ କରୁଛି ଏବଂ ସେମାନଙ୍କୁ କ୍ଷମା ପ୍ରଦାନ କରୁଛି କିନ୍ତୁ ସାହାବା ଓ ଅନ୍ୟ ବ୍ୟକ୍ତିମାନେ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ଉକକ୍ତ କଥାକୁ ସ୍ୱୀକାର କଲେନାହିଁ ଏବଂ ଖଡ୍ଗ ଧରି ବାହାରକୁ ବାହାରି ଆସିଥିଲେ । ସେମାନେ ବାହାରକୁ ବାହାରୁଥିବା ସମୟରେ ହିଁ ଅବୁହୁରୈରା ମଧ୍ୟ ସେଠାରେ ପହଂଚିଗଲେ ଏବଂ ସେ ଜଣେ ସୈନିକ ନଥିବା ସତ୍ୱେ ମଧ୍ୟ ସେହି ସାହାବାମାନଙ୍କ ସହିତ ସାମିଲ ହୋଇଗଲେ ଏବଂ କହିଲେ, ଆଜିର ଦିନର ଯୁଦ୍ଧଠାରୁ ଆଉ କେଉଁ ଯୁଦ୍ଧ ଅଧିକ ଶ୍ରେୟସ୍କର ହୋଇପାରିବ ? ଏହାପରେ ସେ ବିଦ୍ରୋହୀମାନଙ୍କ ଆଡ଼କୁ ଦେଖି କହିଲେ, **ୟା କୌମି ମାଲି ଅଦଉକୁମ୍ ଇଲନ୍ ନଜାତି ୱ ତର୍‌ଉନନି ଇଲନ୍‌ନାରି (ମୋମିନ୍:୪୨)** ଅର୍ଥାତ ହେ ମୋର ସମ୍ପ୍ରଦାୟ ! ତୁମକୁ କଣ ହୋଇଛି ଯେ ମୁଁ ତୁମମାନଙ୍କୁ ମୋକ୍ଷ ଆଡ଼କୁ ଡ଼ାକୁଛି ଆଉ ତୁମେମାନେ ମତେ ନର୍କ ଆଡ଼କୁ ଡ଼ାକୁଛ ।

ଏହି ଯୁଦ୍ଧଟି ଏକ ବିଶେଷ ଧରଣର ଯୁଦ୍ଧ ଥିଲା ଏବଂ ହାତଗଣତି ସାହାବାମାନେ, ଯେଉଁମାନେ ସେତେବେଳେ ଏକତ୍ରିତ ହୋଇ ପାରିଥିଲେ ସେମାନେ ସେହି ବିଶାଳ ବିଦ୍ରୋହୀ ସୈନ୍ୟମାନଙ୍କ ସହିତ ନିଜର ସକଳ ଶକ୍ତିକୁ ବିନିଯୋଗ କରି ଯୁଦ୍ଧ ଲଢ଼ିଥିଲେ । ହଜ୍‌ରତ୍ ଇମାମ୍ ହୁସୈନ୍ ଯିଏ ଅତ୍ୟନ୍ତ ସିଦ୍ଧି ତଥା ଶାନ୍ତିପ୍ରୀୟ ବ୍ୟକ୍ତି ଥିଲେ ଅର୍ଥାତ ସନ୍ଧିର ଯୁବରାଜ ଥିଲେ ସେ ମଧ୍ୟ ସେଦିନ କବିତା ପଢ଼ି ପଢ଼ି ଶତୃଙ୍କ ଉପରେ ଆକ୍ରମଣ କରିଥିଲେ । ସେହି ଯୁଦ୍ଧ ଦିନ ତଲ୍‌ହା ଏବଂ ଇମାମ୍ ହସନ୍ ର:ଅଙ୍କର କବିତା ବିଶେଷ ରୂପେ ଉଲ୍ଲେଖନୀୟ । କାରଣ ଉକ୍ତ କବିତା ଦ୍ୱାରା ସେମାନଙ୍କ ମନରେ ଥିବା ହୃଦୟର ଆବେଗକୁ ସ୍ୱଷ୍ଟ ଭାବରେ ଅନୁମାନ ଲଗାଯାଇପାରେ । ହଜ୍‌ରତ୍ ଇମାମ୍, ହସନ୍ ର:ଅ ଏହି କବିତା

ପଢ଼ି ଶତୃଙ୍କ ଉପରେ ଆକ୍ରମଣ କରୁଥିଲେ, **ଲା ଦୀନ୍‌ହୁମ୍ ଦୀନୀ ୱ୍ଲା ଆନା ମିନ୍‌ହୁମ୍ ହତ୍ତା ଅସିରା ଇଲା ତମାରି ଶମାମି ।** ଅର୍ଥାତ ଯଦି ବିଦ୍ରୋହୀଙ୍କର ଧର୍ମ ମୋର ଧର୍ମ ନୁହେଁ ଓ ନା ମୋର ସେମାନଙ୍କ ସହିତ କୌଣସି ସମ୍ପର୍କ ରହିଛି ଏବଂ ମୁଁ ସେମାନଙ୍କ ସହିତ ସେ ପର୍ଯ୍ୟନ୍ତ ଯୁଦ୍ଧ କରିବି ଯେପର୍ଯ୍ୟନ୍ତ ମୁଁ ସମାମ ପର୍ବତର ଶୃଙ୍ଗ ପର୍ଯ୍ୟନ୍ତ ପହଂଚିଯାଇନାହିଁ । ସମାମ୍ ସାଉଦୀ ଆରବର ଏକ ପର୍ବତର ନାମ ଯାହାର ଶୃଙ୍ଗ ପର୍ଯ୍ୟନ୍ତ ପହଂଚିବା ଅର୍ଥ ସମସ୍ତ ଲକ୍ଷ୍ୟକୁ ପ୍ରାପ୍ତ କରିବା ସହିତ ଉପମା ଦିଆଯାଇଥାଏ । ସେ ଯାହା ହେଉ ନା କାହିଁକି ହଜ୍‌ରତ୍ ଇମାମ୍ ହସନ୍ ର:ଅଙ୍କ କହିବାର ତାତ୍ପର୍ଯ୍ୟ ଏହା ଥିଲା ଯେ, ଯେ ପର୍ଯ୍ୟନ୍ତ ମୁଁ ମୋର ଲକ୍ଷ୍ୟ ସ୍ଥଳ ପର୍ଯ୍ୟନ୍ତ ନପହଂଚିଛି ସେ ପର୍ଯ୍ୟନ୍ତ ମୁଁ ଏହି ଉପଦ୍ରବୀମାନଙ୍କ ସହିତ ନିରନ୍ତର ରୂପେ ଯୁଦ୍ଧ କରିବି ଏବଂ ଏମାନଙ୍କ ସହିତ ସନ୍ଧି ସ୍ଥାପନ କରିବି ନାହିଁ କାରଣ ଆମମାନଙ୍କ ଓ ସେମାନଙ୍କ ମଧ୍ୟରେ କୌଣସି ସାଧାରଣ ମତପାର୍ଥକ୍ୟ ଘଟିନାହିଁ ବରଂ ଆମେ ସେମାନଙ୍କ ଉପରେ ବିଜୟ ଲାଭ କରିବା ପରେ ହିଁ ସେମାନଙ୍କ ସହିତ ସମ୍ପର୍କ ସ୍ଥାପନ କରିବୁ । ଏହା ହେଉଛି ସେହି ଶାନ୍ତିର ଯୁବରାଜଙ୍କ ଚିନ୍ତାଧାରା ଯିଏ ସର୍ବଦା ସନ୍ଧି ସ୍ଥାପନ କରିବାପାଇଁ ଆଗ୍ରହ ରଖିଥିଲେ । ବର୍ତମାନ ଆମେମାନେ ତଲ୍‌ହାର ସୁପୁତ୍ର ମୁହମ୍ମଦଙ୍କର ଯୁଦ୍ଧ କବିତା ଉପସ୍ଥାପନ କରୁଅଛୁ । ସେ କୁହନ୍ତି ଯେ, **ଅନା ଇବ୍‌ନୁ ମନ୍ ହାମା ଆର୍ଲୈଟି ବିଉହ୍‌ଦିନ୍ ୱ୍ ରଦ୍ଧା ଅନ୍‌ଜାବନ୍ ଅଲା ରଗ୍‌ମି ମଅଦ୍‌ଦୀନ୍ ।** ଅର୍ଥାତ ମୁଁ ହେଉଛି ସେହି ବ୍ୟକ୍ତିର ପୁତ୍ର ଯିଏ ୱ୍ହଦ୍ ଯୁଦ୍ଧ ଦିନ ଆଁ ହଜ୍‌ରତ୍ ସ:ଆ:ସଙ୍କ ସୁରକ୍ଷା ପ୍ରଦାନ କରିଥିଲେ ଏବଂ ସମଗ୍ର ଆରବ ଲୋକାମନଙ୍କ ସତଚେଷ୍ଟା ସତ୍ୱେ ତଲ୍‌ହା ସେହି ଅବିଶ୍ୱାସୀକାରୀଙ୍କୁ ପରାଜିତ କରିଥିଲେ ଅର୍ଥାତ ଆଜି ମଧ୍ୟ ୱ୍ହଦ୍ ଭଳି ଏକ ପରିସ୍ଥିତି ଏବଂ ଘଟଣା ଘଟିବାକୁ ଯାଉଛି । ମୋର ପିତାଶ୍ରୀ ଯେଉଁଭଳି ଭାବରେ ଯୁଦ୍ଧ ଭୂମିରେ ସମସ୍ତ ତୀରକୁ ନିଜ ହସ୍ତରେ ସହ୍ୟ କରିନେଇଥିଲେ ଏବଂ ଆଁ ହଜ୍‌ରତ୍ ସ:ଆ:ସଙ୍କ ଉପରେ ଆଂଚ ଆସିବାକୁ ଦେଇନଥିଲେ ଅର୍ଥାତ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଆହତ କିମ୍ବା କ୍ଷତି ହେବାକୁ ଦେଇନଥିଲେ ଏବଂ ନିଜ ଜୀବନକୁ ବାଜି ଲଗାଇ ଦେଇଥିଲେ ମୁଁ ମଧ୍ୟ ଏହିପରି ବିରତ୍ୱ ପ୍ରଦର୍ଶନ କରିବି ଏବଂ ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ପ୍ରାଣର ରକ୍ଷା କରିବି ।

ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଜୁବୈର୍ ମଧ୍ୟ ଉକ୍ତ ଯୁଦ୍ଧରେ ସାମିଲ ହୋଇଥିଲେ ଏବଂ ଗମ୍ଭୀର ଭାବରେ ଆହତ ହେଲେ, ମରୱ୍ାନ୍ ମଧ୍ୟ ଗମ୍ଭୀର ଭାବରେ ଆହତ ହୋଇ ମୃତ୍ୟୁ ପର୍ଯ୍ୟନ୍ତ ପହଂଚି ମୃତ୍ୟୁମୂଖରୁ ଫେରିଥିଲେ । ମୁଗିରା ବିନ୍ ଅଲ୍ ଅଖ୍‌ନସ୍ ଶହୀଦ ହୋଇଥିଲେ ଏବଂ ଯେଉଁ ବିଦ୍ରୋହୀ ଜଣକ ମୁଗିରା ବିନ୍ ଅଲ୍ ଅଖ୍‌ନସ୍‌ଙ୍କୁ ଶହୀଦ କରିଥିଲା ସେ ମୁଗାରିଙ୍କୁ ଯାଇ ଦେଖିଲା ଯେ, ସେ ଜୀବିତ ଅଛନ୍ତି କି ମୃତ୍ୟୁବରଣ କରିଛନ୍ତି । ଅତଏବ ଯେତେବେଳେ ସେ ଦେଖିଲା ଯେ ମୁଗିରା ର:ଅ ମୃତ୍ୟୁବରଣ କରିଛନ୍ତି ସେତେବେଳେ ସେ ଖୁବ୍ ଜୋର୍‌ରେ ଚିତ୍କାର କଲା ଏବଂ ତା ପାଟିରୁ ***ଇନ୍ନା ଲିଲ୍ଲାହେ ୱ୍ ଇନ୍ନା ଇଲୈହେ ରାଜେଉନ୍*** ବାହାରି ପଡିଲା । ସୈନ୍ୟଦଳର ସେନାପତି ତାକୁ ପାଟିକଲା ଯେ, ଏହି ଶୁଭକ୍ଷଣରେ ତଥା ପ୍ରସନ୍ନ ଅବସରରେ ପାଟିରୁ ଅଶୁଭ କଥା କହୁଛୁ ଏବଂ ଅନୁତାପ ପରିପ୍ରକାଶ କରୁଛୁ । ସେ ଉତର ଦେଲା ଆଜି ରାତିରେ ମୁଁ ଏକ ସ୍ୱପ୍ନ ଦେଖିଥିଲି ସେହି ସ୍ୱପ୍ନରେ ମତେ ଜଣେ ବ୍ୟକ୍ତି କହିଲେ ଯେ, ମୁଗିରା ବିନ୍ ଅଲ୍ ଅଖ୍‌ନସ୍‌ର ହତ୍ୟାକାରୀଙ୍କୁ ନର୍କର ଶୁଭସମ୍ବାଦ ଦେଇଦିଅ ଅତଏବ ଯେବେ ମୁଁ ଏହା ଜାଣିପାରିଲି ଯେ, ମୁ ହିଁ ତାଙ୍କର ପ୍ରକୃତ ହତ୍ୟାକାରୀ, ସେତେବେଳେ ଦୁଃଖ ପ୍ରକାଶ ହେଲା । ଉପରୋକ୍ତ ଚର୍ଚ୍ଚିତ ବ୍ୟକ୍ତିମାନଙ୍କ ବ୍ୟତୀତ ଆହୁରି ଅନେକ ଲୋକମାନେ ମଧ୍ୟ ଆହତ ତଥା ନୀହତ ମଧ୍ୟ ହୋଇଥିଲେ । ହଜ୍‌ରତ୍ ଉସ୍‌ମାନ ର:ଅଙ୍କୁ ସୁରକ୍ଷା ପ୍ରଦାନ କରୁଥିବା ଦଳର ସଂଖ୍ୟାରେ ଆହୁରି ହ୍ରାସ ଘଟିଥିଲା । ଗୋଟିଏ ପାର୍ଶ୍ୱରେ ବିଦ୍ରୋହୀମାନେ ଆକାଶୀୟ ଭୟବାଣୀ ସତ୍ୱେ ନିଜ ଜିଦ୍‌ରେ ଅଟଳ ରହିଲେ ଏବଂ ଅଲ୍ଲାଃ ତାଲାଙ୍କ ପ୍ରୀୟ ସମ୍ପ୍ରଦାୟ ସହିତ ଯୁଦ୍ଧ ଜାରି ରଖିଲେ ଅନ୍ୟ ପାର୍ଶ୍ୱରେ ନୈଷ୍ଠିକ ମୁସଲମାନ ସାହାବାମାନେ ମଧ୍ୟ ନିଜର ସର୍ବୋଚ୍ଚ ବିରତ୍ୱ ପ୍ରଦର୍ଶନ କରିବାରେ କୌଣସି ହେଳା କଲେନାହିଁ । ଏହି ନୈଷ୍ଠିକ ମୁସଲମାନ ସାହାବାମାନଙ୍କ ମଧ୍ୟରୁ ଅନେକ ବ୍ୟକ୍ତିମାନେ ନୀହତ ଏବଂ ଆହତ ହେବା ସତ୍ୱେ ବି ସାହାବାମାନଙ୍କର ଏହି ସ୍ୱଳ୍ପ ସଂଖ୍ୟକ ଦଳ ଅହରହ ଭାବରେ ହଜ୍‌ରତ୍ ଉସ୍‌ମାନ ର:ଅଙ୍କୁ ସୁରକ୍ଷା ଦେଇ ଚାଲିଥିଲା । ***(ଇସ୍‌ଲାମ୍ ମେଁ ଇଖ୍‌ତିଲାଫାତ୍ କା ଆଗାଜ୍, ଅନ୍‌ୱ୍ାରୁଲ୍ ଉଲୁମ୍ ଖଣ୍ଡ-୪, ପୃ-୩୧୪-୩୨୭)***

ସେ ଯାହା ହେଉ ନା କାହିଁକି ହଜ୍‌ରତ୍ ଉସ୍‌ମାନ ର:ଅଙ୍କ ସମ୍ପର୍କୀତ ଆଲୋଚ୍ୟ ଚର୍ଚ୍ଚାଟି ବର୍ତମାନ ଅଭ୍ୟାହତ ରହିଛି ଇନ୍‌ଶାଅଲ୍ଲାଃ ଏହାର ଅବଶିଷ୍ଟାଂଶ ଆଗାମି ଖୁତ୍‌ବାରେ ଚର୍ଚ୍ଚା କରିବି । ପାକିସ୍ତାନ ଓ ଅଲ୍‌ଜଜାଇର୍‌ର ଅହେମଦୀମାନଙ୍କ ପାଇଁ ଦୁଆ କରନ୍ତୁ । ଅଲ୍ଲାଃ ତାଲା ସେମାନଙ୍କ ଉପରେ କୃପା କରନ୍ତୁ । କାରଣ ଏବେ ସେମାନଙ୍କ ଉପରେ ପୁଣି ଅତ୍ୟାଚାର ଆରମ୍ଭ ହୋଇ ଯାଇଅଛି ।

ବର୍ତମାନ ମୁଁ କେତେକ ମୃତକଙ୍କ ବିଷୟରେ ଚର୍ଚ୍ଚା କରିବାକୁ ଚାହୁଁଛି ଯେଉଁମାନଙ୍କର ବିଗତ ଦିନରେ ମୃତ୍ୟୁ ଘଟିଥିଲା ଏବଂ ନମାଜ ଜୁମା ପରେ ଏହି ମୃତକଙ୍କର ନମାଜ ଯନାଜାଃ ପଢ଼ିବି ।

ତନ୍ମଧ୍ୟରୁ ସର୍ବପ୍ରଥମ ବ୍ୟକ୍ତି ହେଉଛନ୍ତି ସମ୍ମାନନୀୟ ସ୍ୱର୍ଗତ ମୁହମ୍ମଦ ନଜିବ୍ ଖାନ୍ ସାହେବ । ସେ କାଦିୟାନ୍‌ର ଦାୱ୍ତେ ଇଲଲ୍ଲାଃ ଜୁନୁବି ହିନ୍ଦ୍‌ର ନାଏବ ନାଜିର୍ (ଉପାଧ୍ୟକ୍ଷ) ଥିଲେ । ସ୍ୱର୍ଗତ ମୁହମ୍ମଦ ନଜିବ୍ ଖାନ୍ ସାହେବ ମାଷ୍ଟର ସ୍ୱର୍ଗତ ବି.ଏମ୍ ମୁହମ୍ମଦ ସାହେବଙ୍କ ସୁପୁତ୍ର ଥିଲେ । ସେ କେରଳ ରାଜ୍ୟର ଏର୍ଣ୍ଣାକୁଲମ୍ ଜିଲ୍ଲା ସ୍ଥିତ କନ୍ନାଡ଼ ଜମାତର ଅଧିବାସୀ ଥିଲେ । ଚଳିତ ମାସ ଫେବୃୟାରୀ ୧୪ ତାରିଖ ଦିନ ହୃଦଘାତରେ ତାଙ୍କର ଅକାଳ ବିୟୋଗ ହୋଇଥିଲା । ***ଇନ୍ନା ଲିଲ୍ଲାହେ ୱ୍ ଇନ୍ନା ଇଲୈହେ ରାଜେଉନ୍***

ଅଲ୍ଲାଃ ତାଲାଙ୍କ କୃପାରୁ ସେ ୱ୍ସିୟତ୍ କରିଥିଲେ । ମୃତକଙ୍କ ପରିଜନଙ୍କ ମଧ୍ୟରେ ତାଙ୍କର ବିଧବା ପତ୍ନିଙ୍କ ବ୍ୟତିତ ତିନିଜଣ ପୁତ୍ର ଅଛନ୍ତି ଏବଂ ତିନିଜଣ ପୁତ୍ର ୱ୍କ୍‌ଫେ ନୌ'ର (ଉତ୍ସର୍ଗୀକୃତ ଜୀବନ) ପବିତ୍ର ତେହ୍‌ରିକ୍‌ରେ ସାମିଲ ଅଟନ୍ତି । ସ୍ୱର୍ଗତ ମୁହମ୍ମଦ ନଜିବ୍ ଖାନ୍ ସାହେବଙ୍କର ଜଣେ ସୁପୁତ୍ର ଜାମିୟା ଅହେମଦୀୟାରେ ଅଧ୍ୟୟନରତ ଅଛନ୍ତି । ସ୍ୱର୍ଗତ ମୁହମ୍ମଦ ନଜିବ୍ ଖାନ୍ ସାହେବ ଜନ୍ମଗତ ଅହେମଦୀ ନଥିଲେ ବରଂ ୧୭ ବର୍ଷ ବୟସରେ ସ୍ୱର୍ଗତଙ୍କୁ ନିଜ ପିତାଙ୍କ ମାଧ୍ୟମରେ ଜମାଅତ୍ ଅମେହଦୀୟା ସହିତ ପରିଚୟ ହୋଇଥିଲା । ଅତଏବ ସେ ଜମାଅତି ଲିଟ୍ରେଚର୍ ଏବଂ **"ଇସ୍‌ଲାମୀ ଉସୁଲ୍ କି ଫିଲୋସଫି"** ନାମକ ପୁସ୍ତକ ଅଧ୍ୟୟନ କରିବାକୁ ଲାଗିଲେ ଏବଂ ଦିନେ ନିଜ ପିତାଙ୍କୁ ପଚାରିଲେ ଯେ, ଜଣେ ବାଳକ କେତେ ବର୍ଷ ବୟସରେ ନିଜ ସମ୍ବନ୍ଧରେ ନିଷ୍ପତି ନେଇ ପାରିବ । ପ୍ରତ୍ୟୁତରରେ ସ୍ୱର୍ଗତ ପିତାଶ୍ରୀ କହିଲେ, ଯେ ଜଣେ ବାଳକ ୧୭ କିମ୍ବା ୧୮ ବର୍ଷ ବୟସରେ ନିଜ ସମ୍ବନ୍ଧରେ ନିଷ୍ପତି ନେଇପାରିବ । ପ୍ରତ୍ୟୁତରରେ ସ୍ୱର୍ଗତ ମୁହମ୍ମଦ ନଜିବ୍ ଖାନ୍ ସାହେବ ମୌଲାନା ମୁହମ୍ମଦ ଅଲୱ୍ି ସାହେବଙ୍କ ମାଧ୍ୟମରେ ବୈଅତ୍ କରି ଜମାଅତ୍ ଅହମଦିୟାରେ ସାମିଲ ହୋଇଥିଲେ । ବୈଅତ୍ ସଂପର୍କରେ ମୌଲାନା ଅଲୱ୍ି ସାହେବ ନିଜର ଏକ ସ୍ୱପ୍ନ ସମ୍ପର୍କରେ ବର୍ଣ୍ଣନା କରି କହନ୍ତି ଯେ, ମୁଁ ସ୍ୱପ୍ନରେ ଦେଖିଲି ଯେ, ମୋ ଆଡ଼କୁ ଅନେକ ତାରାକାମାନ ଦ୍ରୁତ ବେଗରେ ମାଡ଼ି ଆସୁଛନ୍ତି । ସେହି ତାରକାମାନଙ୍କ ମଧ୍ୟରେ ଏକ କ୍ଷୁଦ୍ର ତାରକାଟିଏ ଦ୍ରୁତ ବେଗରେ ମୋ ଆଡ଼କୁ ମାଡ଼ି ଆସୁଛି । ତେବେ ଅଲୱ୍ି ସାହେବ ଏହି କ୍ଷୁଦ୍ର ତାରକାର ଯର୍ଥାତ ମୌଲବୀ ମୁହମ୍ମଦ୍ ନଜିବ୍ ଖାନ୍ ସାହେବଙ୍କୁ ନେଇଛନ୍ତି । ସେ ଯାହା ହେଉ ନା କାହିଁକି ସ୍ୱର୍ଗତ ମୁହମ୍ମଦ ନଜିବ୍ ଖାନ୍ ସାହେବ ନିଜ ପରିବାରରେ ସର୍ବ ପ୍ରଥମେ ବୈଅତ୍ କରିଥିଲେ । ଅବଶ୍ୟ ତାଙ୍କ ପିତା ଜମାଅତ୍‌କୁ ଭଲ ଭାବରେ ଜାଣିଥିଲେ କିନ୍ତୁ ଅହେମଦୀ ହୋଇନଥିଲେ । ପରେ ସ୍ୱର୍ଗତ ମୁହମ୍ମଦ ନଜିବ୍ ଖାନ୍ ସାହେବଙ୍କ ଉଦ୍ୟମ ବଳରେ ତାଙ୍କ ପିତା ଏବଂ ତାଙ୍କ ଭାଇ ବୈଅତ୍ କରିଥିଲେ । ବୈଅତ୍ ପରେ ସ୍ୱର୍ଗତ ମୁହମ୍ମଦ ନଜିବ୍ ଖାନ୍ ସାହେବ ଏକ ସ୍ୱପ୍ନକୁ ଆଧାର କରି ଜାମିୟା ଅହମଦିୟାରେ ଆଡ଼ମିଶନ କଲେ ଏବଂ ଜଣେ ୱ୍କ୍‌ଫେ ଜିନ୍ଦିଗୀ (ଉତ୍ସର୍ଗୀକୃତ ଜୀବନ) ଭାବରେ ସେବା କରିବାକୁ ନିଷ୍ପତି ନେଇଥିଲେ । ପୁନଶ୍ଚ ଭାରତର କାଦିୟାନ୍‌ରେ ଅବସ୍ଥିତ ଜାମିୟା ଅହେମଦୀୟାରୁ ଶିକ୍ଷା ସମାପ୍ତି ପରେ ସେ ପ୍ରଥମେ ଚଣ୍ଡୀଗଡ଼ର ମୁବଲ୍ଲିଗ୍ ସିଲ୍‌ସିଲା ଭାବରେ ନିଯୁକ୍ତ ହୋଇଥିଲେ । ପୁଣି ଭାରତର ବିଭିନ୍ନ ସ୍ଥାନରେ କାମ କରିଛନ୍ତି । ଏହାପରେ ମୁଁ ତାଙ୍କୁ ନାଏବ୍ ନାଜିର୍ ଦାୱ୍ତେ ଇଲଲ୍ଲାଃ ଭାବରେ ନିଯୁକ୍ତ କରିଥିଲି । ଏହିପରି ଭାବରେ ସେ ନୂରୁଲ୍ ଇସ୍‌ଲାମ୍ ବିଭାଗରେ ନାଏବ୍ ଇନ୍‌ଚାର୍ଜ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ ଏବଂ ତବ୍‌ଲିଗ୍‌ର କାର୍ଯ୍ୟକୁ ସେ ସୁଚାରୁ ରୁପେ ତୁଲାଇଥିଲେ ।

ସେ ନିୟମିତ ନମାଜ ପାଠ କରୁଥିଲେ ଏବଂ ରୋଜା ମଧ୍ୟ ରଖୁଥିଲେ । ସେ ତେହଜ୍ଜୁଦ୍ ପାଠକାରୀ ବ୍ୟକ୍ତି ଥିଲେ, ଖିଲାଫତ୍ ପ୍ରତି ତାଙ୍କର ଗଭୀର ନିଷ୍ଠା ଥିଲା । ତାଙ୍କ ଦାୟିତ୍ୱରେ ଥିବା କାର୍ଯ୍ୟକୁ ସେ ଯଥା ସମୟରେ ସମ୍ପାଦନ କରୁଥିଲେ । ତାଙ୍କ ସ୍ୱଭାବରେ ଏହି କଥାଟି ସଂଶ୍ଳିଷ୍ଟ ଥିଲା ଯେ, କାର୍ଯ୍ୟଟିକୁ ଅତ୍ୟନ୍ତ ଯତ୍ନର ସହିତ ଏବଂ ଯଥା ସମୟରେ ସମ୍ପାଦନ କରାଯାଉ । ଉପାସନା ପ୍ରତି ତାଙ୍କର ବିଶେଷ ଧ୍ୟାନ ଥିଲା । ସେ ନିଜର ପରିବାରବର୍ଗଙ୍କୁ ମଧ୍ୟ ଉପାସନା ପ୍ରତି ଦୃଷ୍ଟି ଆକର୍ଷଣ କରୁଥିଲେ । ଲୋକମାନଙ୍କ ଅଧିକାର ସମ୍ପାଦନ ପ୍ରତି ବିଶେଷରୂପେ ଅଂଶଗ୍ରହଣ କରୁଥିଲେ ।

ନୁରୁଲ୍ ଇସ୍‌ଲାମ୍ ବିଭାଗର ଇନ୍‌ଚାର୍ଜ ସମ୍ମାନନୀୟ ସିରାଜ୍ ଅହେମଦ୍ ସାହେବ ଉଲ୍ଲେଖ କରନ୍ତି ଯେ ସେ ନିୟମିତ ରୂପେ ବଇତୁଲ୍ ଦୁଆରରେ ଦୁଆ କରୁଥିଲେ ଓ ସେ ଅତ୍ୟନ୍ତ ପୂଣ୍ୟ ସ୍ୱଭାବର ବ୍ୟକ୍ତି ଥିଲେ, ସେ ନିଃସ୍ୱାର୍ଥପର ମନଭାବ ରଖି ଯମାତ୍‌ର ସେବା କରୁଥିଲେ । ସେ ଉପସ୍ଥିତ ଖଲିଫାଙ୍କର ତର୍‌ବିୟତି ଓ ତବ୍‌ଲିଗି ଟାର୍ଗେଟକୁ ପୂର୍ଣ୍ଣ କରିବାରେ ସର୍ବଦା ବ୍ୟସ୍ତ ରହୁଥିଲେ । ଯମାତ୍‌ର ପୁସ୍ତକ ମାଲାୟାଲମ୍ ଭାଷାରେ ଅନୁବାଦ ଏବଂ ଅନୁଦତି ପୁସ୍ତକର ରିଭ୍ୟୁ ତଥା ତ୍ରୁଟି ସଂଶୋଧନ କରିବାର ସୌଭାଗ୍ୟ ଲାଭ କରିଥିଲେ । ସ୍ୱର୍ଗତଙ୍କ ସେବା ସମ୍ପର୍କରେ କାଦିୟାନ୍‌ରେ ନାଜିର୍ ନଶ୍ରୋ ଇଶାଅତ୍ ସାହେବ ଉଲ୍ଲେଖ କରନ୍ତି ଯେ, ସ୍ୱର୍ଗତ ମୁହମ୍ମଦ ନଜିବ୍ ଖାନ୍ ସାହେବ ପୁସ୍ତକ ଅଲ୍ ୱ୍ସିୟତ୍, ତଜ୍‌ଲିୟାତ୍ **ଇଲାହିୟା, ଇର୍‌ଫାନ ଇଲାହି, କାଏଦା ୟସ୍‌ସର୍‌ନଲ୍ କୁର୍‌ଆନ୍** ଏବଂ ମୋର ଖୁତ୍‌ବାବଳି ଗୁଡ଼ିକ ସମ୍ପର୍କରେ ତହ୍‌ରିକ୍ ୱ୍କ୍‌ଫେ ନୌ' ବିଷୟରେ ରହିଛି, ସେ ସବୁର ମାଲିୟଲମ୍ ଭାଷାରେ ଅନୁବାଦ କରିବାକୁ ମଧ୍ୟ ସେ ସୌଭାଗ୍ୟ ଲାଭ କରିଥିଲେ । ସେହିପରି ତଫ୍‌ସିର୍ ସଗିର୍‌ର ମାଲିୟଲମ୍ ଅନୁବାଦ ପୁନଃ ମୁଦ୍ରଣ ସମୟରେ ସେହି ତଫ୍‌ସୀର୍‌କୁ ଚେକିଙ୍ଗ କରିବାର ମଧ୍ୟ ସୌଭାଗ୍ୟ ଲାଭ କରିଥିଲେ । ସେହିପରି ତାଙ୍କର ଏକ ପୁସ୍ତକ ଯାହାର ନାମ ନିସାବେ ତାଲିମ୍ ଅଟେ ଏବଂ ତାହା ତିନିଭାଗରେ ବିଭକ୍ତ, ସେ ତାହା ମଲୟାଲମ୍ ଭାଷାରେ ଲେଖିଛନ୍ତି । ୨୦୧୩ ମସିହାରୁ ୨୦୧୬ ମସିହା ପର୍ଯ୍ୟନ୍ତ ସେ କେରଳର ରିଭ୍ୟୁ କମିଟିର ସଭାପତି ମଧ୍ୟ ରହିଥିଲେ । କେରଳର ଏର୍ଣ୍ଣାକୁଲମ୍ ଜିଲ୍ଲାର ଅବୁବକର୍ ସାହାବ କୁହନ୍ତି ସେ ସ୍ୱର୍ଗତ ମୁହମ୍ମଦ ନଜିବ୍ ଖାନ୍ ସାହେବ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଲେଖନୀର ମାଲିୟଲମ୍ ଅନୁବାଦ କରି ଲୋକଙ୍କ ନିକଟରେ ପହଂଚାଇବାରେ ଏକ ଅପୂର୍ବ ଉତ୍ସାହ ତାଙ୍କ ମନଭିତରେ ରହିଥିଲା । ସେ ଦୁର୍ବଳ ବିଶ୍ୱାସକାରୀମାନଙ୍କୁ ସୁଦୃଢ଼ ସ୍ତରରେ ପହଂଚାଇବା ଏବଂ ସେମାନଙ୍କୁ ଦୃଢ଼ତାର ସହିତ ରହିବା ପାଇଁ ସର୍ବଦା ଉପଦେଶ ଦେଉଥିଲେ । ଅଲ୍ଲାଃ ତାଲା ବୈକୁଣ୍ଠରେ ସ୍ୱର୍ଗତଙ୍କ ସ୍ତରକୁ ଉନ୍ନିତ କରନ୍ତୁ । ଆମିନ୍...

ଦ୍ୱିତୀୟ ଯନାଜାଃ ହେଉଛି ନଜିର୍ ଅହେମଦ୍ ଖାଦିମ୍ ସାହେବଙ୍କର । ସେ ସ୍ୱର୍ଗତ ଚୌଧୁରୀ ଅହେମଦ୍ ଦିନ୍ ସାହେବ୍ ଚଠାଙ୍କରେ ସୁପୁତ୍ର ଥିଲେ ଏବଂ ମୁନୀର୍ ବିସ୍ମିଲ୍ ସାହେବ ଅତିରିକ୍ତ ନାଜିର୍ ଇସାଅତ୍ଙ୍କ ବଡ଼ ଭାଇ ଥିଲେ । ଫେବୃୟାରୀ ମାସ ୬ ତାରିଖ ଦିନ ସେ ମୃତ୍ୟୁ ବରଣ କରିଥିଲେ । ***ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍ ।*** ତାଙ୍କ ଦାଦା (ଜେଜେବାପା) ସ୍ୱର୍ଗତ ଚୌଧୁରୀ ଶାହାଦିନ୍ ସାହେବଙ୍କ ମାଧ୍ୟମରେ ତାଙ୍କ ବଂଶରେ ଅହେମଦୀୟତ୍ ଆସିଥିଲା । ସ୍ୱର୍ଗତ ନିଜର୍ ସାହେବ୍ କଲେଜ କାଳରୁ ହିଁ ଧର୍ମ ସେବା ଆରମ୍ଭ କରିଦେଇଥିଲେ । ଲେଖନୀ ଓ ଭାଷଣ ଦେବାର ଅପୂର୍ବ ଶୈଳୀରେ ବିଶେଷ ରୂପେ ଧୁରନ୍ଧର ତଥା ପ୍ରବିଣ ଥିଲେ । ଯୁବା ବୟସରୁ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଭାଷଣ ଓ ଲେଖନୀ ତଥା ଉପଦେଶ ମାଧ୍ୟମରେ ସେ ଧର୍ମ ସେବା ଓ ଧର୍ମ ପ୍ରଚାରରେ ନିୟୋଜିତ ରହୁଥିଲେ । ସେ ଖୁଦାମୁଲ୍ ଅହେମଦୀୟା ରବ୍ୱାର ମାଓ୍ୱିନେ ସଦର ଅର୍ଥାତ ସଭାପତିଙ୍କ ସହଯୋଗୀ ପଦବୀରେ ମଧ୍ୟ ଅଧିଷ୍ଠିତ ଥିଲେ । ଏହାପରେ ମୋଅତମିଦ୍ ଭାବରେ ପୂନଷ୍ଟ ବାହାଓ୍ୱଲ ନଗରର ନାଏବ୍ ଅମୀର ମଧ୍ୟ ଥିଲେ । ସେହିପରି ସେ ନାଏବ୍ କାଏଦ୍ ଉମୁମି ମଜ୍‌ଲିସ୍ ଅନ୍‌ସାରୁଲ୍ଲାଃ ଭାବରେ ମଧ୍ୟ ଦାୟିତ୍ୱ ତୁଲାଇଥିଲେ । ସେ ରବଓ୍ୱାର ଦାରୁଲ୍ କଜାର କାଜି ବା ବିଚାରକ ମଧ୍ୟ ରହିଥିଲେ । ଅଲ୍ଲାଃ ତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଓ ବୈକୁଣ୍ଠରେ ସ୍ୱର୍ଗତଙ୍କ ସ୍ତରକୁ ଉନ୍ନୀତ କରନ୍ତୁ ଏବଂ ତାଙ୍କ ସମ୍ପର୍କୀୟମାନଙ୍କୁ ତାଙ୍କ ପୂଣ୍ୟକାର୍ଯ୍ୟକୁ ଜାରି ରଖିବା ପାଇଁ ଓ ତାଙ୍କ ପିଲାମାନଙ୍କୁ ମଧ୍ୟ ସେହି ପୂଣ୍ୟକାର୍ଯ୍ୟକୁ ଅଭ୍ୟାହତ ରଖିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ ।

ତୃତୀୟ ଯନାଜାଃ ହେଉଛି ଘାନାର ସମ୍ମାନନୀୟ ସ୍ୱର୍ଗତ ଅଲହାଜ୍ ଡ଼ାକ୍ତର ନାନା ମୁସ୍ତଫା ଅଓଟି ବୁଆଟିଙ୍ଗ ସାହେବ୍ଙ୍କର । ସେ ଘାନା ରେ ଅଲ୍ ହାଜି ଚୁଟୁ ନାମରେ ମଧ୍ୟ ପ୍ରଶିଦ୍ଧ ଥିଲେ । ଜାନୁୟାରୀ ମାସ ୧୭ ତାରିଖ ଦିନ ୭୦ ବର୍ଷ ବୟସରେ ତାଙ୍କର ମୃତ୍ୟୁ ହୋଇଥିଲା । ***ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍***

ସ୍ୱର୍ଗତ ମୁସ୍ତଫା ସାହେବ୍ ଖ୍ରୀଷ୍ଟ ପରିବାରରେ ଜନ୍ମଗ୍ରହଣ କରିଥିଲେ । ୧୯୭୯ ମସିହାରେ ସେ ଅହେମଦୀୟତ୍ ଗ୍ରହଣ କରିଥିଲେ ଏବଂ ସେ ନିଜର ବ୍ୟବହାରିକ ତଥା କର୍ମମୟ ଜୀବନ ଏକ ଡ୍ରାଇଭର ବା ବାହନଚାଳକ ହିସାବରେ ଆରମ୍ଭ କରିଥିଲେ । ଅବ୍‌ଦୁଲ୍ ଓ୍ୱହାବ୍ ଆଦମ୍ ସାହେବଙ୍କ ସହିତ ଦୀର୍ଘ ସମୟ ପର୍ଯ୍ୟନ୍ତ ଜେଣ ଡ୍ରାଇଭର ଭାବରେ ସେବା କରିବାର ତାଙ୍କୁ ସୁଯୋଗ ପ୍ରାପ୍ତ ହୋଇଥିଲା । ସେହିପରି ବ୍ରିଟେନ୍ ଓ ଘାନାରେ ମଧ୍ୟ ଯମାତ୍‌ର ପ୍ରେସ୍‌ରେ ସେବା କରିବାରେ ମଧ୍ୟ ତାଙ୍କୁ ସୌଭାଗ୍ୟ ପ୍ରାପ୍ତ ହୋଇଥିଲା । ସେ ଜାପାନରେ ମଧ୍ୟ କିଛି କାଳ ରିହିଥିଲେ ଓ ଜାପାନରେ ହିଁ ତାଙ୍କୁ ଏକ ସ୍ଥାନିୟ ଜମାତର ସଭାପତି କରାଯାଇଥିଲା । ମୁଁ ବି ଯେତେବେଳେ ସେଠାରେ ଉପସ୍ଥିତ ଥିଲି ସେତେବେଳେ ମୁଁ ମଧ୍ୟ ଏହା ଅବଲୋକନ କଲି ଯେ, ସେ ଜଣେ ହସ ହସ ଚେହେରା ରଖିଥିବା ବ୍ୟକ୍ତି ଥିଲେ ଏବଂ ସର୍ବଦା ଧର୍ମ ସେବାରେ ନିର୍ମଜିତ ରହୁଥିଲେ । ଯଦିଓ ସେ କୌଣସି ପଦବୀ ପ୍ରାପ୍ତ କରିନଥିଲେ କିନ୍ତୁ ତାଙ୍କର ସର୍ବଦା ଏହି ପ୍ରୟାସ ରହୁଥିଲା ଯେ ସେ ଯମାତ୍‌ର ପ୍ରତ୍ୟେକ କାର୍ଯ୍ୟ ପାଇଁ ଯେପରି ଉପସ୍ଥିତ ରହିବେ । ଏହାପରେ ସେ ନିଜର ବ୍ୟାପାର ଆରମ୍ଭ କଲେ ଏବଂ ଉନ୍ନତି କରୁ କରୁ ଘାନାର ବିଖ୍ୟାତ ବିଜ୍‌ନେସ୍‌ମ୍ୟାନ ଭାବରେ ଉଭା ହୋଇଥିଲେ । ଅଲ୍ଲାଃ ତାଲାଙ୍କ କୃପାରୁ ଖଲିଫାଙ୍କ ଦୁଆରୁ ଚୁଟୁ ଇଣ୍ଡଷ୍ଟ୍ରି ନାମରେ ତାଙ୍କର ଗୋଟିଏ ଫାକ୍ଟ୍ରି ମଧ୍ୟ ଥିଲା ସେ ବହୁତ ମାଲି କୁର୍ବାନୀ ଅର୍ଥାତ ଆର୍ଥିକ ବଳିଦାନ କରୁଥିଲେ । ଦୀର୍ଘ ୧୧ ବର୍ଷ ପର୍ଯ୍ୟନ୍ତ ଘାନାର ଜାତୀୟ ସେକ୍ରେଟାରୀ ଜାଏଦାଦ୍ ଭାବରେ ସେବା କରିବାର ସୁଯୋଗ ତାଙ୍କୁ ପ୍ରାପ୍ତ ହୋଇଥିଲା । ସେ ଆଂଚଳିକ ସଭାପତି ଭାବରେ ମଧ୍ୟ ଦାୟିତ୍ୱ ତୁଲାଇ ଥିଲେ । ଅଲ୍ଲାଃ ତାଲାଙ୍କ କୃପାରୁ ସ୍ୱର୍ଗତ ମୁସ୍ତଫା ସାହେବ୍ ଓ୍ୱସିୟତ କରିଥିଲେ । ମୃତକଙ୍କ ପରିଜନଙ୍କ ମଧ୍ୟରେ ତିନିଜଣ ପତ୍ନୀ ଏବଂ ତିନିଜଣ ସୁପୁତ୍ରୀ ଅନ୍ତର୍ଭୁକ୍ତ ଅଟନ୍ତି । ତାଙ୍କର ଗୋଟିଏ ପୁତ୍ର ମଧ୍ୟ ଥିଲେ କିଛି ବର୍ଷ ପୂର୍ବେ ତାଙ୍କର ଅକାଳ ବିୟୋଗ ମଧ୍ୟ ହୋଇଯାଇଛି ।

ସେଠିକାର ମୁବ୍‌ଲିଗ୍ ଇନ୍‌ଚାର୍ଜ ଯିଏ କୋଫୋରିଡୁଆର ମିଶ୍‌ନାରୀ ଅଛନ୍ତି । ମୁବାରକ୍ ଆଦିଲ୍ ସାହେବ୍ ଉଲ୍ଲେଖ କରନ୍ତି ଯେ ସ୍ୱର୍ଗତ ମୁସ୍ତଫା ସାହେବ୍ଙ୍କର ବିଶେଷ ଗୁଣାବଳୀ ମଧ୍ୟରୁ ଧର୍ମ ଓ ମାନବସେବାରେ ସମୟ ଦେବା ଓ ନିସ୍ୱାର୍ଥପର ତ୍ୟାଗ ଓ ବିନମ୍ରତା ଆଦି ଗୁଣଗୁଡ଼ିକ ପ୍ରମୁଖ ଅଟେ । ସେ ନମାଜ ତହ୍‌ଜୁଦ୍ ଓ ପାଂଚବେଳା ନମାଜ ପ୍ରତି ବିଶେଷ ଯତ୍ନବାନ ଥିଲେ । ସେ ନିୟମିତ ଭାବରେ ଏବଂ ଯଥା ସମୟରେ ଚାନ୍ଦା ଦେଉଥିଲେ । ସେ ନିଜସ୍ୱ ପାଣ୍ଠିରୁ ଏକ ମସ୍‌ଜିଦ୍‌ର ନିର୍ମାଣ ମଧ୍ୟ କରିଥିଲେ । ଏତଦ୍ ବ୍ୟତିତ ଅନେକ ମସ୍‌ଜିଦ୍ ନିର୍ମାଣ କାର୍ଯ୍ୟରେ ସେ ଅର୍ଦ୍ଧାଧିକ ଖର୍ଚ୍ଚ ବହନ କରିଥିଲେ । ସେହିପରି ଅନ୍ୟ କେତେକ ମିଶନ୍ ହାଉସ୍‌ର ନିର୍ମାଣ ଓ ମରାମତିରେ ମଧ୍ୟ ତାଙ୍କର ଯୋଗଦାନ ରହିଥିଲା । ଯମାତ୍‌ର ଜମି ଉପରେ ଯଦି କେହି ଅବୈଧ ଅଧିଗ୍ରହଣ କରିବସୁଥିଲା କିମ୍ବା ଅନ୍ୟାନ୍ୟ ସମସ୍ୟା ଯଦି ଉତ୍ପନ୍ନ ହେଉଥିଲା ତେବେ ସେ ଏ ସମ୍ବନ୍ଧରେ ସେ ଆଇନ ପରାମର୍ଶ ଲୋଡୁଥିଲେ ଏବଂ ନିଜେ ଓକିଲ ବୁଝୁଥିଲେ ଏବଂ ଯମାତ୍‌ରୁ ଟଙ୍କାଟିଏ ମଧ୍ୟ ନେଉନଥିଲେ ବରଂ ସ୍ୱପାଣ୍ଠିରୁ ସେ ଓକିଲର ସମସ୍ତ ଖର୍ଚ୍ଚ ବହନ କରୁଥିଲେ । ଅହେମଦୀୟତ୍‌ର ବାର୍ତା ପାଇଁ ତାଙ୍କ ମନରେ ଏକ ବିଶେଷ ଧରଣର ଉତ୍ସାହ ଓ ଉଦ୍ଦୀପନା ଭରି ରହିଥିଲା । ସେ ନିଜର ଅଭିଭାବକଙ୍କୁ ମଧ୍ୟ ତବ୍‌ଲିଗ୍ କରି ଅହେମଦୀୟତ୍‌ରେ ସାମିଲ କରାଇଥିଲେ । ଘାନାରେ ଅବସ୍ଥିତ ଏକ ରେଡ଼ିଓ ଷ୍ଟେସନ, ଯେଉଁ ରେଡ଼ିଓ ଷ୍ଟେସନ୍‌ରୁ ଘାନା ଦେଶର ଅର୍ଦ୍ଧାଧିକ ଲୋକେ ପ୍ରୋଗ୍ରାମ ଶୁଣିଥାନ୍ତି, ସେହି ରେଡ଼ିଓ ଚ୍ୟାନେଲରେ ସେ ନିଜସ୍ୱ ଖର୍ଚ୍ଚରେ ଅଧଘଂଟା ଏକ ତବ୍‌ଲିଗ୍ କାର୍ଯ୍ୟକ୍ରମ ପ୍ରସାରଣ କରାଉଥିଲେ । ଏହି କାର୍ଯ୍ୟକ୍ରମଟି ବର୍ତମାନ ମଧ୍ୟ ଜାରି ରହିଛି । ସେହିପରି ତାଙ୍କର ଏକ ଟିଭି ଚ୍ୟାନେଲ୍ ମଧ୍ୟ ରହିଥିଲା । ସେ ନିଜସ୍ୱ ଉଦ୍ୟମ ଏବଂ ଅର୍ଥବଳରେ ଏହି ଟିଭି ଚ୍ୟାନେଲ୍‌ରେ ଦୈନିକ ଏକ କାର୍ଯ୍ୟକ୍ରମ ମଧ୍ୟ ପ୍ରସାରଣ କରୁଥିଲେ ସେହିପରି ଏକ ସାପ୍ତାହିକ ପ୍ରୋଗ୍ରାମ ଓ ଭିଡ଼ିଓ କାର୍ଯ୍ୟକ୍ରମମାନ ମଧ୍ୟ ପ୍ରସାରଣ କରୁଥିଲେ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଲକ୍ଷଲକ୍ଷ ଲୋକଙ୍କ ନିକଟରେ ଯମାତ୍‌ର ସନ୍ଦେଶ ପଂହଚିଥିଲା ଏବଂ ଶତାଧିକ ବ୍ୟକ୍ତିମାନଙ୍କୁ ଉକ୍ତ କାର୍ଯ୍ୟକ୍ରମ ମାଧ୍ୟମରେ ଅହେମଦୀୟତ୍ ଗ୍ରହଣ କରିବାର ସୌଭାଗ୍ୟ ଲାଭ ହୋଇଥିଲା । ସେ ତବ୍‌ଲିଗ୍ ପାଇଁ ଗୋଟିଏ ଯାନ ବା ଗାଡ଼ି ବିଶେଷ କରି ଓ୍ୱକ୍‌ଫ୍ କରିଥିଲେ । ତବ୍‌ଲିଗ୍ ବା ତର୍‌ବିୟତି ବା ସାଂସ୍କୃତିକ ଦାୟିତ୍ୱବୋଧକୁ ସମ୍ପାଦନ କରିବାରେ ସହଜତା ତଥା ତ୍ୱରାନ୍ୱିତ ଆଣିବା ଉଦ୍ଦେଶ୍ୟରେ ସେ କେତେକ ମୁବ୍‌ଲିଗ୍ ଓ ମୁଅଲିମ୍‌ଙ୍କୁ ମୋଟର ସାଇକେଲ ଏବଂ ଆଉ କେତେକଙ୍କ କାର୍ ମଧ୍ୟ କିଣି ଦେଇଥିଲେ । ସେ ଗୁପ୍ତ ରୂପରେ ମୁବ୍‌ଲିଗ୍ ଓ ମୁଅଲିମ୍‌ଙ୍କୁ ଆର୍ଥିକ ସାହାଯ୍ୟ ମଧ୍ୟ କରୁଥିଲେ ଏବଂ ଯମାତ୍‌ର ସଦସ୍ୟଙ୍କୁ ସେ ଉପଦେଶ ଦେଉଥିଲେ ଯେ, ଅହେମଦୀୟତ୍ ନିଜକୁ ନିଜର ବ୍ୟକ୍ତିଗତ ତଥା ମୂଲ୍ୟବାନ ସମ୍ପତି ପରି ପ୍ରୀୟ ମନେକରି ଅତ୍ୟନ୍ତ ନିଷ୍ଠାପର ଭାବରେ ଯମାତ୍‌ର ସେବା କରିବା ଉଚିତ ଏବଂ ଯମାତ୍ ସମ୍ପତିର ସୁରକ୍ଷା କରିବା ମଧ୍ୟ ଆମମାନଙ୍କର ଦାୟିତ୍ୱ ଅଟେ । ସେ ଯମାତ୍‌ର ଲୋକମାନଙ୍କୁ କହୁଥିଲେ ଯେ, ପ୍ରତ୍ୟେକ ପ୍ରକାରର ବଳିଦାନ ଦିଅନ୍ତୁ ଏହି ବଳିଦାନ ଦ୍ୱାରା ଅଲ୍ଲାଃ ତାଲା ମଧ୍ୟ ଆମମାନଙ୍କ ଉପରେ ନିଜର ଅସଂଖ୍ୟ କୃପା ବର୍ଷିତ କରିବ । ଉପରୋକ୍ତ ଗୁଣାବଳୀରେ ସେ ଆମମାନଙ୍କ ପାଇଁ ଆଦର୍ଶ ଥିଲେ, ସେ ଅନ୍ୟମାନଙ୍କୁ ଉପଦେଶ ଦେବା ପୂର୍ବରୁ ସ୍ୱୟମ ନିଜର କର୍ମକୁ ତଦନୁଯାୟୀ ପରିଚାଳନା କରିବାପାଇଁ ଉଦ୍ୟମ କରୁଥିଲେ । କୁଫୁ ରାଡ଼ିଓ ରିଜିଅନ୍‌ରେ ଥିବା ସେହି ରିଜିଅନ୍‌ର ସବୁଠାରୁ ବଡ଼ ଡ଼ାକ୍ତରଖାନାକୁ ଯାଉଥିବା ଏକ ସଡ଼କ ଭାଙ୍ଗି ଯାଇଥିଲା ଯଦ୍ୱାରା ରୋଗୀମାନେ ଗମନାଗମନ କରିବାରେ ଅସୁବିଧା ସମ୍ମୁଖିନ ହେଉଥିଲେ । ଅତଏବ ସେ ନିଜସ୍ୱ ପାଣ୍ଠିରୁ ଉକ୍ତ ସଡ଼କର ପୂନଃନିର୍ମାଣ କରାଇଥିଲେ । ଉକ୍ତ ସଡ଼କର ଶୁଭ ଉଦ୍‌ଘାଟନ ପାଇଁ ସ୍ଥାନୀୟ ମନ୍ତ୍ରୀ, ରାଜନୈତିକ ବ୍ୟକ୍ତି ବିଶେଷ, ଡ଼ାକ୍ତର ଓ ଗଣମାଧ୍ୟମ ଆଦି ସେଠାରେ ଉପସ୍ଥିତ ହୋଇଥିଲେ । ସେହି ଉଦ୍‌ଘାଟନୀ ସଭାରେ ପ୍ରାୟତଃ ସମସ୍ତ ଅଣଅହେମଦୀ ବ୍ୟକ୍ତି ବିଶେଷ ଯଥା ଖ୍ରୀଷ୍ଟଧର୍ମାଲମ୍ବୀମାନେ ଏକତ୍ରିତ ହୋଇଥିଲେ । ଏହି ଅବସରରେ ସେ ନିଜର ମନୋଭାବ ବ୍ୟକ୍ତ କରି କହିଲେ ଯେ, ମୁଁ ଜଣେ ଅହେମଦୀ ମୁସଲମାନ ଏବଂ ମସିହ୍‌ଙ୍କ ଦ୍ୱିତୀୟ ସ୍ୱରୁପ ହଜ୍‌ରତ୍ ମିର୍ଜା ଗୁଲାମ୍ ଅହେମଦ୍ କାଦିୟାନୀଙ୍କ ଉପରେ ବିଶ୍ୱାସ ରଖେ । ମସିହ ମଉଦ୍ ଓ ତାଙ୍କ ଖଲିଫାମାନେ ହିଁ ମତେ ଈଶ୍ୱରଙ୍କର ଅଧିକାର ଓ ମାନବସେବାର ଅଧିକାର ଦାୟିତ୍ୱ ବୋଧ ସମ୍ପର୍କରେ ଶିକ୍ଷା ଦେଇଛନ୍ତି । ଏହି ଶିକ୍ଷା ବଳରେ ମୁଁ ଜଣେ ଅହେମଦୀ ମୁସଲମାନ ହିସାବରେ ମନୁଷ୍ୟ ଓ ସେମାନଙ୍କର ଦୁଃଖ ସମସ୍ୟାକୁ ଦୂର କରିବା ପାଇଁ ଚେଷ୍ଟା କରିବାକୁ ମୁଁ ନିଜର କର୍ତବ୍ୟ ବୋଲି ମନେକରୁଅଛି । ଏହି କାରଣରୁ ମୁଁ ଏହି ଡ଼ାକ୍ତରଖାନାର ସଡ଼କ ନିର୍ମାଣ କରିଛି । ସେ ୪୮ ବର୍ଷ ବୟସରେ ପୂନର୍ବାର କୁର୍‌ଆନ୍ କରିମ୍ ମୁଅଲିମ୍ ଜମାଲୁଦ୍ଦିନ୍ ସାହେବଙ୍କ ମାଧ୍ୟମରେ ପଢ଼ିଥିଲେ ଏବଂ ପୂର୍ନବାର ୟସ୍‌ସର୍‌ନଲ୍ କୁର୍‌ଆନ୍ ମଧ୍ୟ ଶିଖିଥିଲେ କାରଣ ଏହାଦ୍ୱାରା ତାଙ୍କର ଉଚ୍ଚାରଣ ଯେପରି ସଠିକ୍ ହୋଇଯାଉ । ଏହାପରେ ସେ ନିୟମିତ ଭାବରେ ଅନୁବାଦ ସହିତ ତିଲାଓ୍ୱତ୍ କରୁଥିଲେ ଏବଂ କୁର୍‌ଆନ୍ ଉପରେ ବହୁତ ଗଭୀର ଚିନ୍ତନ କରୁଥିଲେ । ସେ ଅନେକ ପିଲାଙ୍କୁ (Adopt) କରିଥିଲେ ଓ ସେହି ପିଲାମାନଙ୍କର ରହିବାର ବ୍ୟବସ୍ଥା ନିମନ୍ତେ ନିଜ ଘରେ ସେମାନଙ୍କୁ କୋଠରୀ ମଧ୍ୟ ଦେଇଥିଲେ । ସେ ସେହି ପିଲାମାନଙ୍କର ଆର୍ଥିକ ତଥା ସାଂସାରିକ ଶିକ୍ଷାର ମଧ୍ୟ ବ୍ୟବସ୍ଥା କରିଥିଲେ ଅତଏବ ସେ ଅସଂଖ୍ୟ ଗୁଣାବଳୀର ଅଧିକାରୀ ଥିଲେ । ଅଲ୍ଲାଃ ତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ ଏବଂ ସ୍ୱର୍ଗତଙ୍କ ପରିଜନଙ୍କୁ ତାଙ୍କର ପୂଣ୍ୟବଳୀଗୁଡ଼ିକୁ ଅଭ୍ୟାହତ ରଖିବାପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍...

ଚତୁର୍ଥ ଯନାଜାଃ ହେଉଛି ରବ୍ୱାର ସମ୍ମାନନୀୟ ସ୍ୱର୍ଗତ ଗୁଲାମ୍ ନବୀ ସାହେବ୍ ଇବ୍‌ନ ଫଜଲ୍ ଦିନ୍ ସାହେବଙ୍କର । ସ୍ୱର୍ଗତ ଗୁଲାମ୍ ସାହେବ୍ ଗାବୁନ୍‌ର ମୁବ୍‌ଲିଗ୍ ସିଲ୍‌ସିଲା ଜିଆଉର୍ ରହ୍‌ମାନ୍ ସାହେବଙ୍କର ପିତା ଥିଲେ । ସ୍ୱର୍ଗତ ଗୁଲାମ୍ ସାହେବ୍ ଚଳିତ ବର୍ଷ ଫେବୃୟାରୀ ମାସ ୨ ତାରିଖରେ ମୃତ୍ୟୁବରଣ କରିଥିଲେ । ***ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍***

ସେ ଜନ୍ମଗତ ଅହେମଦୀ ଥିଲେ, ସେ ଏକ ବ୍ୟାଙ୍କରେ ଚାକିରି କରିଥିଲେ । ବ୍ୟାଙ୍କରୁ ଅବସର ନେବାପରେ ସେ ଡ଼ସ୍‌କାରେ ଆସି ବସତି ସ୍ଥାପନ କରିଥିଲେ ଏବଂ ଡ଼ସ୍‌କାର ସେକ୍ରେଟାରୀ ମାଲ୍ ରହିଥିଲେ । ସେ ଡ଼ସ୍‌କାର ନାଏବ୍ ସଦର ମଧ୍ୟ ରହିଥିଲେ । ଅତଏବ ସେ ଜେନେରାଲ୍ ସେକ୍ରେଟାରୀ ଜଇମ୍ ଅନ୍‌ସାରୁଲ୍ଲାଃ ଓ ଇମାମୁସ୍ ସଲାତ୍ ବା ନମାଜ୍‌ର ଇମାମ୍ ମଧ୍ୟ ରହିଥିଲେ । ସେ ମସ୍‌ଜିଦ୍‌ରେ ନିୟମିତ ନମାଜ ତହ୍‌ଜୁଦ୍ ପାଠ କରିବାକୁ ସର୍ବଦା ଚେଷ୍ଟା କରୁଥିଲେ । ସେ ନିୟମିତ ରୂପେ ଉଚ୍ଚ ସ୍ୱରରେ ତିଲାଓ୍ୱତେ କୁର୍‌ଆନ୍ କରିମ୍ ପାଠ କରୁଥିଲେ । ସେ ଅତ୍ୟନ୍ତ ବିନମ୍ର ଓ ସହାନୁଭୂତି ପ୍ରକାଶକାରୀ ବ୍ୟକ୍ତି ଏବଂ ଧୈର୍ଯ୍ୟ ପ୍ରୀୟ ବ୍ୟକ୍ତି ଥିଲେ । ଯେପରି ମୁଁ କହିଲି ଯେ ସ୍ୱର୍ଗତଙ୍କ ସୁପୁତ୍ର ଜିଆଉର୍ ରହ୍‌ମାନ୍ ତୟବ୍ ସାହେବ ଯିଏ ଗାବୁନ୍‌ରେ ମୁରବୀ ସିଲ୍‌ସିଲା ଅଛନ୍ତି, ସେ ପ୍ରତିକୂଳ ପରିସ୍ଥିତିରେ ନିଜ ପିତାଙ୍କର ଯନାଜାଃ ଏବଂ ତହ୍‌ଫିନ୍‌ରେ ସାମିଲ ହୋଇପାରିନଥିଲେ । ଅଲ୍ଲାଃ ତାଲା ତାଙ୍କୁ ମଧ୍ୟ ଧୈର୍ଯ୍ୟ ଓ ସାହାସ ପ୍ରଦାନ କରନ୍ତୁ । ଅଲ୍ଲାଃ ତାଲା ବୈକୁଣ୍ଠରେ ମରହୁମ୍‌ଙ୍କ ସ୍ତରକୁ ଉନ୍ନୀତ କରନ୍ତୁ । ***ଆମିନ୍..***

⌘⌘⌘⌘⌘⌘⌘⌘⌘⌘⌘⌘

ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......

ଯେ, ପଂଚମ ଶ୍ରେଣୀର ପିଲାମାନେ ଏବଂ ଆଉ କିଛି ଛାତ୍ରମାନେ ଲଣ୍ଡନ ଆସୁଛନ୍ତି ଓ ଏଠାରେ ଆସି ସାକ୍ଷାତ ମଧ୍ୟ କରୁଛନ୍ତି । ଯେଉଁମାନେ ପୂର୍ବରୁ କେବେ ହେଲେ ଲଣ୍ଡନ ଆସିନାହାନ୍ତି ସେମାନେ ଆଜି ବତାଇ ଦିଅନ୍ତୁ ।

ଆଉ ଜଣେ ଛାତ୍ର ଏହାସାନ୍ ଅହ୍ମଦ୍ ହଜୁର ଅନଓ୍ୱର ଅ:ବ:ଅଙ୍କ ପଚାରିବାରେ ବତାଇଲେ ଯେ, ସେ ପାକିସ୍ତାନରେ ଜନ୍ମ ହୋଇଛି ଓ ୨୦୧୦ ମସିହାରେ ଜର୍ମାନୀ ଆସିଛନ୍ତି । ଏଥିରେ ହଜୁର ଅନଓ୍ୱର ଅ:ବ:ଅ ତାଙ୍କୁ ପଚାରିଲେ , କଣ ତୁମେ ଜାମିୟା ଅହେମଦୀୟାରେ ନିଜ ଇଚ୍ଛାରେ ନାମ ଲେଖାଇଛ ନା ମାଆ ବାପାଙ୍କ କହିବାରେ ନାମ ଲିଖାଇଛ ? ସେହି ଛାତ୍ରଜଣକ କହିଲେ ଯେ, ମୁଁ ନିଜ ଇଚ୍ଛାରେ ନାମ ଲେଖାଇଛି । ହଜୁର ଅନଓ୍ୱର ଅ:ବ:ଅଙ୍କ ପଚାରିବାରେ ପୁଣି ସେ ଛାତ୍ରଜଣକ କହିଲେ ଯେ, ସେ ଓ୍ୱକଫ୍ ନୌ ନୁହନ୍ତି ତା'ପରେ ପୁଣି ହଜୁର ଅନଓ୍ୱର ଅ:ବ:ଅ ଓ୍ୱାକିଫିନେ ନୌ ପିଲାମାନଙ୍କର ଅନୁଧ୍ୟାନ କଲେ । ପିଲାମାନେ ନିଜ ନିଜର ହାତ ଉଠାଇବାରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, ଏଥିରେ ଜଣାପଡୁଛି ଯେ, ପ୍ରାୟ ଆପଣମାନେ ସମସ୍ତେ ହେଉଛନ୍ତି ଓ୍ୱାକିଫିନେ ନୌ ପିଲା । ପୁଣି ହଜୁର ଅନଓ୍ୱର ଅ:ବ:ଅ କହିଲେ ପାକିସ୍ତାନରେ ଓ୍ୱାକିଫିନେ ନୌ ଜାମିୟାରେ ପଢ଼ିବାପାଇଁ ବହୁତ କମ୍ ସଂଖ୍ୟାରେ ଆସୁଛନ୍ତି । ଯେବେକି, ଗୈର୍ ଓ୍ୱାକିଫିନ୍ (ଅଣଓ୍ୱାକିଫିନେ ନୌ ପିଲା) ଅଧିକ ମାତ୍ରାରେ ଆସୁଛନ୍ତି ।

ଦରଜା ଉଲାର ଜଣେ ଛାତ୍ର ଅଓ୍ୱେସ୍ ଅହେମଦ୍ କହିଲେ ଯେ, ସେ ତିନିବର୍ଷ ପୂର୍ବରୁ ପାକିସ୍ତାନରୁ ଆସିଛନ୍ତି ପୁଣି ସେ କହିଲେ, ମୋର ଗୋଟିଏ ପ୍ରଶ୍ନ ହେଉଛି ଏହା ଯେ, ଅଲ୍ଲାଃଙ୍କ ସହିତ କିପରି ଦୃଢ଼ ସମ୍ପର୍କ ସ୍ଥାପନ କରାଯାଇ ପାରିବ ? ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, ଏପର୍ଯ୍ୟନ୍ତ ତୁମକୁ ଏ କଥା ଜଣାନାହିଁ । ଅଲ୍ଲାଃଙ୍କ ସମ୍ମୁଖରେ ନତମସ୍ତକ ହୁଅ, ନଇଁପଡ଼ ମୁଁ ଯାହା ତୁମକୁ ମାଗୁଅଛି ତୁମେ ତ ହେଉଛ ସେହି ସମ୍ପତି ଏକଥା କହିଚାଲ, ମିଳିଯିବେ । ପୁଣି ହଜୁର ଅନଓ୍ୱର ଅ:ବ:ଅ କହିଲେ, ତାକୁ ଧରିଥାଅ କେବେ ଛାଡ଼ ନାହିଁ ଏହି ଭଳି ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ଦୃଢ଼ ହୋଇଯିବ । ଅଲ୍ଲାଃ ତାଲାଙ୍କର ଏହି ପ୍ରତିଶ୍ରୁତି ରହିଛି ଯେ, ଯିଏ ମୋ ଆଡ଼କୁ ଆଗକୁ ବଢୁଛି ମୁଁ ମତେ ପାଇବା ପାଇଁ ତାକୁ ରାସ୍ତା ଦେଖାଇ ଚାଲିଛି । ତେଣୁ ତୁମେ ମଧ୍ୟ ଖୁଦାଙ୍କ ଆଡ଼କୁ ବଢ଼ିବାପାଇଁ ଚେଷ୍ଟା କର ।

ଆଉ ଜଣେ ଛାତ୍ର ଉମର୍ ରଶିଦ୍ କହିଲେ ଯେ, ମୁଁ ଏଠାକୁ ୨୦୧୧ ମସିହାରେ ପାକିସ୍ତାନରୁ ଆସିଥିଲି । ହଜୁର ଅନଓ୍ୱର ଅ:ବ:ଅ ତାଙ୍କୁ ପଚାରିଲେ, ପାକିସ୍ତାନରୁ କେଉଁ ସ୍ଥାନରୁ ଆସିଅଛ ? ଏଥିରେ ସେ କହିଲେ, ମର୍ଦାନ୍‌ରୁ । ହଜୁର ଅନଓ୍ୱର ଅ:ବ:ଅ ପୁଣି ତାଙ୍କୁ କହିଲେ, ପଞ୍ଜାବୀ ମର୍ଦାନୀ ଅଟ ବା ସେଠିକାର ସ୍ଥାନିୟ ବାସିନ୍ଦା । ସେଠାରେ ବହୁତ ଶେଖ୍ ମଧ୍ୟ ଅଛନ୍ତି । କଣ ତୁମେ ସେମାନଙ୍କ ମଧ୍ୟରୁ ଜଣେ ? ଏଥିରେ ସେ ଛାତ୍ର ଜଣକ କହିଲେ ଯେ, ମୁଁ ପଞ୍ଜାବୀ ଅଟେ । ଶେଖ୍ ନୁହେଁ । କିନ୍ତୁ ଶେଖ୍ ଫ୍ୟାମିଲିରେ ଆମର ବନ୍ଧୁବାନ୍ଧବ ଅଛନ୍ତି ।

ଆଉ ଜଣେ ଛାତ୍ର ବୁର୍‌ହାନୁଦ୍ଦିନ୍ ଫୈଜାନ୍ କହିଲେ ଯେ, ମୋର ଗୋଟିଏ ପ୍ରଶ୍ନ ରହିଛି ଯଦି କୌଣସି ଛାତ୍ରଙ୍କୁ ଭାଷା ଶିଖିବାପାଇଁ ଇଚ୍ଛା ହୁଏ ଯେଉଁ ଭାଷାକୁ ପଢ଼ାଯାଉନାହିଁ ତେବେ କଣ ସେ ସେହି ଭାଷାକୁ ଶିଖିପାରିବ । କଣ ତା ପାଇଁ ଏହା ଠିକ୍ ହେବ । ଏଥିରେ

| ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ | ''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।'' *(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)* |
|---|---|

**ତାଲିବେ ଦୁଆ:** *Anisha Begum, Jamat Ahmadiyya, Kerang (Odisha)*

| ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ | ''ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । '' *(ଖୁତ୍‌ବା ଜୁମା ପ୍ରଦତ ୩ ଫେବୃୟାରୀ୨୦୧୭)* |
|---|---|

**ତାଲିବେ ଦୁଆ:** *Sajid Khan S/o Sultan Ahemad & Family,*
*Jamat Ahmadiyya, Madhuban Paradip (Odisha)*

### ନୂରୁଲ୍ ଇସ୍‌ଲାମ୍ ବିଭାଗ ଅନ୍ତର୍ଗତ

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ ।

**ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧**

ସମୟ: ପ୍ରତ୍ୟଃ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

## ସଦକତୁଲ୍ ଫିତର୍ ପଇଠ କରିବା

ଅଲ୍‌ହମ୍‌ଦୁ ଲିଲ୍ଲାଃ ରମଜାନୁଲ୍ ମୁବାରକ୍‌ର ବାବରକତ୍ ପବିତ୍ର ରମ୍‌ଜାନ୍ ମାସ ଏପ୍ରିଲ୍‌ର ଦ୍ୱିତୀୟ ଦଶକରୁ ଆରମ୍ଭ ହେଉଅଛି । ଇସ୍‌ଲାମ୍‌ରେ ଫିତ୍‌ରାନା ପଇଠ କରିବା ପାଇଁ ଏକ ସାଆ ମାପର ଶସ୍ୟ (ଅର୍ଥାତ ପ୍ରାୟ ୨ କିଲୋ ୭୫୦ ଗ୍ରାମ) ଧାର୍ଯ୍ୟ କରାଯାଇଅଛି । ଯମାତ୍‌ର ସଦସ୍ୟମାନେ ସମ୍ପୂର୍ଣ୍ଣ ଶରହ୍ (ମାପ) ସହିତ ପବିତ୍ର ରମ୍‌ଜାନ୍ ମାସ ପୂର୍ବରୁ ବା ଦ୍ୱିତୀୟ ଦଶଦିନ ମଧ୍ୟରେ ହିଁ ସଦକତୁଲ୍ ଫିତର୍ ପଇଠ କରିବା ପାଇଁ ଚେଷ୍ଟା କରନ୍ତୁ ।

ଯେହେତୁ ଭାରତର ପ୍ରଦେଶଗୁଡ଼ିକରେ ଶସ୍ୟ (ଗହମ, ଚାଉଳ)ର ମୁଲ୍ୟ ଅଲଗା ଅଲଗା ରହିଥାଏ ସେଥିଯୋଗୁଁ ନିଜ ସ୍ଥାନୀୟ ମୂଲ୍ୟ ଅନୁସାରେ ଧାର୍ଯ୍ୟ କରାଯାଇଥିବା ଶରହ୍ ( ୨ କିଲୋ ୭୫୦ ଗ୍ରାମ ଶସ୍ୟ) ମୁତାବକ ଫିତ୍‌ରାନାର ରାଶି/ ଅର୍ଥ ପଇଠ କରନ୍ତୁ । ପଞ୍ଜାବ ପ୍ରଦେଶ ପାଇଁ ଏ ବର୍ଷ ମୁଣ୍ଡ ପିଛା ସଦକତୁଲ୍ ଫିତର୍‌ର ଅର୍ଥରାଶି ପଂଚାବନ (୫୫/-) ଟଙ୍କା ଧାର୍ଯ୍ୟ କରାଯାଇଅଛି ।

ସ୍ଥାନୀୟ ଯମାତ୍‌ରେ ଗରୀବ ଓ ଅଭାବି ଲୋକ ଥିବା କ୍ଷେତ୍ରରେ ସଦକତୁଲ୍ ଫିତର୍‌ର ମୋଟ ଅର୍ଥରାଶିରୁ ନବେ ପ୍ରତିଶତ ପର୍ଯ୍ୟନ୍ତ ଅର୍ଥରାଶି ମଜ୍‌ଲିସ୍ ଆମେଲାର ପରାମର୍ଶ ଓ ଫଏସଲା ପରେ ବଂଟା ଯାଇପାରିବ । ବାକି ଅର୍ଥରାଶିକୁ ମର୍କଜ୍‌ରେ ଜମା କରିବାକୁ ହେବ । ଯେଉଁ ଯମାତ୍‌ରେ ଗରୀବ ଓ ଅଭାବି ଲୋକ ନଥିବେ ସେହି ଯମାତ୍‌ରୁ ଅସୁଲ୍ କରାଯାଇଥିବା ସମସ୍ତ ଅର୍ଥରାଶି ସଦର୍ ଅଞ୍ଜୁମନ୍ ଅହ୍ମଦୀୟାର ଯମାତି ଆକାଉଁଟ୍‌ରେ ରଖିବାକୁ ହେବ ।

ସ୍ପଷ୍ଟ ହେଉ କି ଫିତ୍‌ରାନାର ଅର୍ଥରାଶି ମସ୍‌ଜିଦ୍ ଇତ୍ୟାଦିର ଆବଶ୍ୟକତା କାର୍ଯ୍ୟରେ ଖର୍ଚ୍ଚ କରିବାର ଅନୁମତି ନାହିଁ ।

## ଇଦ୍ ଫଣ୍ଡ

ଏହି ଚାନ୍ଦା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସମୟରୁ ପ୍ରଚଳନ । ଏହି ଫଣ୍ଡର ଉଦ୍ଦେଶ୍ୟ ଏହା ଥିଲା କି ଯେଉଁଠି ଖୁସି ଓ ଆନନ୍ଦ ଅବସରରେ ମଣିଷ ନିଜର ଖୁସି ପାଇଁ ପୋଷାକ, ଖାଦ୍ୟପେୟ ଏବଂ ଦାଓ୍ୱତ (ନିମନ୍ତ୍ରଣ) ଇତ୍ୟାଦିରେ ଅନେକ ଖର୍ଚ୍ଚ କରିଥାଏ ଓ ଅନ୍ୟମାନଙ୍କୁ ଉପହାର ମଧ୍ୟ ଦେଇଥାଏ, ସେଠି ସେହି ଖୁସି ସମୟରେ ଦୀନ (ଧର୍ମ)ର ଆବଶ୍ୟକତାକୁ ମଧ୍ୟ ମନେରଖୁ । ଅହେମଦୀମାନେ ତ ବୟତ୍‌ରେ ଏ ପ୍ରତିଜ୍ଞା କରିଛନ୍ତି ଯେ ଧର୍ମକୁ ସଂସାର ଉପରେ ଅଗ୍ରାଧିକାର ଦେବେ । ତେଣୁ ପ୍ରତ୍ୟେକ ଅହେମଦୀଙ୍କଠାରୁ ଏ ଆଶା କରାଯାଉଅଛି ଯେ ସେ ଖୁସି ଓ ଆନନ୍ଦର ଉତ୍ସବ ଅବସରରେ ଧର୍ମର ଆବଶ୍ୟକତାକୁ ନିଶ୍ଚିତ ରୂପେ ମନେରଖୁ । ଏହି ଉଦ୍ଦେଶ୍ୟକୁ ଚରିତାର୍ଥ କରିବାପାଇଁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଯୁଗରେ ଏଥିପାଇଁ ରୋଜଗାର କରୁଥିବା ଅହେମଦୀମାନେ ମୁଣ୍ଡ ପିଛା ଏକଟଙ୍କା ଦେଉଥିଲେ । ଯାହା ସେ ସମୟ ଅନୁସାରେ ବହୁତ ବଡ଼ ଅର୍ଥରାଶି ଥିଲା । ଏବେ ଯେହେତୁ ଆଗକୁ ଇଦୁଲ୍ ଫିତର୍ ଆସୁଅଛି ତେଣୁ ନିଜର ସାମର୍ଥ୍ୟ ଅନୁସାରେ ସେହି ଇଦ୍ ଦିନ୍ ମଧ୍ୟ ଅଧିକରୁ ଅଧିକ ଅର୍ଥରାଶି ଏହି ବିଭାଗରେ ପଇଠ କରାଯାଉ । ଇଦ୍ ଫଣ୍ଡକୁ ଇଦ୍ ପୂର୍ବରୁ କୌଣସି ମଧ୍ୟ ସମୟରେ ପଇଠ କରାଯାଇପାରିବ । ଏହା ହେଉଛି ମର୍କଜି ଚାନ୍ଦା । ତେଣୁ ସବୁତକ ଅର୍ଥ ସଦର୍ ଅଞ୍ଜୁମନ୍ ଅହେମଦୀୟାର ଖଜାନାରେ ଜମା ହେବା ଜରୁରୀ । ଏହି ଅର୍ଥରାଶି ସ୍ଥାନୀୟ ଯମାତ୍‌ରେ ଖର୍ଚ୍ଚ କରିବାକୁ ଅନୁମତି ନାହିଁ । ଜଯାକମୁଲ୍ଲାଃ

***(କାଏମ୍ ମକାମ୍ ନାଜିର ବୟତୁଲ୍ ମାଲ୍ ଆମଦ୍ କାଦିଆନ୍)***

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।'' *(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

**ତାଲିବେ ଦୁଆ:** *Abdul Chand & Family,*
*Jamat Ahmadiyya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ପବିତ୍ର କୋରାନ୍‌କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ଓ୍ୱା (ଅର୍ଥାତ୍ ଧର୍ମପରାୟଣତା)''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

**ତାଲିବେ ଦୁଆ:** *Idrish Khan, Jamat Ahmadiyya, Kerang (Odisha)*

ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ଜାମିୟାର ଛାତ୍ରମାନଙ୍କୁ ପ୍ରଥମେ ଜାମିୟାର ପାଠପଢ଼ାକୁ ସମ୍ପୁର୍ଣ୍ଣ କରିବା ଉଚିତ । ତା'ପରେ ତା'ର ଆଗ୍ରହ ଯେଉଁ ବିଷୟରେ ଜଣାପଡ଼ିବ ତାହା ତ ଦେଖାଯିବ । ଅର୍ଥାତ ଜାମିୟାର ବ୍ୟବସ୍ଥାପକଙ୍କୁ, ପ୍ରିନ୍ସିପାଲ୍‌ଙ୍କୁ ଏବଂ ଶିକ୍ଷକମାନଙ୍କୁ ଜଣାପଡ଼ିଯିବ ଏବଂ ସେମାନଙ୍କର ରିପୋର୍ଟ ଆସିବାରେ ତୁମେ କେଉଁ ଭାଷାକୁ ଶିଖିବା ପାଇଁ ଆଗ୍ରହ ରଖିଛ, ପୁଣି ଜାମିୟା ପାସ୍ କରିବାପରେ କିଛି ପିଲାଙ୍କୁ ଭାଷା ଶିକ୍ଷା କରିବାକୁ ଅନମୁତି ଦିଆଯାଇଥାଏ ।

ହଜୁର ଅନଓ୍ୱର ଅ:ବ:ଅ ପୁଣି ତାଙ୍କୁ ପଚାରିଲେ ଯେ, କଣ ତୁମେ Abitur କରିଛ କି ? ଏଥିରେ ସେ କହିଲେ ଯେ, ହଁ ମୁଁ Abitur କରିଛି । ଏଥିରେ ହଜୁର ଅନଓ୍ୱର ଅ:ବ:ଅ ତେବେ ପୁଣି ଠିକ୍ ଅଛି ତାହା ହେଲେ ୟୁନିଭରସିଟିରେ ମଧ୍ୟ ସହଜରେ ଆଡ୍‌ମିଶନ ହୋଇଯିବ କିନ୍ତୁ ଏହା ଜାମିୟାର ସୁପାରିସ ପରେ ହିଁ ହେବ । ତା'ପରେ ପୁଣି ଆମେ ନିଷ୍ପତି ନେବୁ । ତୁମେ ତ ନିଜ ଜୀବନକୁ ୱକଫ୍ କରିଦେଇଛ ହଁ ତୁମେ ଏକଥାକୁ ପ୍ରକାଶ କରିପାର ଯେ, ତୁମେ ତୁମର କଣ ସୌକ ଅଛି । ଏବେ ଆପଣଙ୍କର ଏହି ଇଛା ପୁରଣ କରିବାପାଇଁ ମଉକା ଦେବା ବା ନ ଦେବା ଏହା ବ୍ୟବସ୍ଥାପକର କାମ । କିନ୍ତୁ ସାଧାରଣତଃ ଯଦି କାହାକୁ ଭାଷା ଶିଖିବାପାଇଁ ଆଗ୍ରହ ଥାଏ ତେବେ ତାକୁ ମଉକା ଦେଇ ଦିଆଯାଏ ।

ଆଉ ଜଣେ ଛାତ୍ର ଚୌଧୁରୀ ଅୟାଜ୍ ଅହେମଦ୍ ପଚାରିଲେ ଯେ, ଯଦି କୌଣସି ମୂରବୀଙ୍କ ଭାଷା କହିବାରେ ଖନାପଣ ଥାଏ ତେବେ ସେ କଣ କରିବ ଯେ ତା ଉପରେ କାବୁ ପାଇପାରିବ । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, ପ୍ରଥମେ ତ ତାକୁ ଆରାମରେ କହିବାକୁ ଅଭ୍ୟାସ କରିବା ଉଚିତ । ଯେଉଁମାନେ ଧିରେ ଧିରେ କହିଥାନ୍ତି ସେମାନଙ୍କର କହିବା ଠିକ୍ ହୋଇଯାଏ । ମୁଁ ଏକଥା ଦେଖିଛି ଯେ, କିଛି ମୂରବୀମାନଙ୍କର ଭାଷା କହିବାରେ କିଛିଟା ହାଲୁକା ଖନାପଣ ଥାଏ କିନ୍ତୁ ଯେତେବେଳେ ସେ ଭାଷଣ ଦେବାପାଇଁ ଛିଡ଼ା ହୋଇଥାନ୍ତି ତାଙ୍କର ସେହି ଖନାପଣ ଶେଷ ହୋଇଯାଏ । ଏହିଭଳି ଅଲ୍ଲାଃ ତାଲା ତା'ର କୃପା ମଧ୍ୟ କରିଥାନ୍ତି ବାକି ହେଉଛି ଏହା ଯେ, ଯାହାର ଏପରି ଅସୁବିଧା ଅଧିକ ଅଛି, ଆମେ ତ ମୂରବୀମାନଙ୍କଠାରୁ ଅନ୍ୟାନ୍ୟ ବହୁତ କିଛି କାମ ନେଇଥାଉ ଓ କାମ ମଧ୍ୟ ନେଇପାରିବୁ । ଜରୁରୀ ନୁହେଁ ଯେ କେବଳ ତୁମେ ଭାଷଣ ହିଁ ଦେବ । ହଜୁର ଅନଓ୍ୱର ଅ:ବ:ଅ କହିଲେ, ବେଳେବେଳେ ଏମିତି ହୋଇଥାଏ ଯେ, ଯେଉଁମାନଙ୍କ ମୁହଁ ଟିକିଏ ଲାଗିଥାଏ ଯେତେବେଳେ ସେମାନେ ଶିଘ୍ର ଶିଘ୍ର କହିବାକୁ ଚେଷ୍ଟା କରିଥାନ୍ତି ବା ବ୍ୟତିବ୍ୟସ୍ତ ହୋଇ ଘାବରାଇ ଯାଇ କହିଥାନ୍ତି ସେତେବେଳେ ସେମାନଙ୍କର ମୁହଁ ଅଧିକ ଲାଗିଥାଏ । ଯଦି ଅଳ୍ପ କିଛି ନିଜକୁ ନିୟନ୍ତ୍ରଣରେ ରଖିବେ ତେବେ ବହୁ ମାତ୍ରାରେ ନିୟନ୍ତ୍ରଣ ମଧ୍ୟ ହୋଇଯାଏ ।

ଆଉ ଜଣେ ଛାତ୍ର ହାଫିଜ୍ ଏହ୍‌ତେଶାମ୍ ଅହ୍‌ମଦ୍ କହିଲେ ଯେ, ମୁଁ ୨୦୧୪ ମସିହାରେ ଜର୍ମାନୀ ଆସିଥିଲି ପୁଣି ହଜୁର ଅନଓ୍ୱର ଅ:ବ:ଅଙ୍କ ପଚାରିବାରେ ସେ କହିଲେ ଯେ, ମୁଁ ରବଓ୍ୱାରୁ ପବିତ୍ର କୁର୍‌ଆନ୍ ହିଫିଜ୍ (କଣ୍ଠସ୍ଥ) କରିଥିଲି । ପୁଣି ସେ କହିଲେ ଯେ, ମୋର ପ୍ରଶ୍ନ ହେଉଛି ଏହା କି, ମଣିଷ ଯେତେବେଳେ ଖଲିଫତୁଲ୍ ମସିହିଲ୍‌ଙ୍କ ପାଇଁ ଦୁଆ କରିଥାଏ ସେତେବେଳେ ସେ କଣ ଦୁଆ କରିବା ଉଚିତ । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, ତୁମ ନିକଟରେ କେଉଁ ଦୁଆ କରିବା ଠିକ୍ ହେବ । ଖଲିଫତୁଲ୍ ମସିହଙ୍କର ଯେଉଁ ସବୁ କାମ ରହିଛି ସେଗୁଡ଼ିକୁ ଆଖି ଆଗରେ ରଖି ଦୁଆ କରନ୍ତୁ । ଏ ଦୁଆ କର ଯେ, ତାଙ୍କର ଯେଉଁ ଉଦ୍ଦେଶ୍ୟଗୁଡ଼ାକ ରହିଛି ତାହା ପୂରଣ ହୋଇଯାଉ । ହଜୁର ଅନଓ୍ୱର ଅ:ବ:ଅ କହିଲେ, ଏବଂ ତୁମମାନଙ୍କ ପାଇଁ ଯେଉଁ ଦୁଆ କରାଯାଉଅଛି ତାହା ମଧ୍ୟ ତୁମ ପାଇଁ କବୁଲ (ଗ୍ରହଣୀୟ) ହୋଇଯାଉ । ଏହି ଦୁଆକୁ ମଧ୍ୟ ତା ସାଥିରେ କରନ୍ତୁ ।

ଆଉ ଜଣେ ଛାତ୍ର ଚୌଧୁରୀ ଶହରୟାର୍ ନଓ୍ୱାଜ୍ ଦୁଆ କରିବାକୁ ନିବେଦନ କଲେ ଯେ, ଦୁଆ କରନ୍ତୁ ତାଙ୍କର ଭିଜା ଲାଗିଯାଉ । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, ଅଲ୍ଲାଃ ତାଲା କୃପା କରନ୍ତୁ ।

ଆଉ ଜଣେ ଛାତ୍ର ହାଫିଜ୍ ଲୁକ୍‌ମାନ୍ ଅହେମଦ୍ ନିଜ ପାଇଁ ଦୁଆ କରିବାକୁ ଦରଖାସ୍ତ କଲେ ଯେ, ବିଗତ ଗୋଟିଏ ଦୁଇବର୍ଷ ହେବ ଗୋଡ଼ରେ କିଛି ଅସୁବିଧା ଥିଲା ଏବେ, ବହୁତ ଉପସମ ମିଳିଛି । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, ଅଲ୍ଲାଃ ତାଲା କୃପା କରନ୍ତୁ ।

ଆଉ ଜଣେ ଛାତ୍ର ଫିରୋଜ ଅଦିବ୍ ନିବେଦନ କଲେ ଯେ, ମୋର ସମ୍ପର୍କ ଗଡ଼ିସାହୁ ଲାହୋର୍ ସହିତ ରହିଛି ଏବଂ ମୁଁ ୨୦୧୫ ମସିହାରେ ଜର୍ମାନୀ ଆସିଥିଲି । ହଜୁର ଅନଓ୍ୱର ଅ:ବ:ଅ କହିଲେ, କଣ ଏଠାରେ ମନ ଲାଗିଗଲାଣି ? ଏଥିରେ ସେ ଉତର ଦେଲେ ହଁ ମୋର ମନ ଲାଗିଗଲାଣି । ହଜୁର ଅନଓ୍ୱର ଅ:ବ:ଅଙ୍କ ପଚାରିବାରେ ସେ ପୁଣି ବତାଇଲେ ଯେ, ମୁଁ ଜର୍ମାନୀ ଭାଷା ଶିଖିବାପାଇଁ ଚେଷ୍ଟା କରୁଛି ପୁଣି ଛାତ୍ରଜଣକ ଶାହିଦ୍ କ୍ଲାସ୍‌ର ପରୀକ୍ଷା ଭଲ ହେବାପାଇଁ ଦୁଆ ର ଦରଖାସ୍ତ କଲେ ।

ଆଉ ଜଣେ ଛାତ୍ର କହିଲେ ଯେ, ମୋ ନାମ ହେଉଛି ସମୀର ଖାନ୍ ମୁଁ ୨୦୧୩ ମସିହାରେ ପାକିସ୍ତାନରୁ ଏଠାକୁ ଆସିଛି । ହଜୁର ଅନଓ୍ୱର ଅ:ବ:ଅଙ୍କ ପଚାରିବାରେ ସେ ପୁଣି କହିଲେ ଯେ, ତାଙ୍କର ସମ୍ବନ୍ଧ ନାରଓ୍ୱାଲ୍ ଡ଼େରାଓ୍ୱାଲା ସହିତ ରହିଛି । ପୁଣି ହଜୁର ଅନଓ୍ୱର ଅ:ବ:ଅ ପଚାରିଲେ, ତୁମେ ହେଉଛ ଖାନ୍, ଖାନ୍ ମାନେ ତ ବେପାର ବଣିଜ କରିଥାନ୍ତି, ତୁମର ସବୁ ବନ୍ଧୁ ବିରାଦର ହେଉଛନ୍ତି କାରବାର କରୁଥିବା ଲୋକେ କିନ୍ତୁ ତୁମେ କିପରି ମୂରବୀ ହୋଇଗଲ ? ଏଥିରେ ସେ କହିଲେ ଯେ, ମୋର ଇଛା ଥିଲା ଯେ, ମୁଁ ମୂରବୀ ହେବି ।

ଆଉ ଜଣେ ଛାତ୍ର ହେଉଛନ୍ତି ଅବ୍‌ଦୁର୍ ରାଫେ ସେ କହିଲେ, ମୁଁ ପାକିସ୍ତାନରୁ ଏବେ ଏବେ ନୂଆ ଆସିଛି । ହଜୁର ଅନଓ୍ୱର ଅ:ବ:ଅଙ୍କ ପଚାରିବାରେ ସେ ବତାଇଲେ ଯେ, ସେ ୨୦୧୪ ମସିହାରେ ଜର୍ମାନୀ ଆସିଥିଲେ । ସେହି ଛାତ୍ରଜଣକ ପଚାରିଲେ ଯେ, ଯେତେବେଳେ ନମାଜ କଜା ହୋଇଥାଏ ଓ ପୁଣି ପରେ ଦୁଇ ରେକାତ ସ୍ଥାନୀୟ ଲୋକମାନଙ୍କୁ ପୂରଣ କରିବାକୁ ପଡ଼ିଥାଏ ତେବେ କଣ ସେହି ଦୁଇ ରେକାତ୍‌ରେ ସୁରାଃ ଫାତିହା ପରେ ଅନ୍ୟ କୌଣସି ସୁରାଃ ପଢ଼ିବା ଉଚିତ କି ? ଏଥରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, କଜା ନମାଜ ପରେ ପୁଣି ଦୁଇ ରେକାତ କଣ ? ଛାତ୍ର ଜଣକ କହିଲେ ଯେ, ଯେତେବେଳେ ଲୋକ ଯାତ୍ରା କରିଥାଏ ସେତେବେଳେ ଯେଉଁ ନମାଜ ପଢ଼ିଥାଏ ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, ସେ ନମାଜକୁ କଜା ନୁହେଁ ବରଂ ତାକୁ କସର୍ ନମାଜ କୁହାଯାଏ । ମୁଁ ଜୋହର୍ ଏବଂ ଅସର୍ ନମାଜ ପଢ଼ାଉଛି ଓ ଏବେ ଯାତ୍ରାରେ ଥିବା ଯୋଗୁଁ ନମାଜ କସର୍ ପଢ଼ାଉଛି । ତେବେ ସ୍ଥାନୀୟ ଲୋକମାନେ ପରେ ଯେଉଁ ଦୁଇ ରେକାତ ନମାଜ ପଢୁଛନ୍ତି ତେବେ କଣ ସେହି ଶେଷ ଦୁଇ ରେକାତରେ ଆପଣମାନେ ସୁରାଃ ଫାତିହା ବ୍ୟତିତ ଅନ୍ୟ କୌଣସି ସୁରାଃ ପଢୁଛନ୍ତି କି, ଏଥିରେ ସେ ଛାତ୍ର ଜଣକ କହିଲେ ନା ଆମେ ପଢୁନାହୁଁ । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, କସର ନମାଜ ପାଇଁ ତ କୌଣସି ପ୍ରଶ୍ନ ହିଁ ଉଠୁନାହିଁ । ଆପଣଙ୍କୁ ଏ ପ୍ରଶ୍ନ କରିବାର ଥିଲା ଯେ, ଯଦି ଇମାମ୍ ନମାଜ ପଢ଼ାଉଛନ୍ତି ଓ ପ୍ରାଥମିକ ରେକାତଗୁଡ଼ିକ ପଢ଼ାଇ ସାରିଛନ୍ତି ତେବେ ଆପଣଙ୍କୁ ଇମାମ୍‌ଙ୍କ ସଲାମ୍ ଫେରାଇବା ପରେ ଯଦି ବାକି ରହିଯାଇଥିବା ନମାଜ ରେକାତକୁ ସମ୍ପୁର୍ଣ୍ଣ କରିବାକୁ ହୁଏ ତେବେ କଣ ସେଥିରେ ସୁରାଃ ଫାତିହା ପରେ କୌଣସି ସୁରାଃ ପଢ଼ିବାର ଅଛି ବା ନାହିଁ । ଏ ପ୍ରଶ୍ନ ଆପଣଙ୍କର ହେବା କଥା ।

ଅତଏବ ଯେଉଁ ପ୍ରାଥମିକ ରେକାତଗୁଡ଼ିକ ବା ଯେଉଁ ରେକାତକୁ ଆପଣ ଛାଡ଼ି ଯାଇଛନ୍ତି ଓ ତାକୁ ପରେ ପୂରଣ କରିବାକୁ ହୋଇଥାଏ ଯେହେତୁ ସେହି ରେକାତଗୁଡ଼ିକରେ ସୁରାଃ ଫାତିହାପରେ କୌଣସି ସୁରାଃ ପଢ଼ାଯାଇଥାଏ ତେଣୁ ତୁମେମାନେ ମଧ୍ୟ ସେହି ଛାଡ଼ି ଯାଇଥିବା ନମାଜରେ ସୁରାଃ ପଢ଼ିପାରିବ କିନ୍ତୁ ଶେଷ ରେକାତରେ ପଢ଼ିବନାହିଁ । ପୁଣି ହଜୁର ଅନଓ୍ୱର ଅ:ବ:ଅ କହିଲେ, ବତାଅ ଯେ, କଜା ଏବଂ କସରରେ ଫରଗ କଣ ଅଛି । ଏଥିରେ ଜଣେ ଛାତ୍ର ବତାଇଲେ ଯେ, କସର ନମାଜ ସଫର୍ (ଯାତ୍ରା) ସମୟରେ ପଢ଼ାଯାଇଥାଏ ଓ ଯେଉଁ ନମାଜ ବାକି ରହିଯାଏ ଓ ତାହାକୁ ପରେ ପଢ଼ାଯାଇଥାଏ ସେହି ନମାଜକୁ କଜା କୁହାଯାଏ । ପୁଣି ହଜୁର ଅନଓ୍ୱର ଅ:ବ:ଅ ପଚାରିଲେ, କଜାଏ ଉମୁରି କଣ ? ଏଥିରେ ସେହି ଛାତ୍ରଜଣକ କହିଲେ ଯେ, କଜାଏ ଉମୁରି ଗୈର୍ ଅହେମଦୀମାନଙ୍କ ମଧ୍ୟରେ ଥାଏ । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, ବର୍ଷକ ପରେ ଗୋଟିଏ ନମାଜ ପଢ଼ିନିଆଯାଏ ତା'ପରେ ପୁଣି ସବୁ କିଛି କ୍ଷମା ହୋଇଗଲା । କିନ୍ତୁ ଆମେ ଅହେମଦୀମାନେ ଏପରି କରିନଥାଉ । ପୁଣି ହଜୁର ଅନଓ୍ୱର ଅ:ବ:ଅ କହିଲେ, ସଫର୍‌ରେ ତ କୌଣସି ଏମିତି ଅସୁବିଧ ନାହିଁ । ମଗ୍‌ରିବ୍ ନମାଜ ତ ଏମିତି ହିଁ ତିନି ରେକାତ ପଢ଼ିବା ଉଚିତ । ଜୋହର୍, ଅସର୍ ଏବଂ ଇଶା ନମାଜର ଚାରି ଚାରି ରେକାତ ତେବେ କୁହ ଏହି ନମାଜ ଗୁଡ଼ିକରେ ଯେଉଁ ଶେଷ ଦୁଇ ରେକାତ ରହିଛି ସେଥିରେ କଣ ତୁମେମାନେ ସୁରାଃ ପଢୁଛ କି ? ଏଥିରେ ସେ ଛାତ୍ରଜଣକ ଉତର ଦେଲେ ଯେ, ଆମେ ପଢୁନାହୁଁ । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, ତେବେ ପୁଣି ଯଦି ସଫର୍ ସମୟରେ ମଧ୍ୟ ଆପଣମାନେ ସ୍ଥାନିୟ ହୋଇଥିବା ଯୋଗୁଁ ଏହି ଦୁଇ ରେକାତୁକ ସମ୍ପୁର୍ଣ୍ଣ କରିବାକୁ ହୁଏ ତେବେ ସୁରାଃ ଫାତିହା ପରେ କୌଣସି ସୁରାଃ ପଢ଼ିବେ ନାହିଁ ।

ଆଉ ଜଣେ ଛାତ୍ର ମାହିଦ୍ ଇଲିଆସ୍ କହିଲେ ଯେ, ମୋର ଜଣେ ବହୁତ ଭଲ ଜର୍ମାନ ସାଙ୍ଗ ଅଛନ୍ତି ମୁଁ ତାଙ୍କୁ ବହୁତ ଦିନ ହେବ ତବ୍‌ଲିଗ୍ କରିଆସୁଅଛି ସେ ଏ ବର୍ଷ ଜଲ୍‌ସା ସାଲାନା ୟୁକେ ରେ ମଧ୍ୟ ସାମିଲ ହୋଇଥିଲା । ସେ ନମାଜ ମଧ୍ୟ ପଢ଼ିବା ଆରମ୍ଭ କରିଦେଇଥିଲା । ମୁଁ ଯେବେଠୁ ଜାମିୟା ଆସିଲିଣି ସେ ଯମାତ୍‌ଠାରୁ ଅଳ୍ପ କିଛି ପଛକୁ ଚାଲିଗଲାଣି କାରଣ ମୁ ତା' ସହିତ ରହୁନାହିଁ । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, ଯେତେବେଳେ ତୁମେ ଛୁଟି ବିତାଇବା ପାଇଁ ଯାଉଛ ସେତେବେଳେ ତାଙ୍କ ସହିତ ଯୋଗାଯୋଗ ସ୍ଥାପନ କର । ପୁଣି ତାଙ୍କ ସହିତ ବନ୍ଧୁତ୍ୱ ବଢ଼ାଅ ଓ ତାଙ୍କୁ ଚିଠିପତ୍ର ଇତ୍ୟାଦି ଲେଖ । ଛୁଟି ଦିନ ଏଠିକାର ବ୍ୟବସ୍ଥାପିକାଙ୍କ ଅନୁମତି କ୍ରମେ ତାଙ୍କୁ ମେସେଜ୍ ମଧ୍ୟ ପଠାଇପାରିବେ । ଅନ୍ୟ ପାଠପଢ଼ା ସମୟରେ ସେ ଏପରି କରିପାରିବେ ନାହିଁ । ସପ୍ତାହନ୍ତରେ ଯେତେବେଳେ ଘରକୁ ଯାଉଛ ସେତେବେଳେ ତାଙ୍କ ସହିତ ଯୋଗାଯୋଗ କର । ଏହି ଗୋଟିଏ ମାର୍ଗ ରହିଛି ଆଉ ତୁମେ କଣ ଚାହୁଁଛ । ଏଥିରେ ସେ ଛାତ୍ରଜଣକ କହିଲେ ଯେ, ସେହି ସାଙ୍ଗ ପାଇଁ ମୁଁ ଦୁଆ କରିବାପାଇଁ ଆପଣଙ୍କୁ ଅନୁରୋଧ କରୁଛି । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, ଅଲ୍ଲାଃ ତାଲା କୃପା କରନ୍ତୁ । ପୁଣି ହଜୁର ଅନଓ୍ୱର ଅ:ବ:ଅ କହିଲେ, ବହୁତ ଲୋକ ଅତ୍ୟନ୍ତ ପୂଣ୍ୟସ୍ୱଭାବର ହୋଇଥାଆନ୍ତି । କାଲି ଜଣେ ଜର୍ମାନ ୱିଜ୍‌ବାଦନ୍ ମସ୍‌ଜିଦ୍‌ର ଉଦ୍‌ଘାଟନି ଉତ୍ସବରେ ଯୋଗଦେବା ପାଇଁ ଆସିଥିଲେ, ସେ ଜଣେ ବୟସ୍କ ବ୍ୟକ୍ତି ଥିଲେ କିନ୍ତୁ ବହୁତ ଭଦ୍ରାମିର ସହିତ କଥା ହେଉଥିଲେ । ମୋ ଭାଷଣ ସମ୍ବନ୍ଧରେ ସେ କହିଲେ ଯେ, ଆପଣ ଏ କଥା କହିଲେ ଓ ଏମିତି କଥା କହିଛନ୍ତି ଏକଥା ଶୁଣି ମୁଁ ତାଙ୍କୁ ପଚାରିଲି ଯେ କଣ ତୁମେ ଅହେମଦୀ କାରଣ ସେ ଯେଉଁ ଶୈଳୀରେ କଥା କହୁଥିଲେ ତାହାକୁ ଦେଖି ମୁଁ ଏକଥା ପଚାରିଲି । କିନ୍ତୁ ସେ କହିଲେ ଯେ ମୁ ଅହେମଦୀ ନୁହେଁ କିନ୍ତୁ ମତେ ଏମିତି ଲାଗୁଛି ମୁଁ ଆପଣଙ୍କ କଥାକୁ ଶୁଣି ଅହେମଦୀ ହୋଇଯିବି । ହଜୁର ଅନଓ୍ୱର ଅ:ବ:ଅ କହିଲେ, ଦୁଆ କର ଏହିଭଳି ଲୋକମାନେ ଯେଉଁମାନଙ୍କର ସ୍ୱଭାବ ପୂଣ୍ୟ ଅଟେ । ଅଲ୍ଲାଃ ତାଲା ସେମାନଙ୍କ ହୃଦୟକୁ ଆହୁରି ଖୋଲି ଦିଅନ୍ତୁ । ସେମାନଙ୍କ ମନ ଭିତରେ ଯେଉଁ ସନ୍ଦେହ ରହିଛି ତାହାକୁ ଶେଷ କରିଦିଅନ୍ତୁ ଓ ସେମାନେ ଅହେମଦୀ ହୋଇଯାଆନ୍ତୁ ।

*ଅବଶିଷ୍ଟାଂଶ ପୃଷ୍ଠା- ୨ ରେ ଦେଖନ୍ତୁ...*

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750
Weekly BADAR Qadian ସାପ୍ତାହିକ ବଦର କାଦିଆନ
Dist: Gurdaspur (Pb.) INDIA Qadian - 143516
Postal Reg. No.GDP-40/2020-2022 Vol.6 Thursday 15 April 2021 Issue No. 15

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

ANNUAL SUBSCRIPTION:Rs.500/- (Per Issue:Rs.9/-) (WEIGHT - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ୟୁରୋପ ଗସ୍ତ - (ସେପ୍ଟେମ୍ବର, ଅକ୍ଟୋବର ୨୦୧୯)

**୧୫ ଅକ୍ଟୋବର ୨୦୧୯**

**ମଙ୍ଗଳବାରର ବଳକାଅଂଶ**

ଅର୍ଥାତ ଅଲ୍ଲାଃଙ୍କ ଏକେଶ୍ୱରବାଦର ମହାନ୍ ପ୍ରତିକ ଖାନାକାବା ହିଁ ୱ୍କଫେ ଜିନ୍ଦଗୀର ମୂଳଦୁଆ ଅଟେ । ଏବଂ ଏହି ମୂଳଦୁଆ ଉପରେ ତିଷ୍ଠି ରହି ସାରା ଦୁନିଆରେ ଇସ୍‌ଲାମ୍‌ର ସେବା କରିବାର ମନୋଭାବରେ ପରିପୂର୍ଣ୍ଣ ଅହେମଦୀ ୱ୍କିଫିନେ ଜିନ୍ଦଗୀ ନିଜ କର୍ମ ଦ୍ୱାରା ଖାନାକାବା ଓ ଅଲ୍ଲାଃଙ୍କ ଏକେଶ୍ୱରବାଦର ମହାନତାକୁ ପ୍ରଚାର କରିଚାଲିଛନ୍ତି । ଅଲ୍ଲାଃ ତାଲା ଆମ ସମସ୍ତ ୱ୍କିଫିନେ ଜିନ୍ଦଗୀଙ୍କୁ ଖାନାକାବା ନିର୍ମାଣ ହେବାର ଅସଲ ଉଦ୍ଦେଶ୍ୟକୁ ବୁଝିବାପାଇଁ ଓ ପୂରଣ କରିବାପାଇଁ ଶକ୍ତି ପ୍ରଦାନ କରନ୍ତୁ ଏବଂ ଆମର ଏହି ଛୋଟିଆ ସେବାକୁ ଗ୍ରହଣ କରନ୍ତୁ । ଆମିନ୍.

ତା'ପରେ ଅଜିଜମ୍ ସୁଲେମାନ୍ ଅଖ୍‌ତର୍ ଚତୁର୍ଥ ଶ୍ରେଣୀର ଛାତ୍ର "ୱ୍କଫ କି ଅହମିୟତ୍ ଅର୍ ଉସ୍‌କି ବର୍‌କାତ୍" ବିଷୟବସ୍ତୁ ଉପରେ ଏକ ଭାଷଣ ପ୍ରଦାନ କଲେ । ପବିତ୍ର କୁର୍‌ଆନ୍‌ରେ ଅଲ୍ଲାଃ ତାଲା କହିଛନ୍ତି: **ଇଜ୍‌କାଲା ଲହୁ ରବୁହୁ ଅସ୍‌ଲିମ୍ କାଲା ଅସ୍‌ଲମ୍‌ତୁ ଲିରବିଲ୍ ଆଲମିନ୍**

ହଜ୍‌ରତ୍ ଆଦମ୍‌ଙ୍କଠାରୁ ନେଇ ଏ ପର୍ଯ୍ୟନ୍ତ ଈଶ୍ୱରଙ୍କ ବହୁତ ଦୂତ ଏ ସଂସାରକୁ ଆସିଛନ୍ତି ଓ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ଈଶ୍ୱରଙ୍କ ମାର୍ଗରେ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ କିନ୍ତୁ ଇବ୍ରାହିମ୍‌ଙ୍କର ଯେଉଁ ବଳିଦାନ ଥିଲା ତାହା ସମ୍ପୂର୍ଣ୍ଣରୂପେ ଅଲ୍ଲାଃ ତାଲାଙ୍କ ପାଇଁ ଉତ୍ସର୍ଗ ହେବାର ଏକ ଉଦାହରଣ ହୋଇଗଲା । ଆମେ ହେଉଛେ ସେହି ସୌଭାଗ୍ୟବାନ ଯେଉଁମାନେ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସ ଏବଂ ତାଙ୍କର ଗୁଲାମ୍ ଏ ଯୁଗର ମେହେଦୀଙ୍କ ଯୋଗୁଁ ଆଜି ପୁଣି ଇବ୍ରାହିମ୍ କୁର୍‌ବାନୀର ଉତରାଧିକାରୀ ହୋଇଅଛେ । ହଜ୍‌ରତ୍ ରସୁଲେ୍ କରିମ୍ ସ:ଆ:ସଙ୍କ ପବିତ୍ର ଯୁଗରେ ଈଶ୍ୱରଙ୍କ ପାଇଁ ୱ୍କଫ୍ ହୋଇଥିବା ଲୋକମାନେ ବିପଦପୂର୍ଣ୍ଣ ଓ କଂଟିଳ ମାର୍ଗରେ ଯାତ୍ରା କରୁଥିବା ଲୋକମାନଙ୍କ ସର୍ଦ୍ଦାର ତ' ହଜ୍‌ରତ୍ ଅବୁବକର ସିଦ୍ଧିକ୍ ର:ଅ, ଉମର୍ ଫାରୁକ ର:ଅ, ଉସ୍‌ମାନ୍ ଗନି ର:ଅ ଏବଂ ଅଲୀ ମୁର୍‌ତଜା ର:ଅ ଅଟନ୍ତି । କିନ୍ତୁ ସେମାନଙ୍କ ଅନୁସରଣକାରୀଙ୍କ ମଧ୍ୟରେ ହଜ୍‌ରତ୍ ଅବୁ ଉବୈଦା ର:ଅ ଏବଂ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ର:ଅ ଓ ତଲ୍‌ହା ର:ଅ ମଧ୍ୟ ଥିଲେ । ସେମାନଙ୍କ ମଧ୍ୟରେ ମୁସ୍‌ଅବ୍ ବିନ୍ ଉମୈର୍ ର:ଅ ମଧ୍ୟ ଥିଲେ । ଯାହାଙ୍କୁ ଇସ୍‌ଲାମ୍‌କୁ ପ୍ରଥମ ମୁବ୍‌ଲ୍ଲିଗ୍ ହେବାର ସୌଭାଗ୍ୟ ମିଳିଥିଲା । ପୁଣି ମଦିନାରେ ଅନ୍‌ସାରମାନଙ୍କ ଉତ୍ସର୍ଗୀ ଦଳ ହଜ୍‌ରତ୍ ସାଆଦ୍ ବିନ୍ ମାଆଜ୍, ଖୁବୈଦ୍ ବିନ୍ ଅଦି, ଏବଂ ଅବୁ ତଲ୍‌ହା ରିଜ୍‌ୱାନୁଲ୍ଲହା ଆଲୈହିମ୍ ଏବଂ ସେମାନଙ୍କ ସାଥି ସାହାବାମାନଙ୍କର ଗୋଟିଏ ଲମ୍ବା ସୂଚିପତ୍ର ରହିଛି ଯେଉଁମାନେ ନିଜର ବଳିଦାନ ଓ ଭକ୍ତିର କଥାକୁ ଉଜାଗର କରିଛନ୍ତି ।

ବର୍ତମାନ ଯୁଗରେ ଏହି ଐଶ୍ୱରିକ ଉତ୍ସର୍ଗର ନମୁନା ରସୁଲେ୍ ପାକ୍ ସ:ଆ:ସଙ୍କ ଆଧାତ୍ମିକ ସନ୍ତାନ ହଜ୍‌ରତ୍ ମିର୍ଜା ଗୁଲାମ୍ କାଦିୟାନୀ ଆ:ସ ପୁଣି ଜୀବିତ କଲେ ଏବଂ ନିଜର ସବୁକିଛି ଖୁଦା ଏବଂ ରସୁଲ୍‌ଙ୍କ ଉପରେ ଉତ୍ସର୍ଗ କରିଦେଇ କହିଲେ:

**ୱ୍କଫେ ରାହ୍ ତୁକୁଲମ୍ ଦର୍‌ଜାଁ ଦହିଅନ୍ଦମ୍ ସଦ୍‌ହଜାର୍**

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି: "ଖୁଦାତାଲାଙ୍କ ମାର୍ଗରେ ଜୀବନ ୱ୍କଫ କରିବା ଯାହା ହେଉଛି ପ୍ରକୃତ ଇସ୍‌ଲାମ୍ ତାହା ଦୁଇ ପ୍ରକାରର । ଗୋଟିଏ ହେଉଛି ଏହା କି ଖୁଦାତାଲାଙ୍କୁ ହିଁ ନିଜର ଉପାସ୍ୟ, ଉଦ୍ଦେଶ୍ୟ ଓ ପ୍ରୀୟ ଭାବରେ ଅଭିହିତ କରାଯାଉ ଓ ତାହାଙ୍କ ଉପାସନା, ତାହାଙ୍କ ପ୍ରତି ପ୍ରେମ ଓ ଭୟ ଓ ଆଶାରେ ଅନ୍ୟ କାହାକୁ ସମଭାଗି ନ କରାଯାଉ । ତାହାଙ୍କ ପବିତ୍ରତା ତାହାଙ୍କ ଗୁଣବର୍ଣ୍ଣନା ତାହାଙ୍କ ଉପାସନା କରିବାର ଶୈଳୀ ଏବଂ ତାହାଙ୍କ ନିର୍ଦ୍ଦେଶାବଳୀ ଏବଂ ତାହାଙ୍କ ସୀମା ନିର୍ଦ୍ଧାରଣ ଓ ଆକାଶୀୟ ନିଷ୍ପତି ସହୃଦୟତାର ସହିତ ଗ୍ରହଣ କରାଯାଉ ଏବଂ ଅତ୍ୟନ୍ତ ବିନମ୍ରତାର ସହିତ ସେହି ସମସ୍ତ ନିର୍ଦ୍ଦେଶାବଳୀ ଗୁଡ଼ିକ, ସୀମା, କାନୁନ୍ ଏବଂ ଐଶ୍ୱରିକ ଭାଗ୍ୟକୁ ସମ୍ପୂର୍ଣ୍ଣରୂପେ ମୁଣ୍ଡରେ ବହନ କରିନିଆଯାଉ ତତ୍‌ସହିତ ସେହି ସମସ୍ତ ପବିତ୍ର ସତ୍ୟତା ଏବଂ ପବିତ୍ର ଜ୍ଞାନ ଯାହା ତାହାଙ୍କ ବ୍ୟାପକ ଶକ୍ତିର ଜ୍ଞାନକୁ ଜାଣିବାର ଆଧାର ଓ ତାହାଙ୍କ ରାଜତ୍ୱର ଉଚ୍ଚ ପଦମର୍ଯ୍ୟାଦାକୁ ଜାଣିବାପାଇଁ ଗୋଟିଏ ମାଧ୍ୟମ ଓ ତାହାଙ୍କ ପୁରସ୍କାରକୁ ଚିହ୍ନିବା ପାଇଁ ଏକ ଶକ୍ତିଶାଳୀ ମାର୍ଗଦର୍ଶକ ଅଟେ । ତାକୁ ଭଲ ରୂପେ ଜାଣି ନିଆଯାଉ ।

ଦ୍ୱିତୀୟ ପ୍ରକାରଟି ହେଉଛି ଅଲ୍ଲାଃ ତାଲାଙ୍କ ମାର୍ଗରେ ଜୀବନ ଉତ୍ସର୍ଗ କରିବାର ଏହା କି ତାହାଙ୍କ ଭକ୍ତମାନଙ୍କର ସେବା, ସହାନୁଭୂତି, ରକ୍ଷଣାବେକ୍ଷଣା, ବିନମ୍ର ଭାବ ଏବଂ ସଚ୍ଚା ବେଦନାରେ ନିଜ ଜୀବନକୁ ଉତ୍ସର୍ଗ କରିଦିଆଯାଉ । ଅନ୍ୟମାନଙ୍କୁ ଆରାମ୍ ପହଂଚାଇବା ପାଇଁ ଦୁଃଖ ଉଠାଯାଉ ଓ ଅନ୍ୟମାନଙ୍କ ସୁବିଧା ପାଇଁ ନିଜ ଉପରେ କଷ୍ଟକୁ ଓ ଦୁଃଖକୁ ବହନ କରାଯାଉ ।

**(ଆଇନାଏ କମାଲାତେ ଇସ୍‌ଲାମ୍, ରୁହାନୀ ଖଜାଇନ୍ ଖଣ୍ଡ-୫, ପୃ-୬୦)**

ପୁଣି ଅଲ୍ଲାଃ ତାଲା ଆପଣ ଆ:ସଙ୍କୁ ଏଭଳି ନିଷ୍ଠାବାନ୍ ଗୁଲାମ୍ ପ୍ରଦାନ କରିଛନ୍ତି ଯେଉଁମାନେ ପୂର୍ବଯୁଗର ସ୍ମୃତିକୁ ତାଜା କରିଦେଲେ । ସେମାନଙ୍କର ମୂଖିଆ ହଜ୍‌ରତ୍ ମୌଲାନା ନୁରୁଦ୍ଦିନ୍, ସୟଦନା ମେହମୁଦ୍, ସୟଦନା ନାସିର୍, ସୟଦନା ତାହିର୍ ଏବଂ ସୟଦନା ମସ୍‌ରୁର୍ ଅ:ବ:ଅ ଅଛନ୍ତି । ସେହି ମେହେଦୀଙ୍କୁ ହଜ୍‌ରତ୍ ମୌଲାନା ଅବ୍‌ଦୁଲ୍ କରିମ୍ ସାହେବ୍, ମୌଲାନା ବୁର୍‌ହାଦ୍ଦିନ୍ ଏବଂ ମୌଲାନା ମୁଫ୍‌ତି ମୁହମ୍ମଦ ସାଦ୍ଦିକଙ୍କ ଭଳି ସେବକ ପ୍ରଦାନ କଲେ । ଯେଉଁମାନେ ସଂସାରକୁ ପରିତ୍ୟାଗ କରି ଈଶ୍ୱରଙ୍କୁ ଗ୍ରହଣ କଲେ ଏବଂ ମସିହ୍‌ଙ୍କ ସ୍ଥାନକୁ ଜଗୁଆଳି ହେବାକୁ ପସନ୍ଦ କଲେ ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି:

**ଇବ୍‌ତଦା ସେ ତେରେ ହି ସାୟା ମେଁ ମେରେ ଦିନ୍ କଟେ**

**ଗୋଦ୍ ମେଁ ତେରି ରହା ମେଁ ମିସ୍‌ଲେ ତିଫଲେ ଶୀର୍ ଖ୍ୱାର୍**

ହଦୀସ୍ କୁଦୁସିରେ ଆସୁଛି ହଜ୍‌ରତ୍ ଅନସ୍ ର:ଅ ରିୱାୟତ୍ କରୁଛନ୍ତି ଯେ, ନବୀ କରିମ୍ ସ:ଆ:ସ ଏହି ହଦୀସ୍ ନିଜ ପାଳନକର୍ତାଙ୍କ ନିକଟରେ ବର୍ଣ୍ଣନା କରୁଛନ୍ତି ଅଲ୍ଲାଃ ତାଲା କହୁଛନ୍ତି ଯେ, ଯେତେବେଳେ ଭକ୍ତ ମୋ ନିକଟକୁ ଗୋଟିଏ ଚାଖଣ୍ଡ ଆସିଥାଏ ମୁଁ ତା ନିକଟକୁ ଗୋଟିଏ ହାତ ଆଗକୁ ବଢ଼ିଥାଏ । ଯେତେବେଳେ ସେ ଗୋଟିଏ ହାତ ମୋ ନିକଟକୁ ଆସେ ମୁଁ ତା ନିକଟକୁ ଦୁଇ ହାତ ଯାଇଥାଏ ଏବଂ ଯେତେବେଳେ ସେ ମୋ ଆଡ଼କୁ ଚାଲି ଚାଲି ଆସେ ମୁଁ ସେତେବେଳେ ତା ନିକଟକୁ ଦଉଡ଼ି ଦଉଡ଼ି ଯାଇଥାଏ । **(ସହୀ ବୁଖାରୀ, କିତାବୁଲ୍ ତୌହିଦ୍...... ନଫ୍‌ସହୁ)**

ଏହି ବିଷୟକୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ଅଲ୍ଲାଃ ତାଲା ଐଶିବାଣୀ ଦ୍ୱାରା ବତାଇଲେ ଯେ, "ଯେ ତୁ ମେରା ହୋ ରହେଁ ସବ୍‌ଜଗ ତେରା ହୋ" ତେଣୁ ସାରା ବ୍ରହ୍ମାଣ୍ଡକୁ ୱ୍କିଫେ ଜିନ୍ଦଗୀଙ୍କ ପାଇଁ କାମରେ ଲଗାଇ ଦିଆଯାଇଅଛି । ସେ ଈଶ୍ୱରଙ୍କ କୃପା, କରୁଣା ଏବଂ ବର୍‌କତ୍‌ର ନିଦର୍ଶନ ହୋଇଯାଏ ।

ୱ୍କଫେ ଜିନ୍ଦଗୀ ମଧ୍ୟରେ ଜାତିର ଜୀବନ ରହିଥିବା ସମ୍ବନ୍ଧରେ ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ କହୁଛନ୍ତି ଯେ, ଏ ଦୁନିଆରେ ଧନ ଜରିଆରେ କେବେବି ତବ୍‌ଲିଗ୍ ହୋଇନାହିଁ ଯେଉଁ ଜାତି ଏକଥା ଭାବୁଛି ଯେ, ଟଙ୍କା ଜରିଆରେ ପୃଥିବୀର କୋଣ ଅନୁକୋଣରେ ନିଜର ତବ୍‌ଲିଗ୍‌କୁ ପହଂଚାଇ ଦେବ ତାହାଠାରୁ ଅଧିକା ମୂର୍ଖ ଓ ତାହାଠାରୁ ଅଧିକା ପାଗଳ ଜାତି ଏ ଦୁନିଆରେ ଆଉ କେହି ନାହାନ୍ତି । ଜୀବନର ଲକ୍ଷଣ ହେଉଛି ଏହା କି ତୁମମାନଙ୍କ ମଧ୍ୟରୁ ପ୍ରତ୍ୟେକ ବ୍ୟକ୍ତି ନିଜର ଜୀବନକୁ ନେଇ ଆଗକୁ ଆସନ୍ତୁ ଏବଂ ଏକଥା କୁହନ୍ତୁ ଯେ, ହେ ଅମୀରୁଲ୍ ମୁମିନିନ୍ ! ଇଏ ଖୁଦା ଓ ତାହାଙ୍କ ରସୁଲ୍, ତାହାଙ୍କ ଧର୍ମ ଓ ତାହାଙ୍କ ଇସ୍‌ଲାମ୍ ପାଇଁ ହାଜିର୍ ରହିଛି । ଯେଉଁ ଦିନ ତୁମେ ଏକଥା ବୁଝିଯିବ ଯେ, ତୁମର ଜୀବନ ତୁମର ହିଁ ନୁହେଁ ବରଂ ଇସ୍‌ଲାମ୍ ପାଇଁ ଏବଂ ଯେଉଁ ଦିନ ତୁମେ କେବଳ ହୃଦୟ ଭିତରେ ଏକଥା ଭାବିନାହିଁ ବରଂ କାର୍ଯ୍ୟରେ କରିବା ଆରମ୍ଭ କରିଦେଲ ସେହିଦିନ ତୁମେ ଏହା କହିପାରିବ ଯେ, ତୁମେ ହେଉଛ ଏକ ଜୀବନ୍ତ ଯମାତ୍ ।

ହଜୁର ପୁଣି କହିଛନ୍ତି: ତୁମଠାରୁ ଯାହା ଆଶା କରାଯାଉଅଛି ଓ ତାହା ଏକମାତ୍ର ମୋତାଲବା । ତାହା ହେଉଛି ତୁମ ଜୀବନର ମୋତାଲବା । ନା କେବଳ ତୁମକୁ ଏହି ମୋତାଲବା (ଡ଼ିମାଣ୍ଡ)କୁ ପୂରଣ କରିବା ଉଚିତ ବରଂ ସର୍ବଦା ଏହି ମୋତାଲବା ତୁମ ମନ ମସ୍ତିଷ୍କରେ ପ୍ରସ୍ତୁତ ହୋଇ ରହିବା ଉଚିତ । କାରଣ ତୁମ ମଧ୍ୟରେ ସେ ପର୍ଯ୍ୟନ୍ତ ସାହାସ ସୃଷ୍ଟି ହୋଇ ପାରିବନାହିଁ ଯେ ପର୍ଯ୍ୟନ୍ତ ତୁମେ ନିଜ ଜୀବନକୁ ଏକ ଅବାସ୍ତବ ଜିନିଷ ବୋଲି ଜାଣି ଧର୍ମ ପାଇଁ ତାକୁ ଉତ୍ସର୍ଗ କରିବା ନିମନ୍ତେ ସର୍ବଦା ପ୍ରସ୍ତୁତ ନ ହୋଇଛ । ***(ଖୁତ୍‌ବା ଯୁମା ପ୍ରଦତ ୧୧ ଜାନୁୟାରୀ ୧୯୩୫, ଖୁତ୍‌ବାତେ ମେହ୍‌ମୁଦ୍ ଖଣ୍ଡ-୧୬)***

ଆଜିର ଯୁଗ ଏକ ଲଗାମଛଡ଼ା ଘୋଡ଼ା ସଦୃଶ ଧ୍ୱଂସ ଆଡ଼କୁ ମୁହାଁଇଛି । ଅତଏବ୍ ଆମ୍ଭେ ଈଶ୍ୱରଙ୍କ ଦରବାରରେ ଏ ପ୍ରାର୍ଥନା କରୁଅଛେ ଯେ ସେ ଆମକୁ ସୁଲ୍‌ତାନୁଲ୍ କଲମ୍‌ଙ୍କ ଶିକ୍ଷାର ଆଲୋକରେ ଏ ଯୁଗର ଜିହାଦ୍‌ରେ ଆଗ ଧାଡ଼ିରେ ରହି ସେବା କରିବାକୁ ଶକ୍ତି ପ୍ରଦାନ କରନ୍ତୁ ଏବଂ ଆମ ୱ୍କଫ୍‌କୁ ସାଦରେ ଗ୍ରହଣ କରନ୍ତୁ । (ଆମିନ୍)

ତା'ପରେ ହଜୁର ଅନଓ୍ୱର ଅ:ବ:ଅ ଶ୍ରେଣୀଗତ ଶିକ୍ଷାର୍ଥୀମାନଙ୍କର ସଂଖ୍ୟା ବିଷୟରେ ଜାଣିଲେ ଓ ସବୁ ଶ୍ରେଣୀର ଛାତ୍ରମାନଙ୍କର ସଂଖ୍ୟାକୁ ମିଶାଇ କହିଲେ ଯେ, ମୋଟ ଛାତ୍ରମାନଙ୍କର ସଂଖ୍ୟା ହେଉଛି ଏତିକି । ଏଥିରେ ପ୍ରିନ୍ସିପାଲ୍ ସାହେବ୍ କହିଲେ ଯେ, ଜଣେ ଛାତ୍ର ମୁମାହିଦା ଶ୍ରେଣୀରେ ଆଡ଼ମିଶନ୍ କରିବାପରେ ଆଉ ଆସିନାହାନ୍ତି । ସେହିଭଳି ଆଉ ଗୋଟିଏ ପିଲା ଫେଲ୍ ହୋଇଛି । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, ଯଦି ଦୁଇଜଣ କମ୍ କରିଦିଆଯାଏ ତେବେ ୧୧୪ ଜଣ ଅଛନ୍ତି । ପ୍ରିନ୍ସିପାଲ୍ ସାହେବ କହିଲେ ଯେ, ହଜୁର ଅନଓ୍ୱର ଅ:ବ:ଅ ଯାହା କହିଛନ୍ତି ତାହା ସମ୍ପୂର୍ଣ୍ଣରୂପେ ଠିକ୍ ଓ ଏତେସଂଖ୍ୟାରେ ଛାତ୍ର ଆମର ଅଛନ୍ତି । ତା'ପରେ ହଜୁର ଅନଓ୍ୱର ଅ:ବ:ଅ କହିଲେ

*ଅବଶିଷ୍ଟାଂଶ ପୃଷ୍ଠା- ୧୦ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan